32 YEARS
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
e-paper www.sambadkalika.in
# ସମ୍ବାଦ କଳିକା
The Sambad Kalika TM
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
NS-EN ISO 9001:2008 The Only ISO Certified Odiya Newspaper
କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ
ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୧୬୬ ● ୧୬ ଜୁଲାଇ ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-166 ● 16th July 2026, Thursday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ଆଜି ପବିତ୍ର ଘୋଷଯାତ୍ରା : ସିଂହଦ୍ୱାର ସାମ୍ନାରେ ତିନିରଥ

# ଶୃଙ୍ଖଳିତ-ସୁରକ୍ଷିତ ରଥଯାତ୍ରା ପାଇଁ ପ୍ରଶାସନ ପ୍ରସ୍ତୁତ



**ପୁରୀ,୧୫।୭**
**ନ୍ୟୁଜ୍‌ବ୍ୟୁରୋ**

ଆଜି ବିଶ୍ୱପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ସିଂହଦ୍ୱାର ସମ୍ମୁଖରେ ତିନିରଥ ପ୍ରସ୍ତୁତ ରହିଛନ୍ତି। ଭାଇଭଉଣୀଙ୍କୁ ଧରି ରତ୍ନ ସିଂହାସନରୁ ଓହ୍ଲାଇ ଆସିବେ କାଳିଆ ସାଆନ୍ତ। ରଥ ଉପରୁ ଦେଖିବେ ବିଭୋର ଭକ୍ତଙ୍କୁ। ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କର ହେବ ଅପୂର୍ବ ମିଳନ। ମହାପ୍ରଭୁଙ୍କର ଘୋଷଯାତ୍ରା ପାଇଁ ସବୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ଏଠି ରଥ, ପଥ, ଭକ୍ତ ସମସ୍ତେ ସେଇ ମହାର୍ଘ ମୁହୂର୍ତ୍ତର ଅପେକ୍ଷାରେ।

ରଥଯାତ୍ରା ପାଇଁ ଛତିଶା ନିଯୋଗ, ନୀତି ସବ୍ କମିଟି ଓ ଶ୍ରୀମନ୍ଦିର ପରିଚାଳନା କମିଟି ସ୍ୱୀକୃତି କ୍ରମେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଗୁରୁବାର ସକାଳ ୬ଟା ସୁଦ୍ଧା ମଙ୍ଗଳ ଆଳତି, ୬ଟା ୧ ରୁ ୬ ଟା ୩୦ ସୁଦ୍ଧା ମଇଲମ ଓ ତଡ଼ପଲାଗି, ୬ଟା ୩୦ରେ ରୋଷ ହୋମ, ସକାଳ ୭ଟା ଅବକାଶ ନୀତି, ୭ଟା ୧୦ ସୂର୍ଯ୍ୟପୂଜା, ୭ଟା ୩୦ ଦ୍ୱାରପାଳ ପୂଜା କରାଯାଇ ୭ଟା ୩୦ରେ ବେଶ ଶେଷ ହେବ।

ସକାଳ ୮ରୁ ୯ଟା ମଧ୍ୟରେ ହେବ ସକାଳ ଧୂପ ନୀତି। ସକାଳ ୯ଟାରେ ରଥ ପ୍ରତିଷ୍ଠା, ୯ଟା ୧୫ରେ ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହେବ। ସକାଳ ୯ ଟା ୩୦ରେ ପହଣ୍ଡି ଆରମ୍ଭ କରିବା ପାଇଁ ନୀତି ନିର୍ଘଣ୍ଟ ହୋଇଛି। ୧୨ଟା ୩୦ ସୁଦ୍ଧା ପହଣ୍ଡି ଶେଷ କରି ୧୨ଟା ୩୦ ରୁ ୧ଟା ମଧ୍ୟରେ ଶ୍ରୀମଦନ ମୋହନ, ଶ୍ରୀରାମ, ଶ୍ରୀକୃଷ୍ଣ ବିଜେ ହେବେ। ୧.୩୦ ରୁ ୨.୦୦ ଟା ମଧ୍ୟରେ ଚିତାଲାଗି, ୧.୩୦ ରୁ ୨.୩୦ ବେଶ ଶେଷ, ଅପରାହ୍ଣ ୨ଟାରୁ ୩ଟା ମଧ୍ୟରେ ଗଜପତି ମହାରାଜାଙ୍କ ଦ୍ୱାରା ରାଜ-ନୀତି ଓ ଛେରାପହଁରା ହେବା ନେଇ ନୀତି ନିର୍ଘଣ୍ଟ (ପୃଷ୍ଠା ୭ରେ)

## ଡିଜିଟାଲ ହୁଣ୍ଡି ସମର୍ପଣର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ପୁରୀ,୧୫।୭**
**ନ୍ୟୁଜ୍‌ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱବ୍ୟାପୀ ଭକ୍ତଙ୍କ ଆଧ୍ୟାତ୍ମିକ ଆସ୍ଥାକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏକ ଅତି ସୁନ୍ଦର, ଭକ୍ତିପୂତ ଡିଜିଟାଲ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ପବିତ୍ର ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ବୁଧବାର ପୁରୀ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟାଧୁନିକ ଡିଜିଟାଲ ହୁଣ୍ଡି 'ସମର୍ପଣ'ର ଶୁଭାରମ୍ଭ କରିଛନ୍ତି।

ଏହି ଐତିହାସିକ ପଦକ୍ଷେପଟି ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନରେ ଥିବା ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମିଳିତ ସହଯୋଗରେ ଆରମ୍ଭ କରାଯାଇଛି। ଓକାକ୍ ଦ୍ୱାରା ବିକଶିତ ହୋଇଥିବା ଏହି ନିରାପଦ ଡିଜିଟାଲ ପ୍ଲାଟଫର୍ମକୁ ଶ୍ରୀମନ୍ଦିର ପ୍ରଶାସନର ଅଫିସିଆଲ୍ ପୋର୍ଟାଲ ସହିତ ସଂଯୁକ୍ତ କରାଯାଇଛି, ଯାହା ଭକ୍ତ (ପୃଷ୍ଠା ୭ରେ)

# ୨ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

### ଖର୍ଚ୍ଚ ହେବ ୩,୯୦୭ କୋଟି



**ନୂଆଦିଲ୍ଲୀ,୧୫।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ୍ ଅର୍ଥନୈତିକ ବ୍ୟାପାର କମିଟି ରେଳ ମନ୍ତ୍ରଣାଳୟର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମଲ୍ଟିଟ୍ରାକିଂ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ପ୍ରକଳ୍ପଗୁଡ଼ିକର ମୋଟ ଆନୁମାନିକ ବ୍ୟୟ ୩,୯୦୭ କୋଟି ଟଙ୍କା ରହିଛି। ଏହି ଦୁଇ ପ୍ରକଳ୍ପ ଦ୍ୱାରା ଓଡ଼ିଶା ଏବଂ ଝାଡ଼ଖଣ୍ଡ ରାଜ୍ୟ ବିଶେଷ ଭାବାରେ ଉପକୃତ ହେବ। ଏହି ପ୍ରକଳ୍ପ ଦ୍ୱାରା ରେଳ କ୍ଷମତା ବୃଦ୍ଧି ସହ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆସିବ ଏବଂ ମାଲ୍ ପରିବହନ ବ୍ୟବସ୍ଥା ସୁଦୃଢ଼ ହେବ। ପାରାଦୀପ-ହରିଦାସପୁର ରେଳ ଲାଇନ ଦୋହରୀକରଣ ପ୍ରକଳ୍ପ ଏବଂ ରାଜଖରସୁଆଁ-ଡାଙ୍ଗୁଆପୋଷୀ ଚତୁର୍ଥ ଲାଇନ୍ ପ୍ରକଳ୍ପ ଦ୍ୱୟ ୨୦୩୦-୩୧ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଧାର୍ଯ୍ୟ କରାଯାଇଛି। କ୍ୟାବିନେଟ୍ ବୈଠକ ପରେ ରେଳ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକ 'ପିଏମ୍ ଗତି ଶକ୍ତି' ଜାତୀୟ ମାଷ୍ଟର ପ୍ଲାନ ସହିତ ସମାନ ଭାବେ କାର୍ଯ୍ୟ କରିବ, ଯାହା ମଲ୍ଟିମୋଡାଲ କନେକ୍ଟିଭିଟି ଏବଂ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା ପାଇଁ ସମନ୍ୱିତ ଭିତ୍ତିଭୂମି ଯୋଜନା ଉପରେ ଗୁରୁତ୍ୱ ଦେଉଛି। ଏହି ପ୍ରକଳ୍ପ ଦ୍ୱାରା ରେଳ କ୍ଷମତା ବୃଦ୍ଧି ପାଇବା ସହିତ ଗତିଶୀଳତା, କାର୍ଯ୍ୟକ୍ଷମତା ଏବଂ ସେବାର ନିର୍ଭରଯୋଗ୍ୟତାରେ ବଡ଼ ଧରଣର ସୁଧାର ଆସିବ। ଏଥିସହିତ ପ୍ରମୁଖ ମାଲ ପରିବହନ କରିଡରଗୁଡ଼ିକରେ ଭିଡ଼ ମଧ୍ୟ କମିବ।

ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ 'ନୂତନ ଭାରତ' ସଂକଳ୍ପକୁ ସାକାର କରିବ। ଏଗୁଡ଼ିକ ସାମଗ୍ରିକ ବିକାଶ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ସ୍ୱାବଲମ୍ବୀ ବା 'ଆତ୍ମନିର୍ଭର' କରିବା ସହ ରୋଜଗାର ସୁଯୋଗ (ପୃଷ୍ଠା ୭ରେ)

## ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ ଓ ବୈଜୟନ୍ତ

**ଭୁବନେଶ୍ୱର,୧୫।୭**
**ନ୍ୟୁଜ୍‌ବ୍ୟୁରୋ**

ପାରାଦୀପ-ହରିଦାସପୁର ରେଳ ଲାଇନ ଦୋହରୀକରଣ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ସୋସିଆଲ ମିଡିଆ ଆକାଉଣ୍ଟ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ଏହି ପ୍ରକଳ୍ପ ପାରାଦୀପ ବନ୍ଦରକୁ ରେଳ ସଂଯୋଗୀକରଣରେ ଉନ୍ନତି ଆଣିବ। ମାଲ୍ ପରିବହନ ବୃଦ୍ଧି ହେବ, ଯାତ୍ରୀ ଏବଂ ସାମଗ୍ରୀର ଅଧିକ ପରିବହନ ସୁନିଶ୍ଚିତ କରିବ। ଏହା ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଅଧୀନରେ ଏକ ପ୍ରମୁଖ ଲଜିଷ୍ଟିକ୍ସ ଏବଂ ଶିଳ୍ପ ହବ୍ ଭାବରେ ଓଡ଼ିଶାର ଭୂମିକାକୁ ଆହୁରି ସୁଦୃଢ଼ କରିବ। ଅଭିବୃଦ୍ଧି ଏବଂ ନିଯୁକ୍ତି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ।

ପାରାଦୀପ-ହରିଦାସପୁର ରେଲୱେ ଲାଇନ୍ ଦୋହରୀକରଣ ମଞ୍ଜୁରୀ ପାଇଁ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ଦୋହରୀକରଣ (ପୃଷ୍ଠା ୭ରେ)

## ଏକାଳ ପଖାଳ



ରଥପରେ ବିଜେ କଲା ଠାକୁର
ସାଙ୍ଗରେ ଭଉଣୀ ଭାଇ
ଭକତ ପାଖରେ ମହାବାହୁ ଆଜି
ଭକ୍ତ ବି ଆସିଛି ଧାଇଁ
ଦରଶନ ଟିକେ ପାଇ
ଜନ୍ମ ଜନ୍ମାନ୍ତରୁ ମୁକ୍ତି ମିଳିଯିବ
ଆହେ ବ୍ରହ୍ମ ଭାବଗ୍ରାହୀ।

## ସିବିଏସଇ ଅନ୍-ସ୍କ୍ରିନ୍ ମାର୍କିଂ ବ୍ୟବସ୍ଥା ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

**ନୂଆଦିଲ୍ଲୀ,୧୫।୭**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡରେ ଅନ୍-ସ୍କ୍ରିନ୍ ମାର୍କିଂ ବ୍ୟବସ୍ଥାକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇବାରୁ ବୁଧବାର ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଶୁଣାଣି ସମୟରେ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ କହିଥିଲେ, "ଦେଖନ୍ତୁ, ଏହି ଛୋଟ ପିଲାମାନେ କେତେ ହତାଶ।" କୋର୍ଟ କହିଛନ୍ତି ଯେ ସରକାରଙ୍କ ସହ କୌଣସି ମୁକାବିଲା କରିବା ଏହାର ଉଦ୍ଦେଶ୍ୟ ନୁହେଁ, କିନ୍ତୁ ବର୍ତ୍ତମାନର ମୂଲ୍ୟାଙ୍କନ



ବ୍ୟବସ୍ଥାରେ କିଛି ସମସ୍ୟା ରହିଥିବାର ସଙ୍କେତ ମିଳୁଛି। ତେବେ ବର୍ତ୍ତମାନର ଅନ୍-ସ୍କ୍ରିନ୍ ମାର୍କିଂ ବ୍ୟବସ୍ଥାରେ କିଛି ତ୍ରୁଟି ଥିବା ଅଭିଯୋଗକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଏହି ପ୍ରସଙ୍ଗରେ ସିବିଏସଇ ପକ୍ଷରୁ କେଉଁ (ପୃଷ୍ଠା ୭ରେ)

## ବୌଦ୍ଧ ଐତିହ୍ୟ-ଆଧ୍ୟାତ୍ମିକ ପର୍ଯ୍ୟଟନର ବିକାଶ ପାଇଁ ବୁଝାମଣାପତ୍ର

**ଭୁବନେଶ୍ୱର,୧୫।୭**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ସମୃଦ୍ଧ ବୌଦ୍ଧ ସଂସ୍କୃତିର ସଂରକ୍ଷଣ ଏବଂ ପ୍ରସାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ବୁଧବାର ଲୋକସେବା ଭବନଠାରେ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜିରାଙ୍ଗସ୍ଥିତ ଗୁରୁ ପଦ୍ମସମ୍ଭବ ବୌଦ୍ଧ ମହାବିହାର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶାକୁ ବୌଦ୍ଧ ଐତିହ୍ୟ, ଆଧ୍ୟାତ୍ମିକତା, ଗବେଷଣା ଏବଂ ସାଂସ୍କୃତିକ ପର୍ଯ୍ୟଟନ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ମାନ୍ୟତାପ୍ରାପ୍ତ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାରଙ୍କ ଯେଉଁ ସଂକଳ୍ପ ରହିଛି, ଏହି ଭାଗିଦାରୀ ତାହାକୁ ଆହୁରି ସୁଦୃଢ଼



କରିବ। ଉପମୁଖ୍ୟମନ୍ତ୍ରୀ, ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡ଼ା ଓ ଯୁବସେବା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଜିରାଙ୍ଗ ଗୁରୁ ପଦ୍ମସମ୍ଭବ ବୌଦ୍ଧ ମହାବିହାରର ସଭାପତି ହିଜ୍ ଏମିନେନ୍ସ ଗ୍ୟେତ୍ରୁଲ ଜିଗ୍ମେ ରିନପୋଛେଙ୍କ ସମ୍ମାନଜନକ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ବରିଷ୍ଠ ପଦାଧିକାରୀ, ବୌଦ୍ଧ ସନ୍ନ୍ୟାସୀ ସମ୍ପ୍ରଦାୟର ସଦସ୍ୟ ଏବଂ (ପୃଷ୍ଠା ୭ରେ)

## ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା

**ଭୁବନେଶ୍ୱର,୧୫।୭**
**ନ୍ୟୁଜ୍‌ବ୍ୟୁରୋ**

ବଙ୍ଗୋପସାଗରରେ ସକ୍ରିୟ ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି। ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ପାଖାପାଖି ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ସଂଲଗ୍ନ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନରୁ ୭.୬ କିଲୋମିଟର ପର୍ଯ୍ୟନ୍ତ ରହିଛି। ଏହାକୁ ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆସିଛି ଗୁରୁତ୍ୱପୂର୍ଣ୍ଣ ସୂଚନା।

ଆଇଏମଡିର ଆକଳନ ଅନୁସାରେ ଏହି ଲଘୁଚାପ କ୍ଷେତ୍ର ଆଗାମୀ ୨ ଦିନ ମଧ୍ୟରେ ଉତ୍ତର ଓଡିଶା ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗ ପ୍ରଦେଶ ଦେଇ ଉତ୍ତର-ପଶ୍ଚିମ ଆଡକୁ ଗତି କରିବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଓଡ଼ିଶାରେ (ପୃଷ୍ଠା ୭ରେ)




ସତ୍ୟମେବ ଜୟତେ

### ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା-୨୦୨୬ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ। ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି।

(ହରି ବାବୁ କମ୍ଭମପାଟି)

15001/83/2627



### ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ !

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ତଥା ବିଶ୍ୱର କୋଣ ଅନୁକୋଣରେ ଥିବା ମହାପ୍ରଭୁଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ଭ୍ରାତୃତ୍ୱ ଓ ସମାନତାର ପ୍ରତୀକ । ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ଜାତି, ଧର୍ମ ଓ ଭେଦଭାବ ଭୁଲି ସମସ୍ତଙ୍କୁ ଏକାଠି ବାନ୍ଧି ରଖୁଥିବାର ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ ।

ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/15001/2/26-27/0083

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୬ ଜୁଲାଇ ୨୦୨୬ ଗୁରୁବାର





# ଏକ୍ସପାରି ବିସ୍କୁଟ ବିକି ବନ୍ଧା ହେଲେ ବାପପୁଅ

**ବାଲିପାଟଣା, ନ୍ୟୁଜ ବ୍ୟୁରୋ**

ଅନେକ ଦିନ ହେଲା ଅବଧି ସରିଯାଇଥିବା ଅବ୍ୟବହୃତ ଖାଦ୍ୟ ସାମଗ୍ରୀ କଳାବଜାରୀର ପର୍ଦ୍ଦାଫାଶ ହୋଇଛି । ଏହି ଘଟଣାରେ ଚଣାହଟ୍ଟାର ମୂଳ ବାସିନ୍ଦା ତଥା ଗାରେଡ଼ିପାଞ୍ଚଣରେ ରହୁଥିବା କୃଷ୍ଣଚନ୍ଦ୍ର ସାହୁ (୫୫) ଏବଂ କୃଷ୍ଣଙ୍କ ପୁଅ ଲିଙ୍ଗରାଜ ବେହେରା (୨୫)ଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ପୁଲିସକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି । ତେବେ ଏହି ବେଆଇନ ଓ ଲୋକଙ୍କ ଜୀବନ ବିପଦ ସୃଷ୍ଟି କରୁଥିବା ଖାଦ୍ୟ ସାମଗ୍ରୀ କାରବାର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ସାଧାରଣ ଜନତା । ପୁଲିସ ସୂଚନା ଅନୁସାରେ, କୃଷ୍ଣ ୪ରୁ ୫ ବର୍ଷ ପୂର୍ବରୁ ଏକ୍ସପାରି ହୋଇଥିବା ବିସ୍କୁଟ, କେକ୍, ଚୂଡ଼ା ଗୁଣ୍ଡ, ମିକ୍ସଚର, ସେଣ୍ଟ, ରୋଷେଇ ମସଲା, ବାସ୍ନା ତେଲ, ଛଣା ସେଓ, ବଡି ସ୍ପ୍ରେ, କ୍ରିମ୍, ଅତର, ବାସ୍ନା ତେଲ ଆଦି ଅନେକ ରଦ୍ଦି ମାଲ୍ କିଣି ଏହାକୁ ଅସାଧୁ ଉପାୟରେ ବିକ୍ରି କରୁଥିଲା । ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ୟାକେଟ୍‌ରୁ ଖାଦ୍ୟ ପ୍ରସ୍ତୁତ ତାରିଖ, ଏକ୍ସପାରି ଡେଟ୍, ସାମଗ୍ରୀ ମୂଲ୍ୟ, ବ୍ୟାଚ୍ ନମ୍ବର ଜାଲିଆତି କରି ସ୍ଥାନୀୟ ବଜାରରେ ବିକ୍ରି କରୁଥିଲା । ଗତକାଲି ଘଟଣା ଲୋକଲୋଚନକୁ ଆସିବା ପରେ ଘଟଣା ସାମ୍ନାକୁ ଆସିଥିଲା । ଖୋର୍ଦ୍ଧା ଓ ଟାଙ୍ଗୀ ଖାଦ୍ୟ ସୁରକ୍ଷା ଅଧିକାରୀ ଏବଂ ପୁଲିସ ଯାଞ୍ଚରୁ ଅନେକ ଗୁରତ୍ୱପୂର୍ଣ୍ଣ ତଥ୍ୟ ହାସଲ ହେବା ସହ ବହୁ ପରିମାଣରେ ବାସୀ ଖାଦ୍ୟ ଜବତ ହୋଇଥିଲା । ପୁଲିସ ନିଜ ଆଡୁ ମାମଲା ରୁଜୁ କରିବା ସହ କଡ଼ା ଦଫା ଲଗାଇ କୃଷ୍ଣ ଓ ତା' ପୁଅ ଲିଙ୍ଗରାଜକୁ ଗିରଫ କରି ବାଲିପାଟଣା ଥାନାରେ ମାମଲା ରୁଜୁ କରି ବିଭିନ୍ନ ସଙ୍ଗିନ ଦଫାରେ କୋର୍ଟଚାଲାଣ କରିଛି । ତେବେ କୃଷ୍ଣର ଏହି ଜାଲିଆତି ବେପାରର ଚେର କେତେ ଲମ୍ବା ତାହା ତଦନ୍ତ ପରେ ସ୍ପଷ୍ଟ ହୋଇପାରିନାହିଁ । କୃଷ୍ଣର ଅନ୍ୟ ଜାଲିଆତି ବେପାରର ପର୍ଦ୍ଦାଫାଶ ହେବା ଦରକାର ବୋଲି ସାଧାରଣରେ ଦାବି ହେଉଛି ।

# ଓଡ଼ିଶାରେ ହେବ ୩ଟି ଆଣବିକ ଶକ୍ତି ପ୍ରକଳ୍ପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶକ୍ତି ଚାହିଦା ପୂରଣ କରିବା ଦିଗରେ କ୍ଷୁଦ୍ର ଆଣବିକ ଶକ୍ତି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି । ଓଡ଼ିଶାରେ ଏଭଳି ପ୍ରକଳ୍ପ ସ୍ଥାପନ କରିବାକୁ ବିଭିନ୍ନ ସଂସ୍ଥା ଆଗ୍ରହ ଦେଖାଇଛନ୍ତି । ବର୍ତ୍ତମାନ ସୁଦ୍ଧା ଦେଶର ତିନିଟି ପ୍ରମୁଖ ସଂସ୍ଥା ଟାଟା ପାୱାର, ଏନ୍‌ଟିପିସି ଓ ନବୀନ ଜିନ୍ଦଲଙ୍କ ଜିନ୍ଦଲ ଗ୍ରୁପ୍ ରାଜ୍ୟରେ କ୍ଷୁଦ୍ର ଆଣବିକ ରିଆକ୍ଟର ଆଧାରିତ ପ୍ରକଳ୍ପ ସ୍ଥାପନ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । କିଛି ଦିନ ପୂର୍ବେ ଟାଟା ପାୱାର ପକ୍ଷରୁ କୁହାଯାଇଥିଲା ଯେ ୨୨୦ ମେଗାୱାଟ୍ ବିଶିଷ୍ଟ କ୍ଷୁଦ୍ର ମଡ୍ୟୁଲାର ରିଆକ୍ଟର (ଏସ୍‌ଏମ୍‌ଆର) ସ୍ଥାପନ କରିବା ପାଇଁ ଏହା ନ୍ୟୁକ୍ଲିୟର ପାୱାର କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇଏଲ୍) ସହିତ ସହଯୋଗିତା କରିଛି । ଓଡ଼ିଶା ସରକାର ଓ ଆଉ କିଛି ରାଜ୍ୟ ସହ କମ୍ପାନି ଆଲୋଚନା କରୁଛି । ତେବେ ଓଡ଼ିଶାରେ ଜମି ଅଧିଗ୍ରହଣ ଓ ଆବଣ୍ଟନକୁ ନେଇ କିଛିଟା ସମସ୍ୟା ରହିଥିବା ଜଣାପଡ଼ିଛି । ବର୍ତ୍ତମାନ କମ୍ପାନି ପ୍ରକଳ୍ପ ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ କରିବା ଓ ଡିଟେଲ୍‌ଡ



ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରିବା କାର୍ଯ୍ୟ କରୁଛି ।

ସେହିପରି, ଏନ୍‌ଟିପିସି ମଧ୍ୟ ୨୦୪୭ ସୁଦ୍ଧା ୩୦ ଗିଗାୱାଟ୍‌ର ଆଣବିକ ଶକ୍ତି କ୍ଷମତା ବିଶିଷ୍ଟ ପ୍ରକଳ୍ପ ସ୍ଥାପନ କରିବାକୁ ଯୋଜନା ରଖିଛି । ସେହି ଯୋଜନାର ଅଂଶସ୍ୱରୂପ କମ୍ପାନି ଓଡ଼ିଶାରେ ମଧ୍ୟ ପ୍ରକଳ୍ପ ସ୍ଥାପନ କରିବା ଉପରେ ବିଚାର କରୁଛି । ଏନ୍‌ଟିପିସି ମଧ୍ୟ ଏନ୍‌ପିସିଆଇଏଲ୍ ଓ ଓଡ଼ିଶା ସରକାରଙ୍କ ସହ ମିଶି ପ୍ରକଳ୍ପ ପାଇଁ ଉପଯୁକ୍ତ ସ୍ଥାନ ଚୟନ କରିବା ଦିଗରେ କାର୍ଯ୍ୟ କରୁଛି । କମ୍ପାନି ଉପକୂଳ ଅଞ୍ଚଳରେ ଏହାର ପ୍ରକଳ୍ପ ସ୍ଥାପନ କରିବାକୁ ପ୍ରାଥମିକତା ଦେବ ଯେଉଁଠାରେ ନିରନ୍ତର ଜଳ ଯୋଗାଣର ବ୍ୟବସ୍ଥା ରହିଥିବ । ଟାଟା ଓ ଏନ୍‌ଟିପିସି ବ୍ୟତୀତ ଶିଳ୍ପପତି ନବୀନ ଜିନ୍ଦଲଙ୍କ ଜିନ୍ଦଲ ଗ୍ରୁପ୍ ମଧ୍ୟ ଆଣବିକ ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଯୋଜନା ରଖିଛି । କମ୍ପାନି ଓଡ଼ିଶା, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଝାଡ଼ଖଣ୍ଡ ଓ ଛତିଶଗଡ଼ ଭଳି ରାଜ୍ୟରେ ଏହି ପ୍ରକଳ୍ପଗୁଡ଼ିକୁ ସ୍ଥାପନ କରିବାକୁ ଚାହୁଁଛି । ଓଡ଼ିଶା ଓ ଗୁଜରାଟରେ ପ୍ରକଳ୍ପ କରିବାକୁ କମ୍ପାନି ଗମ୍ଭୀରତାର ସହ ବିଚାର କରୁଛି । ଜମି ଉପଲବ୍ଧତା, ଜଳ ସମ୍ବଳ, ଭୌଗୋଳିକ ସ୍ଥିତି, ସଞ୍ଚରଣ ସଂଯୋଗ, ନିୟାମକ ସୁବିଧା ଓ ପ୍ରକଳ୍ପର ଦୀର୍ଘକାଳୀନ ସ୍ଥାୟିତ୍ୱ ଭଳି ମାନଦଣ୍ଡ ବିଚାରକୁ ନେଇ କମ୍ପାନି ପ୍ରକଳ୍ପ ସ୍ଥଳ ଚୟନ କରିବା ଦିଗରେ କାମ କରୁଛି । କମ୍ପାନି ୭୦୦ ମେଗାୱାଟ୍ ଓ ତାଠାରୁ ଅଧିକ କ୍ଷମତାର ବଡ଼ ମଡ୍ୟୁଲ୍ ରିଆକ୍ଟର (ଏଲ୍‌ଏମ୍‌ଆର) ସ୍ଥାପନ କରିବା ଯୋଜନା ରଖିଛି ।

# ପଶ୍ଚିମ ଓଡ଼ିଶା ପାଇଁ ଆଲୋକବର୍ତ୍ତିକା ରାଉରକେଲା ବାଳସୁଧାର ଗୃହ

## ସୁନ୍ଦର ଭବିଷ୍ୟତ ପାଇଁ ମିଳୁଛି ବିଭିନ୍ନ ଶିକ୍ଷା

**ରାଉରକେଲା,ନ୍ୟୁଜ ବ୍ୟୁରୋ**

ପରିପକ୍ୱତା ଅଭାବରୁ ପରିସ୍ଥିତିରେ ପଡ଼ି କୌଣସି ଅପରାଧ ଘଟାଉଥିବା ନାବାଳକଙ୍କ ନୂଆ ଭବିଷ୍ୟତ ଗଢୁଛି ରାଉରକେଲା ସହରର ଟିସ୍କୋ କଲୋନିରେ ରହିଥିବା ବାଳସୁଧାର ଗୃହ । ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଦିଆଯାଉଛି ଶିକ୍ଷା । ସିଲେଇ ଶିକ୍ଷାଠୁ ନେଇ ବିଦ୍ୟୁତ ସରଞ୍ଜାମ ମରାମତି ପାଇଁ ତାଲିମ ନେଇଛନ୍ତି ସେମାନେ । ସଙ୍ଗୀତ ଶିକ୍ଷା ହାସଲ ପ୍ରକ୍ରିୟାରେ କିଏ ତବ୍‌ଲା ବଜାଉଛି ତ ଆଉ କିଏ ପିଆନୋ । କେହି କେହି ପ୍ରଶିକ୍ଷଣ ଆଧାରରେ ଅଦରକାରୀ କାଗଜ ଓ ଚକୋଲେଟ୍ ଜରିରେ ତିଆରି କରୁଛନ୍ତି ସୁନ୍ଦର ସୁନ୍ଦର ସାମଗ୍ରୀ । ମାଟିର ଖପର ଏବଂ ନଡିଆ ସଢ଼େଇରେ ଆଙ୍କୁଛନ୍ତି ଭଳିକି ଭଳି ଚିତ୍ର । ଏହିସବୁ ଶିକ୍ଷାଦାନ ଯୋଗୁଁ ଭୁଲ କରି ବାଳସୁଧାର ଗୃହକୁ ଆସୁଥିବା ପିଲାମାନଙ୍କ ମଧ୍ୟରୁ ଅଧିକାଂଶ ନିଜକୁ ପରିବର୍ତ୍ତନ ମୁହାଁ କରିବା ସହିତ ନିଜର ନୂଆ ଭବିଷ୍ୟତ ଗଢିବାରେ ସଫଳ ହେଉଛନ୍ତି ।



ସହରର ଛେଣ୍ଡ କଲୋନି ନିକଟସ୍ଥ ଟିସ୍କୋ କଲୋନୀରେ ଥିବା ବାଳସୁଧାର ଗୃହ ୧୯୮୬ ମସିହା ଅଗଷ୍ଟ ୩୧ରେ ସ୍ଥାପିତ ହୋଇଛି । ଏଠାରେ ପ୍ରାୟ ୧୨୫ ଜଣ ଅନ୍ତେବାସୀ ରହିବା ବ୍ୟବସ୍ଥା ରହିଛି । ପଶ୍ଚିମ ଓଡ଼ିଶାର ପ୍ରାୟ ୭ଟି ଜିଲ୍ଲା ପାଇଁ ଏହା ହେଉଛି ଏକମାତ୍ର ବାଳସୁଧାର ଗୃହ । ସବିଶେଷ ସୂଚନା ଅନୁଯାୟୀ, ଏଠାରେ ପ୍ରାୟ ୮୦ରୁ ୯୦ ଜଣ ଅନ୍ତେବାସୀ ରହିଛନ୍ତି । ସପ୍ତାହର ସାତ ଦିନ ଧରି ସେମାନଙ୍କୁ ଭିନ୍ନଭିନ୍ନ ପ୍ରକାରର ଜଳଖିଆ, ମଧ୍ୟାହ୍ନ ଓ ରାତ୍ରୀ ଭୋଜନ ଦିଆଯାଉଛି ।

ଏଠାରେ ରହୁଥିବା ଅନ୍ତେବାସୀଙ୍କ ମନରେ ଯେପରି ନକାରାତ୍ମକ ଚିନ୍ତାଧାରା ନ ଆସେ, ସେଥିପାଇଁ ବାଳସୁଧାର ଗୃହରେ ସେମାନଙ୍କୁ ବିଭିନ୍ନ ପ୍ରକାର ଶିକ୍ଷା ପ୍ରଦାନ କରାଯାଉଛି । ଅନେକ ଏଠାରେ ରହି ପାଠ ପଢୁଛନ୍ତି । ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ଅନ୍ତେବାସୀ କୃତକାର୍ଯ୍ୟ ହୋଇଛନ୍ତି । ବାଳସୁଧାର ଗୃହରେ ଅନ୍ତେବାସୀଙ୍କ ଅଧ୍ୟୟନ ପାଇଁ ପ୍ରାୟ ୫ହଜାରରୁ ଅଧିକ ପୁସ୍ତକଥିବା ଲାଇବ୍ରେରି ରହିଛି । ସଙ୍ଗୀତ ଶିକ୍ଷା ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ରହିଛି । ସେଠାରେ ସମସ୍ତ ପ୍ରକାର ବାଦ୍ୟଯନ୍ତ୍ର ରହିଥିବା ବେଳେ ଖୋଦ୍ ଅନ୍ତେବାସୀ ସେସବୁ ବଜାଇ ସଙ୍ଗୀତ ଶିକ୍ଷା ନେଉଛନ୍ତି । ବିନା ତାଲିମରେ କେତେକ ଅନ୍ତେବାସୀ ନିଜସ୍ୱ ପ୍ରଚେଷ୍ଟାରେ ଚକୋଲେଟ୍ ଓ ବିସ୍କୁଟ ଜରି ସମେତ ପୁରୁଣା ଖବର କାଗଜରେ ସୁନ୍ଦର ସୁନ୍ଦର ଘରକରଣା ଜିନିଷ ତିଆରି କରି ନିଜ ପାଠପଢ଼ା କକ୍ଷର ଶୋଭା ବର୍ଦ୍ଧନ କରିଛନ୍ତି । ବାଳସୁଧାର ଗୃହରେ ରହୁଥିବା ଅନ୍ତେବାସୀଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇବା ଲାଗି ଏଠି କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଉଛି ।

# ଲକ୍ଷ୍ୟ ଛୁଉଁନି କୁକୁର ବନ୍ଧ୍ୟାକରଣ: ୪୭ହଜାରରୁ ବର୍ଷକରେ ସରିଛି ୯୭୫୬

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବର୍ଷକ ତଳେ ବିଏମ୍‌ସି କୁକୁର ବନ୍ଧ୍ୟାକରଣ ଆରମ୍ଭ କରିଥିଲା । ରାଜ୍ୟ ବାହାରର ଘରୋଇ ସଂସ୍ଥା ସହଯୋଗରେ ୩ ବର୍ଷରେ ସବୁ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ସାରିବାକୁ ଟେଣ୍ଡର ବି ଦିଆଗଲା । ଲକ୍ଷ୍ୟ ଥିଲା, ବୁଲା କୁକୁରଙ୍କ ସଂଖ୍ୟା ହ୍ରାସ କରି ରାଜଧାନୀବାସୀଙ୍କୁ କୁକୁର କାମୁଡ଼ା, ଦୁର୍ଘଟଣା ଭଳି ଦୁର୍ଦ୍ଦଶାରୁ ମୁକ୍ତି ଦେବା । କିନ୍ତୁ ବନ୍ଧ୍ୟାକରଣର ମନ୍ଥର ଗତି ଏବେ ଚିନ୍ତାର କାରଣ ପାଲଟିଛି । ଯେଉଁଠି ମାସିକ ୧ହଜାର କୁକୁରଙ୍କ ବନ୍ଧ୍ୟାକରଣ ଲକ୍ଷ୍ୟ ରଖାଯାଇଥିଲା, ସେଠି ମାସକୁ ୬ ଶହରୁ ୭ଶହ ବନ୍ଧ୍ୟାକରଣ ହେଉଛି । ଏଭଳି ସ୍ଥିତିରେ ପ୍ରାୟ ୪୭ ହଜାର କୁକୁରଙ୍କ ବନ୍ଧ୍ୟାକରଣ ୩ ବର୍ଷରେ ସରିବ ତ? ଏଭଳି କିଛି ପ୍ରଶ୍ନ ଏବେ ଉଙ୍କି ମାରିଲାଣି । ବିଶେଷଜ୍ଞଙ୍କ କହିବା ମୁତାବକ, ଯେଉଁ ସଂଖ୍ୟାରେ ବନ୍ଧ୍ୟାକରଣ ଚାଲିଛି, ସଂପୂର୍ଣ୍ଣ ବନ୍ଧ୍ୟାକରଣ ସରିବାକୁ ପ୍ରାୟ ୬ ବର୍ଷ ଲାଗିଯିବ । କୁକୁରଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଗଲାଣି । ବର୍ଷକୁ ଏମାନେ ୨ଟି ଋତୁରେ ମିଳନ କରନ୍ତି ଓ ଛୁଆ ଜନ୍ମ ଦେଇଥାନ୍ତି । ବନ୍ଧ୍ୟାକରଣ ଭିତରେ ବି ଅନେକ ଛୁଆ ଜନ୍ମ କରିବେ । ଏଭଳି ସ୍ଥିତିରେ ସଂପୂର୍ଣ୍ଣ ବନ୍ଧ୍ୟାକରଣ ସଫଳ ହେବ କିପରି ବୋଲି ପ୍ରଶ୍ନ ଉଠିଛି । ୨୦୧୯ ମସିହାରେ ବିଏମ୍‌ସି ଅଞ୍ଚଳରେ ପ୍ରାୟ ୭୦ହଜାର ବୁଲା କୁକୁର ଥିବା ଆକଳନ କରାଯାଇଥିଲା ।

ସେହି ଅନୁସାରେ ୨୦୨୫ ମେ ୧୬ରେ ୭୦ହଜାର ବୁଲା କୁକୁରଙ୍କ ବନ୍ଧ୍ୟାକରଣ ପାଇଁ ହାଇଦ୍ରାବାଦସ୍ଥିତ ଭେଟ୍ସ ସୋସାଇଟି ଫର ଆନିମଲ୍ ୱେଲଫେୟାର ଆଣ୍ଡ୍ ରୁରାଲ ଡେଭ୍‌ଲପମେଣ୍ଟ ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିଲା । ମାସିକ ୨ହଜାର ହିସାବରେ ୩ ବର୍ଷରେ ସଂପୂର୍ଣ୍ଣ ବନ୍ଧ୍ୟାକରଣ ସାରିବାକୁ ଚୁକ୍ତି ହେଲା । କୁକୁର ବନ୍ଧ୍ୟାକରଣ ପିଛା ବିଏମ୍‌ସି ଏହି ସଂସ୍ଥାକୁ ୧୬୫୦ ଟଙ୍କା ଦେଉଛି । ଯେଉଁଥିରେ କ୍ୟାଚରମାନେ ବିଏମ୍‌ସିର ୬୭ଟି ୱାର୍ଡରୁ ବୁଲା କୁକୁରଙ୍କୁ ଧରି ଗାଡ଼ିରେ ଆଣି କେନେଲ୍‌ରେ ପହଞ୍ଚାଇବା ଏବଂ ଅସ୍ତ୍ରୋପଚାରର ୪ ଦିନ ପରେ ସେହି ସ୍ଥାନରେ ପୁଣି ଗାଡ଼ିରେ ନେଇ ଛାଡ଼ିବା ବାବଦ ପରିବହନ ଖର୍ଚ୍ଚ ୨ଶହ ଟଙ୍କା, ବାକି ୧୪୫୦ ଟଙ୍କାରେ ଡାକ୍ତରଙ୍କଠାରୁ ଆରମ୍ଭ କରି ଅନ୍ୟାନ୍ୟ ମାନବସମ୍ବଳ ଖର୍ଚ୍ଚ ସହ ଅସ୍ତ୍ରୋପଚାର, ଅସ୍ତ୍ରୋପଚାର ପରେ କୁକୁରଙ୍କୁ ଔଷଧ, କେନେଲରେ ରହିବା ବେଳେ କୁକୁରଙ୍କୁ ଖାଇବାକୁ ଦେବାର ଖର୍ଚ୍ଚ ଅନ୍ତର୍ଭୁକ୍ତ ରହିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଗଣତି ବେଳେ କୁକୁରଙ୍କ ସଂଖ୍ୟା ୪୭ହଜାରକୁ ଖସି ଆସିଥିଲା । ଏଣୁ ଠିକାସଂସ୍ଥାକୁ ମାସିକ ୨ହଜାରର ଟାର୍ଗେଟ୍ ବଦଳରେ ୧ହଜାର ଟାର୍ଗେଟ୍ ଦିଆଯାଇଥିଲା । ତଥାପି ଏହି ସଂସ୍ଥା ମାସିକ ଲକ୍ଷ୍ୟ ଛୁଇଁପାରୁନି । ମାସିକ ମାତ୍ର ୪୦ରୁ ୯୦ ଭିତରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଆରମ୍ଭ କରିଥିବା ଏହି ଠିକାସଂସ୍ଥା ଏବେ ଅତିବେଶିରେ ୭ଶହ ପର୍ଯ୍ୟନ୍ତ ଅସ୍ତ୍ରୋପଚାର କରିପାରିଛି । ମେ ମାସରୁ ଜୁନ୍ ଭିତରେ ଭିତରେ ମାତ୍ର ୯,୭୫୬ଟି କୁକୁରଙ୍କ ବନ୍ଧ୍ୟାକରଣ କରିଛି ।

ବିଏମ୍‌ସି ପ୍ରାଣୀ ଜନ୍ମ ନିୟନ୍ତ୍ରଣ (ଏବିସି) ଡେପୁଟି କମିସନର ସୁମନ କିଶୋର ଡୁଙ୍ଗଡୁଙ୍ଗ କହିଛନ୍ତି, ଅସ୍ତ୍ରୋପଚାର ପାଇଁ ଆମ ପାଖରେ ଭିତ୍ତିଭୂମି ନ ଥିଲା । କେବଳ ମଞ୍ଚେଶ୍ୱରରେ ୨୫୦ଟି କୁକୁର କେନେଲ୍ ଓ ୫ଟି ଅସ୍ତ୍ରୋପଚାର କକ୍ଷ ରହିଛି, ଯେଉଁଠି କୁକୁର ବନ୍ଧ୍ୟାକରଣ କାମ ଚାଲିଛି । ସତ୍ୟନଗର ପ୍ରାଣୀ ଚିକିତ୍ସାଳୟ ପରିସରରେ ଏକ କେନେଲ୍ ଖୋଲିବାକୁ ଯାଉଛି । ଏହାର କାମ ଚାଲିଛି । ମଞ୍ଚେଶ୍ୱର କେନେଲ୍ ସଂଖ୍ୟା ବୃଦ୍ଧି କରାଯାଉଛି । ଆଉ ୪ଶହ କୁକୁର ରଖି ପାରିବାର କେନେଲ୍ କରାଯାଉଛି । ଏସବୁ କାର୍ଯ୍ୟକ୍ଷମ ହୋଇଗଲେ, ଆଉ ବନ୍ଧ୍ୟାକରଣରେ ଅସୁବିଧା ରହିବନି । ବିଏମ୍‌ସି ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ ସିକ୍କା କହିଛନ୍ତି, ବ୍ୟବସ୍ଥା ଅନୁଯାୟୀ କେନେଲ୍ ଖାଲି ହେଲେ, ଅନ୍ୟ କୁକୁରଙ୍କ ଅସ୍ତ୍ରୋପଚାର କରାଯାଇପାରିବ । ବୁଲା କୁକୁରଙ୍କ ଅସ୍ତ୍ରୋପଚାର ପରେ ୪ ଦିନ କେନେଲରେ ରଖି ଛାଡ଼ିବାର ବ୍ୟବସ୍ଥା କରାଯାଇଛି । କିନ୍ତୁ ଅନେକ ସମୟରେ ୪ ଦିନରେ କୁକୁରଙ୍କ ଅସ୍ତ୍ରୋପଚାର ଶୁଖୁନି । କିଛି କୁକୁରଙ୍କ ଅନ୍ୟ ରୋଗ ବି ରହିଛି । ଏମାନଙ୍କୁ ଅଧିକ ଦିନ ରଖିବାକୁ ପଡୁଛି, ଯାହା ସମସ୍ୟା ସୃଷ୍ଟି କରୁଛି ।

# ଅପରାଧୀଙ୍କ ହାତରେ ବନ୍ଧୁକ: ୭ମାସରେ ୨୫ ପିସ୍ତଲ ଜବତ, ୩୦ ଗିରଫ

**ଭୁବନେଶ୍ୱର : ନ୍ୟୁଜ ବ୍ୟୁରୋ**

ରାଜଧାନୀର ଗଳିଗଳିରେ ବନ୍ଧୁକ ବୁଲିଲାଣି । ଅପରାଧୀମାନେ ଅଣ୍ଟାରେ ବନ୍ଧୁକ ଖୋସି ବେଧଡ଼କ ବୁଲୁଛନ୍ତି । କଥା କଥାକେ ବନ୍ଧୁକ ଗର୍ଜୁଛି । ନିଶା ବେପାରୀ, ଖଣି ମାଫିଆ, ଗୋ-ଚାଲାଣକାରୀ ଓ ଜମି ମାଫିଆଙ୍କ ପାଖରେ ବନ୍ଧୁକ ଏକ ସାଧାରଣ ଅସ୍ତ୍ର ହୋଇଯାଇଛି । ଗତ ୭ମାସ ଭିତରେ ପୁଲିସ ଅପରାଧୀମାନଙ୍କଠାରୁ ୨୫ରୁ ଅଧିକ ବନ୍ଧୁକ ଜବତ କଲାଣି ଏବଂ ଏହି ଆଗ୍ନେୟାସ୍ତ୍ର ବ୍ୟବହାର କରୁଥିବା ୩୦ ଅପରାଧୀଙ୍କୁ ବାନ୍ଧି ଜେଲ୍ ପଠାଇଛି । ଏତେ ପରିମାଣର ପିସ୍ତଲ ଜବତ ହେବା କଥା କମିସନରେଟ୍ ପୁଲିସ ପାଇଁ ସଫଳତା ବୋଲି କୁହାଯାଉଥିଲେ ହେଁ ଅପରାଧୀଙ୍କ ଅଣ୍ଟାରେ ପିସ୍ତଲ ସାଧାରଣରେ ଚିନ୍ତା ବଢ଼ାଇଛି । ଶାନ୍ତିପ୍ରିୟ ଓଡ଼ିଶା ଖୁବ୍‌ଶୀଘ୍ର ବିହାର ହେବାକୁ ଯାଉଛି ବୋଲି ଚର୍ଚ୍ଚା ଜୋର ଧରିଛି । କଟକ ବୟାଳିଶ ମୌଜାରେ ବିହାରୀ ମାଫିଆ ପିସ୍ତଲ କାରଖାନା ବସାଇବା ଭଳି ଘଟଣା ପଦାକୁ ଆସିବା ପରେ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ପେସାଦାର ଅପରାଧୀଙ୍କଠାରୁ ଆରମ୍ଭ କରି ଅପରାଧ ଦୁନିଆରେ ପାଦ ଥାପିଥିବା ନୂଆ ଅପରାଧୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ହାତରେ ବନ୍ଧୁକ ଦେଖାଗଲାଣି । ମାଉଜର, ପିସ୍ତଲ୍, ରିଭଲ୍‌ଭର ଓ ସିଙ୍ଗଲ୍ ସଟ୍ ଦେଶୀ ବନ୍ଧୁକ ଦେଖିବାକୁ ମିଳୁଛି । ଅପରାଧୀମାନେ ଏଭଳି ରକ୍ତାମୁଖା ହୋଇଛନ୍ତି ଯେ କଥା କଥାକେ ବନ୍ଧୁକ ଉଠୁଛି । ପୂର୍ବ ଶତ୍ରୁତାରୁ ହେଉ କି ରାଜନୈତିକ ଶତ୍ରୁତା, ବନ୍ଧୁକ ଗର୍ଜନ ସାଧାରଣ ହୋଇଗଲାଣି । ସମ୍ପ୍ରତି ରାଜଧାନୀରେ ଜମିବାଡ଼ି ବିବାଦକୁ ନେଇ ଗୁଳିମାଡ଼ ହେଉଛି । ବଡ଼ କଥା ହେଉଛି, ଅପରାଧୀମାନେ ବନ୍ଧୁକ ଭଡ଼ାରେ ଲଗାଉଛନ୍ତି । ଅପରାଧୀମାନେ ଦିନକୁ ୫ ହଜାର ଟଙ୍କା ବନ୍ଧୁକ ଭଡ଼ାରେ ଲଗାଉଛନ୍ତି । ତଦନ୍ତରୁ ଜଣାପଡ଼ିଛି ଯେ ଏବେ ବନ୍ଧୁକ ମାଫିଆମାନେ ପ୍ରଥମେ ବିହାର ବାଦ୍ ଉତ୍ତରପ୍ରଦେଶ ଓ ଗୁଜରାଟରୁ ବି ବନ୍ଧୁକ ଚାଲାଣ କରୁଛନ୍ତି । ସେଠାରୁ ବନ୍ଧୁକ ଆଣୁଥିବା ବନ୍ଧୁକକୁ ୩୦-୪୦ ହଜାର ଟଙ୍କାରେ ବିକ୍ରି କରୁଛନ୍ତି । ଉଦ୍‌ବେଗର ବିଷୟ ପୁଲିସ ଅପରାଧୀଙ୍କୁ ବାନ୍ଧୁଥିଲେ ହେଁ ଯେଉଁମାନେ ରାଜଧାନୀକୁ ବନ୍ଧୁକ ଚାଲାଣ କରୁଛନ୍ତି, ସେମାନଙ୍କ ଚେର ପାଉନାହିଁ । କିଛିଦିନ ତଳେ କମିସନରେଟ୍ ପୁଲିସ ୪ରୁ ଊର୍ଦ୍ଧ୍ୱ ଗ୍ୟାଙ୍ଗ୍‌ଠାରୁ ବନ୍ଧୁକ ଜବତ କରିଥିଲା । ଗୋଲଡେନ୍ ଗ୍ୟାଙ୍ଗ୍‌ର ୫ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୬ ରାଉଣ୍ଡ ଗୁଳି ଜବତ କରାଯାଇଥିଲା । ସେହିପରି ଖୋରା ଗ୍ୟାଙ୍ଗ୍‌ର ୨ଜଣଙ୍କୁ ପୁଲିସ ଗିରଫ କରିବା ସହ ୨ଟି ବନ୍ଧୁକ ଜବତ କରିଥିଲା । ବିହାରୀ ଏଟିଏମ୍ ଲୁଟେରା ଗ୍ୟାଙ୍ଗ୍ ଓ ଧର ଗ୍ୟାଙ୍ଗଠାରୁ ୩ଟି ବନ୍ଧୁକ ଜବତ କରାଯାଇଥିଲା । ସେମାନେ ଖସିବା ପାଇଁ ପୁଲିସକୁ ଗୁଳି କରିବା ବେଳେ ଏନ୍‌କାଉଣ୍ଟରର ଶିକାର ହୋଇଥିଲେ । ରାଜଧାନୀରେ ସକ୍ରିୟ ଥିବା ବନ୍ଧୁକ ମାଫିଆ ଗ୍ୟାଙ୍ଗ୍‌ଠାରୁ ଜବତ ହୋଇଛି ପୁଳାପୁଳା ବନ୍ଧୁକ ଓ ଗୁଳି । କିଛିଦିନ ତଳେ ଗୁଜରାଟ ଓ ବିହାରରୁ ବନ୍ଧୁକ ଆଣି ଓଡ଼ିଶାରେ ବିକ୍ରି କରୁଥିବା ଏକ ଗ୍ୟାଙ୍ଗ୍‌ର ୩ ବନ୍ଧୁକ ମାଫିଆଙ୍କୁ ପୁଲିସ ଗିରଫ କରିଥିଲା । ସେମାନଙ୍କ ନିକଟରୁ ୨ଟି ବନ୍ଧୁକ ଓ ୮ ରାଉଣ୍ଡ ଗୁଳି ଜବତ କରିଥିଲା । ସେହପରି ୟୁପିର ଏକ ବନ୍ଧୁକ ମାଫିଆ ଗ୍ୟାଙ୍ଗ୍‌କୁ ଠାବ କରି ପୁଲିସ ୫ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୬ ବନ୍ଧୁକ ଓ ୧୮ ରାଉଣ୍ଡ ଗୁଳି ଜବତ କରିଥିଲା । ନିଶା ବ୍ୟବସାୟୀ ନିଜକୁ ସୁରକ୍ଷା ଦେବା ପାଇଁ ଅଣ୍ଟାରେ ବନ୍ଧୁକ ଖୋସି ବୁଲୁଛନ୍ତି । କିଛିଦିନ ତଳେ ସ୍ପେସାଲ୍ କ୍ରାଇମ୍ ୟୁନିଟ୍ କୁଖ୍ୟାତ ନିଶା ମାଫିଆ ସେକ୍ ଜାମ୍‌ସେଦ୍‌କୁ ଏନ୍‌କାଉଣ୍ଟର କଲାବେଳେ ତା'ଠାରୁ ଗୋଟିଏ ବନ୍ଧୁକ ଜବତ କରିଥିଲା । ରାଜଧାନୀରେ ସକ୍ରିୟ ଥିବା ବହୁ ନିଶା ବ୍ୟବସାୟୀଙ୍କ ନିକଟରେ ବନ୍ଧୁକ ରହିଛି । ନିକଟରେ ବରମୁଣ୍ଡା ଖେଳପଡ଼ିଆରୁ ଗିରଫ ହୋଇଥିବା ଜଟଣୀ ଖୁଦୁପୁରର କାହ୍ନା ନିକଟରୁ ବନ୍ଧୁକ ଜବତ କରାଯାଇଛି । କାହ୍ନା ଜଣେ ନିଶାମାଫିଆ ଏବଂ ଖୋର୍ଦ୍ଧାରୁ ବ୍ରାଉନ୍‌ସୁଗାର ଆଣି ରାଜଧାନୀରେ ବେପାର କରୁଥିଲା । ଗୋଲ୍‌ଡେନ୍ ଗ୍ୟାଙ୍ଗ୍ ସହ ମିଶି ଡକାୟତି କରିବା ସହ ନିଶା କାରବାର କରୁଥିଲା ।

# ସୋଲାର ଶକ୍ତିରେ ଚାଲିବ ରାଜଧାନୀ ଶୌଚାଳୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୋଲାର୍ ଶକ୍ତି ଦ୍ୱାରା ପରିଚାଳିତ ହେବ ରାଜଧାନୀର ଶୌଚାଳୟ । ପରିବେଶ ସୁରକ୍ଷା ସହିତ ବିଦ୍ୟୁତ୍ ଶକ୍ତିର ଅପଚୟ ରୋକିବା ପାଇଁ ବିଏମ୍‌ସି ଓ ଓରେଡାର ମିଳିତ ଆନୁକୂଲ୍ୟରେ ସହରର ଶୌଚାଳୟରେ ସୋଲାର ପ୍ୟାନେଲ୍ ଲଗାଯାଉଛି । ଏଥିରେ ୩ କିଲୋୱାଟ୍ ଶକ୍ତି ଉତ୍ପନ୍ନ ହେବ । ଏହାଦ୍ୱାରା ଶୌଚାଳୟକୁ ୨୪ ଘଣ୍ଟା ପାଇଁ ବିଦ୍ୟୁତ ଶକ୍ତି ମିଳିପାରିବ । ଗ୍ରିନ୍ ସିଟି ଯୋଜନା ଅଧୀନରେ ଓରେଡା ସହ ମିଶି ଚଳିତ ମାସ ବିଏମ୍‌ସି ସୋଲାରଚାଳିତ ଏହି ପ୍ରକଳ୍ପ ଆରମ୍ଭ କରିଛି । ବର୍ତ୍ତମାନ ସୁଦ୍ଧା ସହରର ଦଶଟି ଛକ ଯଥା ରାଜଧାନୀ କଲେଜ ବସ୍‌ଷ୍ଟପ୍, ଜୟଦେବୟବିହାର, କସ୍ତୁରବା ସ୍କୁଲ, ପଟିଆ ଶିଶୁବିହାର, ଇନଫୋସିଟି ଛକ, ରଥ ରୋଡ୍, ବିଏମ୍‌ସି ହସ୍‌ପିଟାଲ, କ୍ୟାପିଟାଲ୍ ହସ୍‌ପିଟାଲ, ଆଇଗିଣିଆ, ମଧୁସୂଦନ ପାର୍କରେ ଏହି ପ୍ୟାନେଲ୍ ଲାଗି ସାରିଲାଣି । ବିଏମ୍‌ସି ଡେପୁଟି କମିସନର ଏନ ଗଣେଶ ବାବୁ କହିଛନ୍ତି ଯେ ରାଜଧାନୀର ବର୍ଦ୍ଧିତ ଜନସଂଖ୍ୟା ଓ ସବୁଜ ସହର ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଏମ୍‌ସି ପକ୍ଷରୁ ବର୍ତ୍ତମାନ ଦଶଟି ଶୌଚାଳୟରେ ସୋଲାର ପ୍ୟାନେଲ ଲାଗିଛି । ଏହା ଭଲ ଭାବରେ ପରିଚାଳିତ ହେଲେ ବିଏମ୍‌ସି ୧୦୧ଟି ଶୌଚାଳୟରେ ଏହା ଲାଗିବ ।

ସୂଚନାଯୋଗ୍ୟ ଯେ ଗତବର୍ଷ ଫେବ୍ରୁୟାରୀରେ ଗ୍ରିନ୍ ସିଟି ଯୋଜନା ଅଧୀନରେ ଓରେଡା ସହ ମିଶି ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ବିଏମ୍‌ସି ସୋଲାରଚାଳିତ ୱାଟର୍ କିଓସ୍କ ନାମରେ ନୂଆ ପ୍ରକଳ୍ପ କାମ ହାତକୁ ନେଇଥିଲା । ବସ୍ ଷ୍ଟପ, ମାର୍କେଟ୍, ଆହାର କେନ୍ଦ୍ର, ଧାର୍ମିକ ଅନୁଷ୍ଠାନ ଭଳି ରାଜଧାନୀର ପ୍ରମୁଖ ଓ ଜନଗହଳିପୂର୍ଣ୍ଣ ସ୍ଥାନର ୧୨୦ଟି ସୋଲାରଚାଳିତ ୱାଟର କିଓସ୍କ ବସାଇବାକୁ ଯୋଜନା ହୋଇଥିଲା । ହେଲେ ଇତିମଧ୍ୟରେ ବର୍ଷେରୁ ଅଧିକ ସମୟ ହୋଇସାରିଥିଲେ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଏପରିକି ରସୁଲଗଡ଼, ଆନନ୍ଦବଜାର ଛକ, ନୂଆପଲ୍ଲୀ, ଜନତା ମଇଦାନ ଭଳି ସ୍ଥାନରେ କିଓସ୍କ ଥିଲେ ମଧ୍ୟ ପାଣି ଆସୁନି ।



# ଠକଙ୍କ ମାୟାଜାଲରେ ମହାନଗର: ୬ମାସରେ ୩୦୦ ପାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ କାୟାବିସ୍ତାର କରିଛନ୍ତି ଠକ । ଟିକିଏ ଅସାବଧାନ ହେଲେ ଆକାଉଣ୍ଟ୍ ଖାଲି କରିଦେଉଛନ୍ତି । ଲୋକେ ଯେତେ ଶିକ୍ଷିତ ହେଉଛନ୍ତି, ସେତେ ଠକଙ୍କ ମାୟାଜାଲରେ ଛନ୍ଦି ହେଉଛନ୍ତି । ଇତିମଧ୍ୟରେ ରାଜଧାନୀରେ କିଛି କୁଖ୍ୟାତ ଠକଙ୍କ କାରନାମା ପଦାକୁ ଆସିଛି । ଯେଉଁଥିରେ ଜମି ଠକେଇଠୁ ଆରମ୍ଭ କରି ନକଲି ଏସ୍‌ପି, ଏନ୍‌ଆଇଏ ଅଧିକାରୀ, ଆଇଏଏସ୍, ବିଏମ୍‌ସି କର୍ମଚାରୀଙ୍କ ଧରାପଡ଼ିଛନ୍ତି । ଆଉ ଏହି କ୍ରମରେ ଧୂର୍ତ୍ତମାନେ ପ୍ରତିଦିନ ଜଣେ ଲୋକଙ୍କୁ ଠକେଇ କରୁଛନ୍ତି । ଆଉ ମାସକୁ ରାଜଧାନୀରେ ପ୍ରାୟ ୫୦ ଠକେଇ କରାଯାଉଥିବା ନେଇ ଅଭିଯୋଗ ହେଉଛି । ସେହିଭଳି ଠକେଇର ପରିମାଣ ଆନୁମାନିକ ୫୦କୋଟିରୁ ଅଧିକ ହେବ ବୋଲି ଜଣାପଡ଼ିଛି । ବିଗତ ୬ମାସର ତଥ୍ୟରୁ ଜଣାପଡ଼ିଛି ଯେ ଭୁବନେଶ୍ୱର ୟୁପିଡିରେ ୩୦୦ରୁ ଅଧିକ ମାମଲା ରୁଜୁ ହେଲାଣି । ଯେଉଁଥିରେ ବଡ଼ଗଡ଼ ଥାନାରେ ସର୍ବାଧିକ ୩୪ ଠକେଇ ମାମଲା ରହିଥିବା ବେଳେ ଭରତପୁରରେ, କ୍ୟାପିଟାଲ, ଚନ୍ଦ୍ରଶେଖରପୁର ପ୍ରମୁଖ ଥାନାରେ ଯଥାକ୍ରମେ ୩୩, ୧୯, ୧୮ ରହିଛି । ସେହିଭଳି କମିସନରେଟ୍ ପୁଲିସ ଦ୍ୱାରା ଗିରଫଦାରୀ ମଧ୍ୟ ଆଶାତୀତ ଭାବେ ବଢ଼ିଛି । ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୨୩୫ଜଣଙ୍କୁ ଠକେଇ ସମେତ ଦଫା ଲଗାଇ ପୁଲିସ ଗିରଫ କରିଛି ।

ସ୍ୱେଚ୍ଛାସେବୀ ସଙ୍ଗଠନ କରି ଲୋକଙ୍କୁ କାମ ଦେବା ଆଳରେ ପ୍ରାୟ କୋଟିଏ ଟଙ୍କା ଠକେଇ କରିଥିବା ଚନ୍ଦକା ଥାନାରେ ଅଭିଯୋଗ ହୋଇଥିଲା ।




ଅଭିଯୋଗ ଆଧାରରେ ଚନ୍ଦକା ଥାନା ପୁଲିସ ୩ଜଣଙ୍କୁ ଗିରଫ କରିଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ ଉକ୍ତ ସଙ୍ଗଠନର ଜଣେ ମହିଳା ନିଜକୁ ଆଇଏଫ୍‌ଏସ୍ ଅଧିକାରୀ କହି ମାଲମାଲ ଲୋକଙ୍କୁ ଲୁଟିଛି । ମାତ୍ର ପୁଲିସ ତା' ନିକଟରେ ପହଞ୍ଚିବା ପୂର୍ବରୁ ଧୂର୍ତ୍ତ ଚମ୍ପଟ ମାରିଥିଲା ।

ବାପ କହୁଥିଲା ପୁଲିସ ଡିଜି, ପୁଅ କହୁଥିଲା ପିସିଆର୍ ଇନ୍‌ଚାର୍ଜ । ଆଉ ଇନ୍‌ଷ୍ଟାଗ୍ରାମ୍‌ରେ ଏସ୍‌ଆଇ ଅଭିଷେକ ମିଶ୍ର । କିଛି ଏହିଭଳି ଢଙ୍ଗରେ ଜଣେ ଯୁବତୀଙ୍କୁ ପ୍ରଥମେ ପ୍ରେମ ଜାଲରେ ଫସାଇ ପରେ ବ୍ଲାକମେଲ୍ କରି ଟଙ୍କା ଠକେଇ କରିବା ଘଟଣାରେ ଏୟାରଫିଲ୍ଡ ଥାନା ପୁଲିସ ବାପା ଅଶୋକ ଓଝା ଓ ପୁଅ ଅମିତ ଓଝାକୁ ଗିରଫ କରିଥିଲା । ବାପପୁଅ ଲୋକଙ୍କୁ ଜମି ଦେବା ଆଳରେ ଠକେଇ କରିଥିବା ନେଇ ମଧ୍ୟ ଥାନାରେ ମାମଲା ରହିଛି ।

ଶ୍ୟାମପୁରରେ ଭୂଦାନ ଜମିକୁ ନିଜର ଶତାଧିକ ଲୋକଙ୍କଠାରୁ ପ୍ରାୟ ୨୦କୋଟି ଟଙ୍କା ହଡ଼ପ କରିଥିବା ଦମ୍ପତିଙ୍କ ସମେତ ଏକାଧିକ ଠକଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ । ଏହି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ୍ ଥିବା ମଇଁଷିଖାଲ ବସ୍ତିର ସନା ପ୍ରଧାନ ଓ ପତ୍ନୀ ରୀନା ପ୍ରଧାନକୁ ଗିରଫ କରାଯାଇଛି । ଏହି ଧୂର୍ତ୍ତ ଦମ୍ପତିଙ୍କ ବିରୋଧରେ ଭରତପୁର ଥାନାରେ ୧୪ଟି ଠକେଇ ମାମଲା ରୁଜୁ ହୋଇଛି । ଆଜି ଭୁବନେଶ୍ୱର କୋର୍ଟରେ ଆଉ ୨ଟି ଠକେଇ ମାମଲାରେ ପୁଲିସ ଦମ୍ପତିଙ୍କ ବିରୋଧରେ ରିମାଣ୍ଡ୍ ଲଗାଇଛି ।

ଜଣେ ବଙ୍ଗୀୟ ଯୁବତୀଙ୍କୁ ଏନ୍‌ଆଇଏ ଅଧିକାରୀର ପରିଚୟ ଦେଇ ପ୍ରଥମେ ଦୁଷ୍କର୍ମ ପରେ ଖାରବେଳନଗର ଥାନାକୁ ନେଇ ମାମଲା ରୁଜୁ କରିବାକୁ କହିଥିଲା । ମାତ୍ର ପୁଲିସ ତଦନ୍ତ କରିବା ପରେ ଜଣାପଡ଼ିଥିଲା ଯେ ଧୂର୍ତ୍ତ ହେଉଛି ଦିଲ୍ଲୀ ଲଜପତନଗର ଅଞ୍ଚଳର ଆଶିଷ ରେଡ୍ଡୀ । ତା' ନିକଟରୁ ନକଲି ଏନ୍‌ଆଇଏ ଟି ସାର୍ଟ, ମାରଣାସ୍ତ୍ର, ଆଇକାର୍ଡ ଆଦି ଜବତ ହୋଇଥିଲା ।

ଆଇଏଏସ୍ ଅଧିକାରୀ ପରିଚୟ ଦେଇ ଜଣେ ଯୁବକଙ୍କୁ ଓଏମ୍‌ସିରେ ଚାକିରି କରାଇଦେବା ଆଳରେ ୨୦ଲକ୍ଷ ଟଙ୍କା ଠକେଇ କରିଥିଲା । ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଘଟଣାର ତଦନ୍ତ କରି ପଶ୍ଚିମବଙ୍ଗ ହୁଗୁଳିର ରବିନାରାୟଣ ଦାସକୁ ଗିରଫ କରିଥିଲା । ତା ନାଁରେ ଯାଜପୁର ଥାନାରେ ବି ଠକେଇ ଅଭିଯୋଗ ରହିଛି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଜୁଲାଇ ୨୦୨୬ ଗୁରୁବାର





# ଜେଲ୍‌ରୁ କଏଦୀ ଫେରାର ଘଟଣା:ଅଧୀକ୍ଷକଙ୍କ ଆଗୁଆ ଜାମିନ୍‌କୁ ପୋଲିସର କଡ଼ା ବିରୋଧ




**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଚୌଦ୍ୱାର ଜେଲ୍‌ରୁ ବିହାରୀ କଏଦୀ ଚମ୍ପଟ ଘଟଣା। ଚୌଦ୍ୱାର ସର୍କଲ ଜେଲ୍‌ର ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ଆଗୁଆ ଜାମିନ୍ ଆବେଦନକୁ କଡ଼ା ବିରୋଧ କରିଛି ପୋଲିସ । ଏନେଇ ହାଇକୋର୍ଟରେ ଦାଖଲ ହୋଇଛି ଆପତ୍ତି ପତ୍ର । ଆପତ୍ତି ପତ୍ରରେ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ନାଁରେ ରହିଛି ସଙ୍ଗୀନ ଅଭିଯୋଗ । ତଦନ୍ତକୁ ପ୍ରଭାବିତ କରିବା, ପ୍ରମାଣ ନଷ୍ଟ କରିବା ଏବଂ ସାକ୍ଷୀଙ୍କୁ ପ୍ରଭାବିତ କରିବାର ଆଶଙ୍କା ଦର୍ଶାଇ ସୁଜିତ କୁମାର ରାଉଳଙ୍କୁ ଆଗୁଆ ଜାମିନ୍ ନଦେବାକୁ ଅନୁରୋଧ କରାଯାଇଛି । ହାଇକୋର୍ଟରେ ଦାଖଲ ଆପତ୍ତି ପତ୍ରରେ କୁହାଯାଇଛି, ସିସିଟିଭି ଫୁଟେଜ୍, ଜେଲ୍ ଗେଟ୍ ରେଜିଷ୍ଟର ଏବଂ ଡିଆଇଜି ପ୍ରିଜନ୍ସଙ୍କ ରିପୋର୍ଟରେ ଗୁରୁତର ଅସଙ୍ଗତି ସାମ୍ନାକୁ ଆସିଛି । ଘଟଣା ସମୟରେ ସୁଜିତ ରାଉଳ ନିୟମିତ ଭାବେ କାର୍ଯ୍ୟାଳୟରେ ଉପସ୍ଥିତ ନଥିବା ସତ୍ତ୍ୱେ ରେଜିଷ୍ଟରରେ ତାଙ୍କ ଉପସ୍ଥିତି ଦର୍ଶାଯାଇଥିବା ଅଭିଯୋଗ ହୋଇଛି । ପୋଲିସ ଆହୁରି କହିଛି, ଅଭିଯୁକ୍ତ ଜଣେ ବରିଷ୍ଠ ସରକାରୀ ଅଧିକାରୀ ହୋଇଥିବାରୁ ଜାମିନ୍ ପାଇଲେ ସାକ୍ଷୀଙ୍କୁ ପ୍ରଭାବିତ କରିବା, ଅଧସ୍ତନ କର୍ମଚାରୀଙ୍କ ଉପରେ ଚାପ ପକାଇବା ଏବଂ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ କିମ୍ବା ଇଲେକ୍ଟ୍ରୋନିକ ପ୍ରମାଣ ନଷ୍ଟ କରିବାର ଆଶଙ୍କା ରହିଛି । ତଦନ୍ତ ସମୟରେ ବାରମ୍ବାର ନୋଟିସ୍ ସତ୍ତ୍ୱେ ଅଭିଯୁକ୍ତ ସମ୍ପୂର୍ଣ୍ଣ ସହଯୋଗ କରିନଥିବା, ଆବଶ୍ୟକ ଦସ୍ତାବିଜ ଦାଖଲ କରିନଥିବା ଏବଂ ପଚରା ଉଚରାକୁ ଏଡ଼ାଇବାକୁ ଚେଷ୍ଟା କରିଥିବା ମଧ୍ୟ ଆପତ୍ତି ପତ୍ରରେ ଉଲ୍ଲେଖ ରହିଛି । ମୋବାଇଲ୍ କଲ୍ ଡିଟେଲ୍ ରେକର୍ଡ ବା ସିଡ଼ିଆର୍ ବିଶ୍ଳେଷଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଦାବି କରିଛି ପୋଲିସ । ଘଟଣା ଦିନ ମୋବାଇଲ୍ ଲୋକେସନ୍ ଖୋର୍ଦ୍ଧା ଅଞ୍ଚଳରେ ଥିବାବେଳେ ଜେଲ୍ ଗେଟ୍ ରେଜିଷ୍ଟର୍‌ରେ ଜେଲ୍‌କୁ ଆସିବା ଓ ଯିବାର ଏକାଧିକ ଏଣ୍ଟ୍ରି ରହିଛି। ଏହା ରେଜିଷ୍ଟରରେ ପରବର୍ତ୍ତୀ ସମୟରେ ହେରଫେର୍ ହୋଇଥିବାର ସନ୍ଦେହକୁ ଆହୁରି ଦୃଢ଼ କରୁଥିବା ପୋଲିସ କହିଛି। ପୁରୁଣା ମିନିଟ୍ ବୁକ୍‌କୁ ନେଇ ମଧ୍ୟ ପରସ୍ପର ବିରୋଧୀ ବୟାନ ସାମ୍ନାକୁ ଆସିଥିବା ଦର୍ଶାଇଛି ପୋଲିସ। ଗୋଟିଏ ଚିଠିରେ ମିନିଟ୍ ବୁକ୍ ଉପଲବ୍ଧ ନଥିବା କୁହାଯାଇଥିବା ବେଳେ ଅନ୍ୟ ଚିଠିରେ ଏହାର ଦାୟିତ୍ୱ ନେଇନଥିବା କଥା ଉଲ୍ଲେଖ ହୋଇଛି। ଏହି ପରସ୍ପର ବିରୋଧୀ ତଥ୍ୟ ତଦନ୍ତକୁ ଅଧିକ ସନ୍ଦେହଜନକ କରିଛି ।



## କୋର୍ଟ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋର୍ଟ ପରିସରରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲ୍ଲା ଓକିଲ ସଂଘର ସଭାପତି ରବିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସରୋଜରାଜ ସିଂ, ଗୌରପ୍ରସାଦ ମହାପାତ୍ର, ଉପସଭାପତି ନୃସିଂହଚରଣ ରାଉତ, ରମଣୀରଞ୍ଜନ ରାଉତରାୟ, ମନୋରଞ୍ଜନ ବେହେରା, ମୃତ୍ୟୁଞ୍ଜୟ ସ୍ୱାଇଁ, ଧନଞ୍ଜୟ ଦାସ, ନିରାକାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କର ଆଦର୍ଶଜୀବନୀ ଓ ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓକିଲ ସଂଘର ସମ୍ପାଦକ ନିହାର ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରଥଯାତ୍ରା ପାଇଁ କୋଷାଗାରରୁ ବାହାରିଲା ମନ୍ଦିରର ଅଳଙ୍କାର ଓ ରୂପା ବିମାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ରଥଯାତ୍ରାକୁ ନେଇ ସୋନପୁର ଉପଖଣ୍ଡରେ ଜୋର୍‌ସୋର୍‌ରେ ପ୍ରସ୍ତୁତି ଚାଲିଛି। ରଥଯାତ୍ରା ପାଇଁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସୋନପୁର ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଡ. ସୌମ୍ୟରୂପା ରଥ ସୂଚନା ଦେଇଛନ୍ତି। ଡ. ରଥଙ୍କ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଜିଲ୍ଲା କୋଷାଗାରରୁ ବଡ଼ ଜଗନ୍ନାଥ ମନ୍ଦିର, ବୃନ୍ଦାବନ ବିହାରୀ ମନ୍ଦିର ଏବଂ ଦଧି ବାମନ ମନ୍ଦିରରେ ରଥଯାତ୍ରା ଅବସରରେ ବ୍ୟବହୃତ ହେବାକୁ ଥିବା ସମସ୍ତ ଅଳଙ୍କାର ଓ ରୂପା ବିମାନ ବାହାର କରାଯାଇଛି। ରଥଯାତ୍ରା ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ସମସ୍ତ ପ୍ରସ୍ତୁତି କରାଯାଇଛି। ମନ୍ଦିରଗୁଡ଼ିକରେ ନୀତିକାନ୍ତି ସୁଚାରୁରୂପେ ସମ୍ପାଦନ ସହ ଭକ୍ତମାନଙ୍କ ସୁବିଧା ଓ ସୁରକ୍ଷା ଦିଗ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗ



ସହ ସମନ୍ୱୟ ରକ୍ଷା କରି ରଥଯାତ୍ରାର ସଫଳ ଆୟୋଜନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

## ବୋଲେରୋ-ଟ୍ରକ୍ ଧକ୍କା, ଜଣେ ମୃତ ୬ ଗୁରୁତର

**ସାଲେପୁର, ନ୍ୟୁଜ୍**

ଏକ ବାର ଚକିଆ ଟ୍ରକ୍ ଓ ବୋଲେରୋ ମୁହାଁ ମୁହିଁ ଧକ୍କାରେ ବୋଲେରୋ ଡ୍ରାଇଭରର ମୃତ୍ୟୁ ଘଟିଛି । ଟ୍ରକ୍ ଡ୍ରାଇଭର ସମେତ ବୋଲେରୋରେ ଥିବା ୬ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କ ଭିତରୁ ୪ ଜଣ ପୁରୁଷ ୨ ଜଣ ମହିଳା ଓ ଜଣେ ଶିଶୁ ଥିବା ଜଣାପଡ଼ିଛି। କଟକରୁ ଚାନ୍ଦବାଲି ଆଡକୁ ଆସୁଥିବା ଏକ ବୋଲେରୋ ସାଲେପୁର କୁଳିଆ ବଜାର ନିକଟରେ ଏକ ଟ୍ରକ୍ ସହ ମୁହାଁ ମୁହିଁ ପିଟି ହୋଇଯିବାରୁ ଘଟଣା ସ୍ଥଳରେ ଦୁଇ ଡ୍ରାଇଭର ବହୁ ସମୟ ଧରି ଗାଡ଼ିରେ ଗୁରୁତର ହୋଇ ରହିଯାଇଥିଲେ। ପୋଲିସ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ମିଶି ସମସ୍ତଙ୍କୁ ସାଲେପୁର ମେଡ଼ିକାଲ୍ ପଠାଇବା ସହ ଦୁଇ ଡ୍ରାଇଭରଙ୍କୁ ଗାଡି ଭିତରୁ ଡୋର୍ କାଟି ବାହାର କରିଥିଲେ। ସମସ୍ତ ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡ଼ିକାଲ୍ ପଠାଯାଇଛି। ବୋଲେରୋରେ ଥିବା ସମସ୍ତ ବ୍ୟକ୍ତି ଚାନ୍ଦବାଲି ସେରପୁର ଅଞ୍ଚଳର ଜଣାପଡିଛି।

## ଝିଅ ପାଖରୁ ମା'କୁ ଛଡାଇନେଲା ଟ୍ରକ ଦୁର୍ଘଟଣା

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

କୋମଳମତି ଅଢ଼େଇ ବର୍ଷର ଝିଅ ପାଖରୁ ମା'କୁ ଛଡାଇନେଲା ଟ୍ରକ୍ ଦୁର୍ଘଟଣା। ମୃତ ମାଆ ଦୀପାଞ୍ଜଳି ଭୋଇ (୩୪)ଙ୍କ ରାସ୍ତା ଉପରେ ଶବ ରଖି ଜାତୀୟ ରାଜପଥ ଅବରୋଧ କରିଥିଲେ ସ୍ଥାନୀୟ ବାସିନ୍ଦା । ପୋଲିସ ସହାୟତାରେ ଶିଶୁକୁ ସମ୍ବଲପୁର ଭିମ୍‌ସାର୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି । ପଡିଆବାହାଲ, ବାରିବନ୍ଧ ଛକରେ ସକାଳ ପାଖାପାଖି ୬.୪୦ରେ ଏହି ଦୁର୍ଘଟଣା ଘଟିଛି । ସ୍ତନ୍ୟପାନ ସମୟରେ ଘର ଭିତରେ ଟ୍ରକ୍ ପଶି ଓଲଟି ପଡ଼ିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକ ରାସ୍ତାରୋକ କରିଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ହସ୍ତକ୍ଷେପ କରି ରାସ୍ତାରୋକ ହଟାଇଥିଲା।

# ସହିଦ ମାଧୋ ସିଂଙ୍କ ନାମରେ ମହାବିଦ୍ୟାଳୟର ନାମକରଣ:ଶିକ୍ଷା ଓ ଐତିହ୍ୟ ପ୍ରତି ସମ୍ମାନର ପ୍ରତୀକ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ୍ ମହାବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ମହୋତ୍ସବ ରବିବାର ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। ଶିକ୍ଷାବିତ୍, ବୁଦ୍ଧିଜୀବୀ, ଜନପ୍ରତିନିଧି, ପୂର୍ବତନ ଛାତ୍ରଛାତ୍ରୀ ଓ ବହୁ ସଂଖ୍ୟକ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଉତ୍ସବ ଏକ ସ୍ମରଣୀୟ ଅଧ୍ୟାୟ ସୃଷ୍ଟି କରିଛି। ଏହି ଅବସରରେ ଅଞ୍ଚଳବାସୀଙ୍କ ବହୁଦିନର ପ୍ରତିକ୍ଷିତ ଦାବି ପୂରଣ ହୋଇ ମହାବିଦ୍ୟାଳୟକୁ ପଶ୍ଚିମ ଓଡ଼ିଶାର ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ସହିଦ ମାଧୋ ସିଂଙ୍କ ନାମରେ ନାମିତ କରାଯାଇଥିବା ଘୋଷଣାକୁ ନେଇ ସମଗ୍ର ଅଞ୍ଚଳରେ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା। ଏହାକୁ ଘେଁସ୍ ଅଞ୍ଚଳର ଶିକ୍ଷା ଓ ଐତିହ୍ୟ ପ୍ରତି ସମ୍ମାନର ପ୍ରତୀକ ବୋଲି ସ୍ଥାନୀୟ ବାସିନ୍ଦାମାନେ ଅଭିହିତ କରିଥିଲେ। କାର୍ଯ୍ୟକ୍ରମରେ ଘେଁସ୍ ମାଟିର ଗର୍ବ, ଲୋକକବି ତଥା ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ହଳଧର ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ସରଳ ଓ ପ୍ରେରଣାଦାୟକ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କୁ ନିଜ ମାଟି, ମାତୃଭାଷା ଓ ସଂସ୍କୃତି ପ୍ରତି ସମ୍ମାନ ଏବଂ ଗର୍ବବୋଧ ରଖିବାକୁ ଆହ୍ୱାନ ଜଣାଇଥିଲେ। ଶିକ୍ଷା ସହ ନୈତିକ ମୂଲ୍ୟବୋଧ, ସମାଜସେବା ଓ ମାନବିକତାକୁ ଜୀବନର ମୂଳମନ୍ତ୍ର କରିବାକୁ ସେ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଇ ଯୋଗଦେଇ ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ, ଉଚ୍ଚଶିକ୍ଷାର ମାନ ବୃଦ୍ଧି ଏବଂ ଅଞ୍ଚଳର ସାମଗ୍ରିକ ଉନ୍ନତି ପାଇଁ ସରକାରଙ୍କ ପ୍ରତିବଦ୍ଧତା ବିଷୟରେ ମତ ରଖିଥିଲେ। ଶିକ୍ଷାନୁଷ୍ଠାନଗୁଡ଼ିକ ଗ୍ରାମାଞ୍ଚଳର ଯୁବପିଢ଼ିଙ୍କ ଭବିଷ୍ୟତ ଗଢ଼ିବାରେ ମୁଖ୍ୟ ଭୂମିକା ନିର୍ବାହ କରୁଥିବାରୁ ସେମାନଙ୍କ ସର୍ବାଙ୍ଗୀଣ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଶିକ୍ଷା, କ୍ରୀଡ଼ା, ସାହିତ୍ୟ, ସଂସ୍କୃତି ଓ ବିଭିନ୍ନ ସହପାଠ୍ୟ କାର୍ଯ୍ୟକଳାପରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୁଗ୍ଧ କରିଥିଲା। ଲୋକନୃତ୍ୟ, ଦେଶାତ୍ମବୋଧକ ସଙ୍ଗୀତ, ନାଟିକା ଓ ସାଂସ୍କୃତିକ ପରିବେଷଣ ଉତ୍ସବର ଆକର୍ଷଣକୁ ଦ୍ୱିଗୁଣିତ କରିଥିଲା। ସମଗ୍ର କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସୁଚାରୁରୂପେ ପରିଚାଳନା କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା। ମହାବିଦ୍ୟାଳୟର ନାମକରଣକୁ ଅଞ୍ଚଳବାସୀ ଏକ ଐତିହାସିକ ପଦକ୍ଷେପ ଭାବେ ସ୍ୱାଗତ କରିବା ସହ ଏହା ଆଗାମୀ ପିଢ଼ିକୁ ସହିଦ ମାଧୋ ସିଂଙ୍କ ଆଦର୍ଶ ଓ ଦେଶପ୍ରେମ ପ୍ରତି ପ୍ରେରିତ କରିବ ବୋଲି ମତ ପ୍ରକାଶ କରିଛନ୍ତି।

## ରଥ ପଥ ପ୍ରସ୍ତୁତ:ବିଧାୟକ କରିବେ ଛେରାପହଁରା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜାରକା ଭାଲୁଖାଇ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ମଙ୍ଗଳବାର ପବିତ୍ର ନେତ୍ର ଉତ୍ସବ ଦିନ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ରଥ ଯାତ୍ରା ସମ୍ପର୍କରେ ସୂଚନା ଦିଆଯାଇଛି। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ମୁନ୍‌ସି ମେଲଣି କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମିଟି ସଭାପତି ଇଂ କଳ୍ପତରୁ ସାହୁ ସଭାପତିତ୍ୱ କରିଥିଲେ। ୧୬ ତାରିଖ ଗୁରୁବାର ଘୋଷାଯାତ୍ରା ଅନୁଷ୍ଠିତ ହେବ। ୨ଟା ପରେ ମଙ୍ଗଳାର୍ପଣ ଓ ରଥଟଣା ଆରମ୍ଭ ହେବ। ପ୍ରଥମ ଥର ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁ ଛେରାପହଁରା କରିବେ। ଏଥିପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ପ୍ରତିବର୍ଷ ସ୍ଥାନୀୟ ଥାନା ଅଧିକାରୀ ଛେରା ପହଁରା କରୁଥିଲେ। ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ଆଶଙ୍କା ଦୃଷ୍ଟିରୁ ପ୍ରସ୍ତୁତ ରହିବାକୁ ସମସ୍ତ ବିଭାଗକୁ ପୂର୍ବରୁ ଜଣାଇ ଦିଆଯାଇଛି। ମନ୍ଦିର ନିକଟରୁ ରଥ ବାହାରି ୧୬ନଂ ଜାତୀୟ ରାଜପଥ ଦେଇ ଜାରକା, ବୁଦ୍ଧମୂର୍ତ୍ତି, ଧର୍ମଶାଳା ବାଇପାସ୍ ରାସ୍ତାରେ ଶାନ୍ତିବଜାର ଯିବ। ସେଠାରୁ ଧର୍ମଶାଳା ହାଟପଡ଼ିଆରେ ଥିବା ମାଉସୀମା' ମନ୍ଦିରରେ ପହଞ୍ଚିବ। ବାଟରେ ବିଭିନ୍ନ ସ୍ଥାନରେ ସଂସ୍କୃତିଦଳ ପକ୍ଷରୁ କାର୍ଯ୍ୟକ୍ରମ ସବୁ ଅନୁଷ୍ଠିତ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ମେଲଣ କମିଟି ସମ୍ପାଦକ ପ୍ରମୋଦ ଦାସ, ମନ୍ଦିର କମିଟି ସମ୍ପାଦକ ମନୋଜ ରଣା, ବରିଷ୍ଠ ସଭ୍ୟ ପ୍ରସନ୍ନ କୁମାର ବରାଳ, ସହସମ୍ପାଦକ ଜ୍ଞାନେନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଅଭୟ କୁମାର ରାଉତ, ଶ୍ରୀନିବାସ ଜେନା, ବାବୁଲି ସର, ଜିତେନ୍ଦ୍ର ରାଉତ, ଚନ୍ଦ୍ରମଣି ପଣ୍ଡିତ ଅଶୋକ କୁମାର ସାହୁ, କାଶୀନାଥ ସାହୁ ସମେତ ଅନ୍ୟ ବହୁ ପୁରାତନ ଓ ନୂତନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୮ତମ ଜୟନ୍ତୀ ପାଳିତ

**ମାହାଙ୍ଗା, ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକର ପ୍ରହରାଜପୁରସ୍ଥ କାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ପ୍ରଦେଶ ଗଠନର ଅନନ୍ୟ ବରପୁତ୍ର, ସର୍ବପ୍ରଥମ ସମ୍ବାଦପତ୍ର ଉତ୍କଳଦୀପିକାର ପ୍ରତିଷ୍ଠାତା ସଂପାଦକ ତଥା ପଥିତଯଶା ଜନସେବକ କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୮ତମ ଜୟନ୍ତୀ କାମେଶ୍ୱର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସଂସଦର ସଭାପତି ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସଂସଦର ସଂପାଦକ ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନାକ୍ରମେ ଉକ୍ତ ସମାରୋହକୁ ସଂସଦର ପ୍ରତିଷ୍ଠାତା କବି କୁଳମଣି ସାହୁ




ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ କୁଞ୍ଜବିହାରୀ ମଠର ମଠାଧୀଶ ମହନ୍ତ ଅନନ୍ତରାମ ଦାସ, ବରେଣ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ବସ୍ତିଆ, ବସନ୍ତ କୁମାର ବେହେରା, ଦୀନବନ୍ଧୁ ଦଳାଇ, ଧୀରେନ୍ଦ୍ର ସାହୁ, କରୁଣାକର ସାହୁ, କପିଳେଶ୍ୱର ପାତ୍ର, ମହେନ୍ଦ୍ର କୁମାର ପାତ୍ର, ଗୋଲଖ ସାହୁ, କାର୍ତ୍ତିକେଶ୍ୱର ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ପଦ୍ମଲୋଚନ ସାହୁ ପ୍ରମୁଖ ଯୋଗଦାନ କରି କର୍ମବୀର ଗୌରୀଶଙ୍କର ରାୟଙ୍କ କର୍ମପ୍ରବଣତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଶେଷରେ କଳ୍ପନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନଭି ମୁମ୍ବାଇରେ ୨୧ ବର୍ଷ ହେଲା ମୁସଲମାନ କରୁଛନ୍ତି ରଥ:ଭିନ୍ନ ଏକ ଭକ୍ତ ସାଲବେଗ

**ଭୁବନେଶ୍ୱର/ ମୁମ୍ବାଇ, ନ୍ୟୁଜ୍ ବ୍ୟୁରୋ**

ନଭି ମୁମ୍ବାଇର ଖରଘର ସେକ୍ଟର ୩, ବାଲାଜି ଆଙ୍ଗନ ସ୍ଥିତ ମନ୍ଦିରରେ ୨୧ ବର୍ଷ ହେଲା ଚାଲିଛି ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା । ୨୦୦୬ ମସିହାରୁ ଉଦ୍ୟୋକ୍ତା ଭାବେ ରାମ ପ୍ରସାଦ ମୁଦୁଲି ରଥ ଯାତ୍ରା ଆରମ୍ଭ କରିଥିଲେ । ୨୦୦୮ରୁ ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ ମାଧ୍ୟମରେ ବିଭିନ୍ନ ଓଡ଼ିଆ ସାମିଲ ହୋଇ ଟ୍ରଷ୍ଟର ସଦସ୍ୟ ଓ ସେବକମାନେ ସହଯୋଗ ଦ୍ୱାରା ଏହି ରଥଯାତ୍ରା ମହୋତ୍ସବ ହୋଇଆସୁଛି । ତେବେ ସେଠାରେ ଦିର୍ଘ ୨୧ ବର୍ଷ ହେଲା ମହମ୍ମଦ ହାନିଫ୍ କାଚି ଏହି ରଥ ତିଆରି କରୁଛନ୍ତି । ସେ ରଥ କରିବା ବେଳେ ତାଙ୍କୁ ଭିନ୍ନ ଏକ ଭକ୍ତ ସାଲବେଗ ବୋଲି କୁହନ୍ତି । ୨୪ ଫୁଟିଆ ଏହି ରଥରେ ୪ଟି ଘୋଡ଼ା, ସିଂହାସନରେ ଠାକୁରଙ୍କ ଆସନ, ରାହୁ ମୁଣ୍ଡ, ମାଛ, ଜୟା ବିଜୟା, ପରମ୍ପରା ଅନୁଯାୟୀ ଦଣ୍ଡା, ଚକ୍ର, କଳସ, ଓଲଟା ଶୁଆ, ଖପୁରୀ, ରୂଷି ପଟା, କନକ, ମୁଣ୍ଡାଇ, ମକର, ଦଣ୍ଡା, ଗଇପଟା, ଜାଲି, ସିଂହଦ୍ୱାର, ବଙ୍କି, ପତାକା, ଦଧିନଉତି, ପାରା ଭାଡ଼ି, କୁମ୍ଭିପଟା, ଷୋଳ ନାହାକା, ସାରଥୀ ପିଢ଼ା, ଭୂମି, ହଂସ ପଟା, କଣି, ଦାଣ୍ଡିଆ, ଅରା ଓ ପାର୍ଶ୍ୱ ଦେବତା ଆଦି ତିଆରିକରି ରଥକୁ ପ୍ରସ୍ତୁତ କରିଛନ୍ତି । କାଚିଙ୍କ କହିବା ଅନୁଯାୟୀ ମୋର ପିତା ମାତାଙ୍କ



ଆଶୀର୍ବାଦ ଯୋଗୁ ଓ ଆଲ୍ଲା ଓ ଶ୍ରୀ ଜଗନ୍ନାଥଙ୍କ କୃପାରୁ ରଥ ନିର୍ମାଣ ହୋଇପାରୁଛି । ଚଳିତ ଥର ୧୭ ବର୍ଷ ରଥ ତିଆରି କରୁଛି । ଟ୍ରଷ୍ଟର ସଦସ୍ୟମାନଙ୍କ ସହଯୋଗରେ ୪୦ ଦିନ ପରିଶ୍ରମ କରିବା ପରେ ସୁନ୍ଦର ରଥ ହୋଇପାରିଛି । ରଥ କାମ ପହଞ୍ଚିଥିବା ବେଳେ ଠାକୁରଙ୍କ ନବ ଯୌବନ ଦର୍ଶନ ରଥଯାତ୍ରା ପୂର୍ବଦିନ ବୁଧବାର କରାଯାଉଛି । ଟ୍ରଷ୍ଟର ସଦସ୍ୟ ଓ ସେବକମାନଙ୍କ ଦ୍ୱାରା ଆୟୋଜନ ଏହି ମହୋତ୍ସବରେ ପ୍ରତିଦିନ ୫ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଛି ।

# ପୋଲିସ ଚଢ଼ଉରେ ଗଞ୍ଜେଇ, ଦେଶୀ ବନ୍ଧୁକ ସହ ୨ଗାଡ଼ି ଜବତ:୭ ଗିରଫ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ପୋଲିସ ଅବୈଧ ଗଞ୍ଜେଇ କାରବାର ବିରୋଧରେ ଏକ ବଡ଼ ସଫଳତା ହାସଲ କରିଛି। ନିର୍ଭରଯୋଗ୍ୟ ଗୁପ୍ତ ସୂଚନାକୁ ଆଧାର କରି ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ପୋଲିସ ସୋମବାର ମନହରପୁର ଗ୍ରାମ ଅଞ୍ଚଳରେ ଅଚାନକ ଚଢ଼ଉ କରିଥିଲା। ପୋଲିସ ଚଢ଼ଉ ସମୟରେ ସେଠାରେ ଥିବା ଗଞ୍ଜେଇ ଚୋରାଚାଲାଣକାରୀମାନେ ଗାଡ଼ି ଓ ଗଞ୍ଜେଇ ବସ୍ତା ଛାଡ଼ି ଫେରାର୍ ହେବାକୁ ଉଦ୍ୟମ କରିଥିଲେ। ତେବେ ପୋଲିସର ତତ୍ପରତା ଯୋଗୁ ୭ ଜଣଙ୍କୁ କାବୁ କରାଯାଇଥିବା ବେଳେ ୪ରୁ ୫ ଜଣ ଅନ୍ଧାରର ସୁଯୋଗ ନେଇ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଘଟଣାର ସୂଚନା ପାଇବା ପରେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଅବଗତ କରାଯିବା ସହ ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କୁ ଘଟଣାସ୍ଥଳକୁ ଡକାଯାଇଥିଲା। ମାଜିଷ୍ଟ୍ରେଟ୍, ସ୍ୱାଧୀନ ସାକ୍ଷୀ ଓ ପୋଲିସ ଟିମ୍‌ର ଉପସ୍ଥିତିରେ ତଲାସି କରାଯାଇଥିଲା। ତଲାସି



ବେଳେ ପ୍ରାୟ ୯୦୦ କେଜି ବ୍ୟବସାୟିକ ପରିମାଣର ଶୁଖିଲା ଓ ପ୍ରକ୍ରିୟାକୃତ ଗଞ୍ଜେଇ, ୧୦ ଲକ୍ଷ ଟଙ୍କା ନଗଦ, ଏକ ୯ ଏମ୍.ଏମ୍. ଦେଶୀ ବନ୍ଧୁକ, ଏକ ସ୍ୱିଫ୍ଟ ଡିଜାୟର କାର୍, ଟୟୋଟା ଇନୋଭା କାର୍, ୭ଟି ମୋବାଇଲ ଫୋନ, ୪ଟି ଉତ୍କଳ ଗ୍ରାମୀଣ ବ୍ୟାଙ୍କ ପାସବୁକ୍, ୩ଟି ଏସ୍‌ବିଆଇ ପାସବୁକ୍ ଓ ଗୋଟିଏ ଚେକ୍‌ବୁକ୍ ଜବତ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ, ରୁଣ୍ଡିମହୁଲ ଗ୍ରାମର ଭବାନୀ ଶଙ୍କର ବାରିକ, ତୁରିଦେଉଳ ଗ୍ରାମର ପ୍ରହ୍ଲାଦ ମେହେର, ରୁଣ୍ଡିମହୁଲ ଗ୍ରାମର ମିଥୁନ ଖଟୁଆ, ସେଲାମାଲ ଗ୍ରାମର ବିଜୟ ପ୍ରସାଦ ଗାଇଗୋରିଆ, ଲୁନାପଙ୍ଗା ଗ୍ରାମର ପ୍ରମୋଦ ମିଶ୍ର, ନରସିଂହପୁର ଗ୍ରାମର ଶରତ ପ୍ରଧାନ, ସିଲେଟପଡ଼ା ଗ୍ରାମର ଅଶୋକ ରଣା ଏମାନେ ସମସ୍ତେ ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର ଅଞ୍ଚଳବାସୀ । ପୋଲିସ ହେପାଜତରେ ପଚରାଉଚରା ବେଳେ ଗିରଫ ସମସ୍ତ ଅଭିଯୁକ୍ତ ଅବୈଧ ଗଞ୍ଜେଇ କାରବାରରେ ସକ୍ରିୟ ସମ୍ପୃକ୍ତି ଥିବା ନେଇ ସ୍ୱୀକାର କରିଥିବା ପ୍ରେସ୍ ନୋଟ୍ରେ ଉଲ୍ଲେଖ ରହିଛି। ତଦନ୍ତକୁ ଆଗକୁ ବଢ଼ାଇବା ସହ ଫରୱାର୍ଡ ଓ ବ୍ୟାକୱାର୍ଡ ଲିଙ୍କେଜ୍ ବିଶ୍ଳେଷଣ ପରେ ଭବାନୀ ଶଙ୍କର ବାରିକ ଏହି ଅବୈଧ ଗଞ୍ଜେଇ ଚୋରାଚାଲାଣ ଚକ୍ରର ମୁଖ୍ୟ କିଙ୍ଗପିନ୍ ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି। ତାଙ୍କ ସହ ଜଡିତ ଆର୍ଥିକ କାରବାରର ପ୍ରମାଣ ସ୍ୱରୂପ ବ୍ୟାଙ୍କ ପାସବୁକ୍ ଓ ଚେକ୍‌ବୁକ୍ ଜବତ କରାଯାଇଥିବା ବେଳେ ଏହି ଆର୍ଥିକ ନେଟ୍‌ୱର୍କକୁ ନେଇ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି। ଏହି ଘଟଣାରେ ମନମୁଣ୍ଡା ଥାନା କେସ୍ ନଂ-୨୯୩/ ୨୦୨୬ରେ ଏନ୍‌ଡିପିଏସ୍ ଆଇନ୍‌ର ଧାରା ୨୦(ବି)(ସି)(ସି), ୨୫, ୨୯ ଏବଂ ଏନ୍‌ଡିପିସି ଆକ୍ଟର ଧାରା ୨୫ ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ସୋମବାର ଆଇନଗତ ପ୍ରକ୍ରିୟା ଶେଷ କରି ଅଦାଲତକୁ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ, ଫେରାର୍ ୪ରୁ ୫ ଜଣ ଅଭିଯୁକ୍ତଙ୍କ ପରିଚୟ ସ୍ଥାପନ କରାଯାଉଥିବା ବେଳେ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି। ଏଥିସହ ଏହି ଚୋରାଚାଲାଣ ଚକ୍ରରେ ସମ୍ପୃକ୍ତ ଅନ୍ୟ ସଦସ୍ୟ, ଆର୍ଥିକ କାରବାର ଏବଂ ଅନ୍ତର୍ଜିଲ୍ଲା ଲିଙ୍କକୁ ନେଇ ତଦନ୍ତ ଜାରି ରହିଥିବା ବୌଦ୍ଧ ଜିଲ୍ଲା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ବନ୍ଧୁଙ୍କ ଶବସଂସ୍କାରରେ ଆସି ପୋଖରୀରେ ବୁଡି ଯୁବକ ମୃତ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଦାନଗଦି ବ୍ଲକ ଯାଜପୁର ରୋଡ ଥାନା ଅନ୍ତର୍ଗତ ରାଛିପୁର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଯାଇଛି । ମୃତ୍ୟୁ ବି ଏମିତି ଆସେ । ରବୀନ୍ଦ୍ର ପରିଡା (୩୫) ନାମକ ଏକ ଯୁବକ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି । ମୃତ ଯୁବକଙ୍କ ନିଜ ଘର ପାଖରେ ଥିବା ତାଙ୍କର ବନ୍ଧୁଙ୍କ ଶବ ନିଜ ଗ୍ରାମ ରାଛିପୁର ଶ୍ମଶାନରେ ଦାହ କରିସାରି ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ିଯାଇଥିଲେ। ପୋଖରୀ ତୁଠରେ ଛୋଟ ପିଲାମାନେ ମଧ୍ୟ ଗାଧୋଉଥିଲେ । ପିଲାମାନେ ଲୋକଟି ବୁଡ଼ିଯିବା ଦେଖି ଘରେ ଆସି କହିଥିଲେ । ଘରଲୋକ ଆସି ବହୁ ଖୋଜାଖୋଜି କରିବାପରେ ନମିଳିବାରୁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଯାଜପୁର ରୋଡ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ପାଣି ଭିତରେ ଖୋଜା ଖୋଜି କରିଥିଲେ । ପୋଖରୀରେ ପ୍ରାୟ ୩୦ ଫୁଟ୍ ପାଖାପାଖି ପାଣି ଥିବା ଯୋଗୁ ପାଣି ଭିତରୁ ଉଦ୍ଧାର କାର୍ଯ୍ୟ ହୋଇପାରିନଥିଲା । ମାଛ ଧରାଳିମାନେ ଆସି ଜାଲ ପକାଇ ବହୁ ଚେଷ୍ଟା କରି ମଧ୍ୟ ମୃତକଙ୍କୁ ପାଣିରୁ ଖୋଜିପାଇନଥିଲେ । ଶେଷରେ କଟକରୁ ବୁଡାଳି ଆସି ସନ୍ଧ୍ୟାରେ ମୃତକଙ୍କୁ ପାଣିରୁ ଉଦ୍ଧାର କରିଥିଲେ । ଗ୍ରାମରେ ଦୁଇଟି ପରିବାରରୁ ଦୁଇ ଜଣଙ୍କ ଅକାଳରେ ମୃତ୍ୟୁବରଣ କରିଥିବାରୁ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



## କଫ୍ ସିରପ୍ କାରବାରରେ ୩ ଗିରଫ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡରେ ବେଆଇନ୍ କଫ୍ ସିରପ୍ କାରବାର ଉପରେ ଖପ୍ରାଖୋଲ ପୋଲିସ ମଙ୍ଗଳବାର ସକାଳେ ଚଢଉ କରି ତିନି ଜଣଙ୍କୁ ଗିରଫ୍ କରିବା ସହିତ ୧୩୦ ବୋଟଲ୍ କଫ୍ ସିରପ୍ ଜବତ କରିଛି। ସୂଚନା ଅନୁସାରେ ଖପ୍ରାଖୋଲ ପୋଲିସ୍ ବେଆଇନ୍ କଫ୍ ସିରପ୍ କାରବାର ହେଉଥିବା ଖବରପାଇ ମଙ୍ଗଳବାର ସକାଳେ ପାଟ୍ରୋଲିଙ୍ଗ କଲାବେଳେ ହରିଶଙ୍କର ଛକ ନିକଟରେ ଦୁଇଟି ମୋଟର ସାଇକେଲରେ ତିନି ଜଣ ଯୁବକ ଛିଡ଼ା ହୋଇଥିବାବେଳେ ପୋଲିସ୍ ପଚରା ଉଚୁରା କରିଥିଲା। ଏହି ସମୟରେ ତାଙ୍କ ଠାରୁ ୧୩୦ ବୋତଲ ଏସ୍ କପ୍ କଫ୍ ସିରପ୍ ମୋଟର ସାଇକେଲ ଡିକିରୁ ଜବତ କରିଥିଲେ। ସେହିପରି ୧୩ ଶହ ୯୦ ଟଙ୍କା, ଦୁଇଟି ମୋଟର ସାଇକେଲ, ତିନିଟି ମୋବାଇଲ୍ ଜବତ୍ କରିଥିବା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଖପ୍ରାଖୋଲର ଥାନା ମାଟିଆଉଟା ଗାଁର ଜିବେସ ପଣ୍ଡା (୨୪), ପାଚେର ଗାଁର ଅନୀଲ ନିଆଲ (୩୧)ଓ ବେଲପଡା ଥାନା ଡୁଙ୍ଗୁରିଗୁଡା ଗାଁର ଥବିର ଧରୁଆ (୩୯) ବୋଲି ପୋଲିସ ସୂଚନା ଦେଇଛନ୍ତି। ଏନେଇ ଖପ୍ରାଖୋଲ ଥାନା କେସ୍ ନମ୍ବର ୧୪୪/୨୬ ରେ ଏନ୍‌ଡିପିଏସ୍ ଆଇନ୍ ଧାରା ୨୧(ଖ)ଓ ୨୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି। ଏହାର ଅଧିକ ତଦନ୍ତ ଜାରି ରହିଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୬।୦୭।୨୦୨୬, ଆଷାଢ଼ ଦ୩୨ନ, ଗୁରୁବାର**
**ସୂର୍ଯ୍ୟୋଦୟ- ଘ ୫।୧୮।୩୪ ଚନ୍ଦ୍ରୋଦୟ- ପ୍ରାଘ ୭।୦୫।୪୯**
ଦ୍ୱିତୀୟା ଦିଘ ୮।୫୫ ପର୍ଯ୍ୟନ୍ତ । ଅଶ୍ଳେଷା ନକ୍ଷତ୍ର ରାଘ ୭।୫୫ ପର୍ଯ୍ୟନ୍ତ । କର୍କଟ ଚନ୍ଦ୍ର ରାଘ ୭।୫୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । ରାଘ ୭।୫୫ ଗତେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ରାଘ ୭।୫୫ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ଦିଘ ୮।୫୫ ଗତେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୧ ଗତେ ଦିଘ ୭।୦୬ ମଧ୍ୟେ। ଦିଘ ୧୦।୩୬ ଗତେ ଦିଘ ୧୧।୩ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀ ଗୁଣ୍ଡିଚା ରଥଯାତ୍ରା, ମାସାନ୍ତ ।



**ମେଷ:** ଚାକିରି କ୍ଷେତ୍ରରେ କାର୍ଯ୍ୟରେ ପ୍ରତିରୋଧର ସମ୍ମୁଖୀନ ହେବେ। ଶତ୍ରୁମାନଙ୍କର ଅନେକ ଚେଷ୍ଟା ସତ୍ତ୍ୱେ ବି ସେମାନେ କିଛି କରିପାରିବେନାହିଁ। ପାରିବାରିକ ଜୀବନ ସୁଖମୟ ହୋଇପାରିବ।



**ବୃଷ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ। ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି କଟିବ। ଯାନବାହାନ କ୍ରୟ କରିପାରନ୍ତି। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ ।



**ମିଥୁନ:** ବ୍ୟବସାୟ ମଧ୍ୟମ ଧରଣର ହେବ। ଏଣୁ ରୋଜଗାରର ମାତ୍ରା କମିଯିବ। ମହିଳାମାନେ ସ୍ୱାର୍ଥପର ହେବେ। ଦେହ ଓ ମନ ଭଲ ରହିବ। ଗୃହେ ସୁଖ ଓ ଆନନ୍ଦର ଲହରୀ ଖେଳିବ ।



**କର୍କଟ:** କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଉତ୍ତମ ଭୋଜନ ମଧ୍ୟ କରିପାରନ୍ତି। ପାରିବାରିକ ସୁଖ ସମ୍ବାଦ ଲାଭ ହେବ। ରୋଜଗାର ମଧ୍ୟମ ଧରଣର ହେବ ।



**ସିଂହ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟରେ ବାଧା ଦେଖାଦେବ। ପୁରାତନ ରୋଗରୁ ସାମାନ୍ୟ ଉପଶମ ମିଳିପାରେ। ପାରିବାରିକ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ବ୍ୟୟର ପରିମାଣ ଅଧିକ ହେବ ।



**କନ୍ୟା:** ରୋଜଗାରର ପରିମାଣ ବଢ଼ିବ। ଶୁଭ କାର୍ଯ୍ୟ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ନୂତନ ଦାୟିତ୍ୱ ହାତକୁ ନେଇ କାର୍ଯ୍ୟ କରିପାରନ୍ତି। ମାଲିମୋକଦ୍ଦମା କ୍ଷେତ୍ରରେ ସଫଳତା ହାସଲ ହୋଇପାରେ ।



**ତୁଳା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ। ଅସୁସ୍ଥତାରୁ ଆରୋଗ୍ୟ ଲାଭ କରିବେ। ଆୟରେ ଉନ୍ନତି ଦେଖାଦେବ। ପରିବାରରେ ଆନନ୍ଦ ଅକ୍ଷୁର୍ଣ୍ଣ ରହବ। ଲୋକପ୍ରିୟତା ବୃଦ୍ଧି ପାଇବ ।



**ବିଛା:** ପରଉପକାର କରି ଆନନ୍ଦିତ ହେବେ। ଯାନବାହାନ ଆଦି କ୍ରୟ କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇବେ। ପରିବାରରେ ସୁଖ ଶାନ୍ତି ଅବ୍ୟାହତ ରହିବ। ରୋଜଗାର ଭଲ ହେବ ।



**ଧନୁ:** ଚାକିରୀ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦ ମର୍ଯ୍ୟାଦା ବୃଦ୍ଧି ହେବ। ଦେହ ଓ ମନ ଭଲ ରହିବ। ମହିଳାମାନେ ଆନନ୍ଦମନା ହେବେ। ରୋଜଗାର ସ୍ଥିର ରହିବ। ପାରିବାରିକ ଜୀବନ ସୁଖମୟ ହେବ ।



**ମକର:** କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ। ପାରିବାରିକ ଜୀବନରେ ଆନନ୍ଦ ଲାଭ କରିବେ। ସାମାଜିକ ସ୍ତରରେ ସମ୍ମାନିତ ହେବେ। ଶତ୍ରୁ ନାଶ ହୋଇପାରେ। ବ୍ୟୟ ସାମାନ୍ୟ ବଢ଼ିବାର ସୂଚନା ।



**କୁମ୍ଭ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ବିଭିନ୍ନ କ୍ଷେତ୍ରରେ ବିଜୟୀ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଶାନ୍ତି ଲାଭ କରିବେ ।



**ମୀନ:** ବିଚାର ବିମର୍ଷ ହୋଇ କାର୍ଯ୍ୟ କରିବା ଭଲ। ରୋଗରୁ ଆରୋଗ୍ୟ ଲାଭ କରିବେ। ବିବାଦୀୟ ଘଟଣା ଠାରୁ ଦୂରେଇ ରହିବା ଭଲ। ପରିବାରରେ ଆନନ୍ଦର ଲହରୀ ଖେଳିବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୭।୦୭।୨୦୨୬, ଶ୍ରାବଣ ଦ୧ନ, ଶୁକ୍ରବାର**
**ସୂର୍ଯ୍ୟୋଦୟ- ଘ ୫।୧୮।୫୬ ଚନ୍ଦ୍ରୋଦୟ- ଦିଘ ୮।୦୭।୧୪**
ତୃତୀୟା ପ୍ରାଘ ୬।୩୦ ଗତେ ଚତୁର୍ଥୀ କ୍ଷୟ । ମଘା ନକ୍ଷତ୍ର ସଂଘ ୬।୩୭ ପର୍ଯ୍ୟନ୍ତ । ସିଂହ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ପ୍ରାଘ ୬।୩୦ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୨ ଗତେ ଦିଘ ୬।୧୫ ମଧ୍ୟେ। ଦିଘ ୭।୦୯ ଗତେ ଦିଘ ୮।୩୮ ମଧ୍ୟେ । **ପର୍ବୋତ୍ସବ-** ଅଦ୍ୟ ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି, ଶ୍ରୀମନ୍ଦିରରେ ଦକ୍ଷିଣାୟନ ବନ୍ଦାପନା ଓ ଯାତ୍ରା ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

## ରୁଷ ତେଲ ଉପରୁ ପ୍ରତିବନ୍ଧକ କୋହଳ ହେଲା

ରୁଷିଆ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ଆମେରିକା ପକ୍ଷରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି । ରୁଷଠାରୁ ଶସ୍ତାରେ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ କଠୋର ଆର୍ଥିକ ପ୍ରତିବନ୍ଧକ ଲଗାଇବା ପାଇଁ ଆମେରିକା ସଂସଦରେ ଆସିଥିବା ବିଲ୍‌ରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି । ପୂର୍ବରୁ ପ୍ରସ୍ତାବିତ ୫୦୦ ପ୍ରତିଶତ ଟାରିଫ୍‌କୁ ଏବେ ହ୍ରାସ କରାଯାଇ ସର୍ବାଧିକ ୧୦୦ ପ୍ରତିଶତ କରିବାକୁ ସଂଶୋଧିତ ବିଲ୍‌ରେ ପ୍ରସ୍ତାବ ଦିଆଯାଇଛି । ଏହି ନୂତନ ପରିବର୍ତ୍ତନ ପରେ ଭାରତ ଓ ଚୀନ୍ ଭଳି ପ୍ରମୁଖ ତେଲ ଆମଦାନୀକାରୀ ଦେଶଗୁଡ଼ିକୁ କିଛିଟା ଆଶ୍ୱସ୍ତି ମିଳିପାରେ ବୋଲି ଅନୁମାନ କରାଯାଉଛି । ଆମେରିକାର ଡେମୋକ୍ରାଟିକ୍ ଏବଂ ରିପବ୍ଲିକାନ୍ ସାଂସଦମାନଙ୍କ ଦ୍ୱାରା ଆଗତ ହୋଇଥିବା ଏହି 'ରୁଷିଆ ପ୍ରତିବନ୍ଧକ ବିଲ୍' ର ନୂଆ ସିଷ୍ଟମରେ ଏହି ପରିବର୍ତ୍ତନ କରାଯାଇଛି । ପୂର୍ବରୁ ରୁଷଠାରୁ ତେଲ ଏବଂ ଗ୍ୟାସ୍ କିଣୁଥିବା ସମସ୍ତ ଦେଶ ଉପରେ ୫୦୦% ଟ୍ୟାରିଫ୍ ଲଗାଇବାକୁ ଯୋଜନା ହୋଇଥିଲା, ଯାହାକୁ ଏବେ କମାଇ ସର୍ବାଧିକ ୧୦୦% କରାଯାଇଛି । ସଂଶୋଧିତ ବିଲ୍ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରତିବନ୍ଧକ କୋହଳ କରିବା ପାଇଁ ସ୍ୱତନ୍ତ୍ର ଅଧିକାର ଦିଆଯିବ । ଯଦି ରାଷ୍ଟ୍ରପତି ମନେକରନ୍ତି ଯେ କୌଣସି ଦେଶକୁ ରିହାତି ଦେବା ଆମେରିକାର ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ଜରୁରୀ, ତେବେ ସେ ସେହି ଦେଶ ଉପରୁ ପ୍ରତିବନ୍ଧକ କିମ୍ବା ଟାରିଫ୍ ହଟାଇ ପାରିବେ କିମ୍ବା କୋହଳ କରିପାରିବେ । ପୂର୍ବରୁ ଏହି ନିୟମ ସମସ୍ତ ଆମଦାନୀକାରୀ ଦେଶଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ, ଏବେ ଏହାକୁ ସୀମିତ କରାଯାଇଛି । ରୁଷଠାରୁ ସବୁଠାରୁ ଅଧିକ ତେଲ ଓ ପ୍ରାକୃତିକ ଗ୍ୟାସ୍ କିଣୁଥିବା ଶୀର୍ଷ ୫ଟି ଦେଶ ଉପରେ ହିଁ ଏହି ନିୟମ ଲାଗୁ ହେବ । ଆମେରିକା ନଜରରେ ଭାରତ ଏବଂ ଚୀନ୍ ହେଉଛନ୍ତି ରୁଷିଆ ଅଶୋଧିତ ତେଲର ସବୁଠାରୁ ବଡ଼ କ୍ରେତା। ଏହି ବିଲ୍‌କୁ ଦିବଙ୍ଗତ ରିପବ୍ଲିକାନ୍ ସିନେଟର ଲିଣ୍ଡସେ ଗ୍ରାହାମ୍ ଏବଂ ଡେମୋକ୍ରାଟ୍ ସିନେଟର ରିଚାର୍ଡ ବ୍ଲୁମେନଥାଲ୍‌ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା । ଏହି ସଂଶୋଧିତ ବିଲ୍‌କୁ ଆମେରିକା ସଂସଦରେ ଉଭୟ ଦଳର ବଡ଼ ସମର୍ଥନ ମିଳୁଛି ଏବଂ ବର୍ତ୍ତମାନ ସୁଦ୍ଧା ୨୬ ଜଣ ସାଂସଦ ଏହାର କୋ-ସ୍ପନସର ଅଛନ୍ତି । ବର୍ତ୍ତମାନ ଏହି ପ୍ରସ୍ତାବ କେବଳ ଆମେରିକା କଂଗ୍ରେସରେ ଆଲୋଚନା ପର୍ଯ୍ୟାୟରେ ରହିଛି। ସଂସଦର ଉଭୟ ସଦନରେ ଏହା ଗୃହୀତ ହେବା ଏବଂ ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ପରେ ହିଁ ଏହା ଆଇନରେ ପରିଣତ ହେବ । ତେଣୁ ଏହି ବିଲ୍‌ର ଆଗାମୀ ଗତିବିଧି ଉପରେ ଭାରତ ସମେତ ସାରା ବିଶ୍ୱର ନଜର ରହିଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ଅନ୍ଧ**

ଶ୍ରଦ୍ଧେୟ ଭକ୍ତବୃନ୍ଦ ଭକ୍ତର ଚକ୍ଷୁ ସଦା ସର୍ବଦା ଉନ୍ମୁକ୍ତ କର୍ଣ୍ଣ, ନାଶା ପାଟି ସବୁ ଉନ୍ମୁକ୍ତ କାରଣ ଶାସ୍ତ୍ର କହେ

"ମନୁଷ୍ୟ ଦେହେ ଦିବ୍ୟଜ୍ଞାନ
ଦେଖି ସନ୍ତୋଷ ଭଗବାନ ।"

ଭକ୍ତ ଭଗବାନ ଭିତରେ ଗୁରୁ ଶିଷ୍ୟ ଭିତରେ ପ୍ରଭେଦ ନଥାଏ । ଆଉ ଯେ ପ୍ରଭେଦର ପ୍ରାଚୀର ଠିଆ କରାଏ ସେହି ଅନ୍ଧ । ଆଖି ଥାଇ ନଥିଲା ପରି ତାର ପାଟି ପୁରେ କିନ୍ତୁ ପେଟ ପୁରେ ନାହିଁ । ସଦାସର୍ବଦା ସେ ତା ହୁତାସରେ କାଳାତିପାତ କରୁଥାଏ । ହନ୍ତସନ୍ତ ହେଉଥାଏ । ଏଥିରୁ ଜାଣିବ ସେହିଁ ଅଜ୍ଞାନ, ନାମ ନେଇ ଧୃତ ହୋଇଯାଇଛି । ଗୁରୁଙ୍କ ସହିତ ଭଗବାନଙ୍କ ସହିତ ଛଳନା କରୁଛି । ତେଣୁ ସେ ଭଳି ଭକ୍ତ ପାଖରୁ ସଦା ସର୍ବଦା ଦୂରେଇ ଯେତେ ରହିବ ତୁମର ସେତେ ମଙ୍ଗଳ, କାରଣ- କୁହାଳିଆ କେଭେ ଦୁହାଁଳିଆ ନୁହେଁ । ତାର ନିଷ୍ଠା ନଥାଏ, ଚରିତ୍ର ନଥାଏ, ଉପର ଦେଖାଣିଆ ଭକ୍ତ ସାଜିଥାଏ । ତାର ବ୍ୟବହାର, ଚାଲିଚଳନ ଉପରେ ସଦାସର୍ବଦା ଦୃଷ୍ଟି ନଥାଏ । ସେ କେବଳ ଅନ୍ୟକୁ ସମାଲୋଚନା କରି ଚାଲିଥାଏ । ତେଣୁ ସେ ହିଁ ଅନ୍ଧ, ତେଣୁ ଅନ୍ଧ ସହିତ ସମ୍ପର୍କ ରଖିଲେ ଯାହା ହୁଏ ତୁମର ବି ଦିନେ ନା ଦିନେ ସେଇଆ ଭୋଗିବାକୁ ପଡିଥାଏ । ତେଣୁ ତୁମେ ଶିଷ୍ୟ ହୁଅ ବା ଭକ୍ତ ହୁଅ ନିଷ୍ଠା ରଖ ପ୍ରଭୁଙ୍କ ବାକ୍ୟ ଉପରେ ପ୍ରଭୁଙ୍କୁ ପ୍ରେମକର କିନ୍ତୁ ପ୍ରତିଦାନ ଚାହଁନାହିଁ । ପ୍ରଭୁଙ୍କ ଆଶ୍ରାକର କିନ୍ତୁ ଆଶାବାଦୀ ହୁଅନାହିଁ । ଦେଖିବ ତୁମର ଅନ୍ଧତ୍ୱ ନିଶ୍ଚୟ ଦୂରିଭୂତ ହେବ ଏବଂ ଶ୍ରୀ ଗୁରୁଙ୍କ କୃପା ଲାଭ ପାଇ ଜଗତରେ ଶ୍ରେଷ୍ଠ ମାନବ ରୂପେ ଭକ୍ତ ରୂପେ ଶିଷ୍ୟ ରୂପେ ପରିଗଣିତ ହୋଇପାରିବ ।

# ଜୟତି ରଥଯାତ୍ରା ଭୁବି ହରେଃ



ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ. ୯୪୩୭୫୬୬୩୨୪

**(ଛନ୍ଦଃ- ଶିଖରିଣୀ)**

କ୍ୱଚିଦ୍ ଘଣ୍ଟାନାଦଃ କ୍ୱଚନ
ମୁରଜାଘାତନିନଦଃ
କ୍ୱଚିଭେରୀସ୍ୱାନଃ କ୍ୱଚନ
ମଧୁରୀମଞ୍ଜୁଳରବଃ ।
କ୍ୱ ବା ଭକ୍ତାରାବୋ ଜୟ ଜୟ
ଜଗନ୍ନାଥ ଜଗତୀ-
ତ୍ୟହୋଃଶେଷୈର୍ଘୋଷୈର୍ଜୟତି
ରଥଯାତ୍ରା ଭୁବି ହରେଃ ।୧।

କେଉଁଠି ଘଣ୍ଟାନାଦ ତ କେଉଁଠି ମୃଦଙ୍ଗନାଦ, କେଉଁଠି ଭେରୀଧ୍ୱନି ତ ପୁଣି କେଉଁଠି ମହୁରୀର ମଞ୍ଜୁଳ ଶବ୍ଦ। ଆଉ କେଉଁଠି ଭକ୍ତମାନଙ୍କର 'ଜୟ ଜୟ ଜଗନ୍ନାଥ' ବୋଲି ଉଚ୍ଚାରଣ । ଏହି ଭଳି ଅଶେଷ ଘୋଷ ସହିତ ଶ୍ରୀହରିଙ୍କ ରଥଯାତ୍ରା ଜଗତରେ ଜୟ ଲାଭ କରୁଛି ।

କ୍ୱଚିତ୍ ପୀତାରକ୍ତୋ ବିଳସତି
ରଥଃ ଶ୍ରୀମୁରରିପୋଃ
କ୍ୱଚିନ୍ନୀଳାରକ୍ତଃ ସ୍ଫୁରତି ଚ ରଥୋ
ଲାଙ୍ଗଳଭୃତଃ ।
କ୍ୱଚିତ୍ କୃଷ୍ଣାରକ୍ତୋ ରଥ ଇହ
ସୁଭଦ୍ରାୟୁଧକୃତେ
ବିଭାତୀଷ୍ଟୈର୍ବର୍ଣ୍ଣୈର୍ଜୟତି
ରଥଯାତ୍ରା ଭୁବି ହରେଃ ।୨।

କେଉଁଠି ମୁରାରିଙ୍କ ପୀତ-ଲୋହିତବର୍ଣ୍ଣର ରଥ ବିଳାସ କରୁଛି ତ କେଉଁଠି ହଳାୟୁଧଙ୍କର ନୀଳଲୋହିତ ରଥ ଉଜ୍ଜ୍ୱଳ ଦିଶୁଛି। ଆଉ ପୁଣି କେଉଁଠି ସୁଭଦ୍ରା ଓ ଆୟୁଧରାଜ ସୁଦର୍ଶନଙ୍କ କୃଷ୍ଣଲୋହିତ ରଥ ଶୋଭା ପାଉଛି । ଏହି ପ୍ରିୟବର୍ଣ୍ଣମାନଙ୍କ ସହିତ ଶ୍ରୀହରିଙ୍କ ରଥଯାତ୍ରା ଜୟ ଲାଭ କରୁଛି ।

କ୍ୱଚିଚ୍ଛତ୍ରାଟୋପୋ
ବ୍ୟଜନପରିଚର୍ଯ୍ୟା କ୍ୱଚିଦହୋ
କ୍ୱଚିଦ୍ଦୋଳଃ
କ୍ଷୀରାର୍ଣ୍ଣବରୁଚିଲସଚ୍ଚାମରତତେଃ ।
କ୍ୱଚିତ୍ତ୍ରାସୋନ୍ମେଷଃ କ୍ୱ ଚ
ନଟନସଙ୍ଗୀତବିଭବଃ
ସ୍ଫୁରଦ୍ରାଜାଚାରୈର୍ଜୟତି ରଥଯାତ୍ରା
ଭୁବି ହରେଃ ।୩।

କେଉଁଠି ଛତ୍ରର ଆଟୋପ ତ କେଉଁଠି ବ୍ୟଜନର ସେବା । କେଉଁଠି ପୁଣି କ୍ଷୀରସମୁଦ୍ରର ଢେଉଭଳି ଶୁଭ୍ରଚାମରର ହିଲ୍ଲୋଳ। କେଉଁଠି ତ୍ରାସର ଉତ୍ତୋଳନ ତ କେଉଁଠି ଅବା ନୃତ୍ୟସଂଗୀତର ଆସର । ସମୁଜ୍ଜ୍ୱଳ-ରାଜ-ଉପଚାର-ସହିତ ଶ୍ରୀହରିଙ୍କ ରଥଯାତ୍ରା ଜୟ ଲାଭ କରୁଛି ।

କ୍ୱଚିଲ୍ଲୋକାନନ୍ଦପ୍ରକଟକରତାଳଧ୍ୱନିଭରଃ
କ୍ୱଚିଦ୍ରୋଦୈର୍ବନ୍ଧାଞ୍ଜଳିପଟବେତୋମାର୍ତ୍ତିକଥନମ୍
କ୍ୱଚିଦ୍ୱିଦ୍ୱଦ୍-
ବୃନ୍ଦୈର୍ମଧୁରବିରୁଦୋଦ୍ଗାୟନରବୋ
ଭ୍ରମଭକ୍ତୈ ରକ୍ତୈର୍ଜୟତି
ରଥଯାତ୍ରା ଭୁବି ହରେଃ ।୪।

କେଉଁଠି ଜନସାଧାରଣଙ୍କ ଆନନ୍ଦଜନିତ କରତାଳିର ଧ୍ୱନି ତ କେଉଁଠି ସ୍ତୋତ୍ରସମୂହ ଦ୍ୱାରା ବିଳାପ ସହିତ ଦୁଃଖଭରା ଜଣାଣ । ଆଉ କେଉଁଠି ବିଦ୍ୱନମଣ୍ଡଳୀଦ୍ୱାରା ମଧୁର ବିରୁଦସ୍ତୁତିଗାନର ଶବ୍ଦ । ବଡଦାଣ୍ଡରେ ବିଚରଣଶୀଳ ଅନୁରକ୍ତଭକ୍ତଙ୍କ ସହିତ ଶ୍ରୀହରିଙ୍କ ରଥଯାତ୍ରା ଜୟ ଲାଭ କରୁଛି।

କ୍ୱଚିନ୍ମନ୍ଦଂ ମନ୍ଦଂ ଚଳନମଭିନନ୍ଦ୍ୟଂ
ସରଭସଂ
କ୍ୱଚିଦ୍ ବେଗୋଦ୍ରେକୈଃ
ପ୍ରସରଣମପାରପ୍ରିୟକରମ୍ ।
ନମତ୍କୃଷ୍ଣସ୍ୟେଷ୍ଟା ଦୁରିତଶମନୀ
ସର୍ବଜଗତାଂ
ଚଳଚ୍ଚକ୍ରଧ୍ୱାନୈର୍ଜୟତି ରଥଯାତ୍ରା
ଭୁବି ହରେଃ ।୫।

ରଥମାନଙ୍କର କେଉଁଠି ଧୀରଗତିରେ ଚଳନ ତ କେଉଁଠି ପ୍ରବଳବେଗରେ ଅପାର ଆନନ୍ଦକର ଶୀଘ୍ର-ପ୍ରସରଣ। ନମନଶୀଳ-କବିକୃଷ୍ଣକେଶବଙ୍କ ପ୍ରେଷ୍ଠା ତଥା ସମସ୍ତଜଗତର ପାପହାରିଣୀ ଏହି ଚଳମାନ-ଚକ୍ରସମୂହର ଧ୍ୱନି ସହିତ ଶ୍ରୀହରିଙ୍କ ରଥଯାତ୍ରା ଜୟ ଲାଭ କରୁଛି ।

# ବସୁଧୈବ କୁଟୁମ୍ବକମ୍‌ର ମନ୍ତ୍ର - ମୋ' ପ୍ରଭୁ ଜଗନ୍ନାଥ



ମୀରା ବେଉରା
ରଘୁନାଥ ଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
ମୋ -୭୮୪୬୯୨୧୪୦୦
E-mail :
meerabeura74@gmail.com



ସମଗ୍ର ପୃଥିବୀରେ ଏମିତି ଠାକୁର କେହି ନାହାଁନ୍ତି ଯିଏ ନିଜ ରତ୍ନ ସିଂହାସନରୁ ଓହ୍ଲେଇ ଆସନ୍ତି ବଡ଼ଦାଣ୍ଡକୁ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଦେବାଲାଗି । ସେ ଆଉ କେହି ନୁହନ୍ତି ସେ ହେଉଛନ୍ତି ବିଶ୍ୱବ୍ରହ୍ମାଣ୍ଡର କଥାକୁହା ଠାକୁର ମୋ' ପ୍ରଭୁ ଜଗନ୍ନାଥ। ଭକ୍ତ ଓ ଭଗବାନଙ୍କ ଭିତରେ ଯେଉଁ ବାଡ଼ ଥାଏ ସେ ତାକୁ ଭାଙ୍ଗି ଭକ୍ତକୁ କୋଳେଇ ନେଇ ତା'ର ସୁଖଦୁଃଖ, ହାନିଲାଭ ବୁଝି ମୁହଁରେ ଧାରେ ହସ ଫୁଟେଇ ଦିଅନ୍ତି । ଏହି ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ସେ ଚାଲିଆସନ୍ତି ରତ୍ନ ବେଦୀରୁ। ରଥରେ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାକୁ ଧରି ମହାଆନନ୍ଦରେ ମୁରକି ମୁରକି ହସି ଭକ୍ତଙ୍କ ସହ ଏକାକାର ହୋଇଯାଆନ୍ତି। ସେଠି ଧନୀ, ନିର୍ଦ୍ଧନ, ଜାତି, ଅଜାତି, ଉଚ୍ଚନୀଚ ବାଛବିଚାର କିଛି ରହେନି। ସବୁ ଧର୍ମର ସମନ୍ୱୟ ସେ ବଡ଼ ଠାକୁର। ସବୁ ଧର୍ମର, ସବୁ ସମ୍ପ୍ରଦାୟର, ସବୁ ଭାଷାଭାଷୀ ଲୋକମାନଙ୍କୁ ଆପଣେଇ ନିଅନ୍ତି ସେହି ପ୍ରାଣର ଠାକୁର ପ୍ରଭୁ ଜଗନ୍ନାଥ। ଜଗତର କଲ୍ୟାଣ ହିଁ ଶ୍ରୀଜଗନ୍ନାଥ ସଂସ୍କୃତିର ସାରାଂଶ। ଯେତେ ସବୁ ତତ୍ତ୍ୱ, ମତବାଦ, ଚିନ୍ତନ, ରୀତି, ନୀତି, ସଂସ୍କୃତି, ପରମ୍ପରା, ଦର୍ଶନତତ୍ତ୍ୱ ସବୁ ମୋ' ପ୍ରଭୁଙ୍କଠାରେ ହିଁ ସମାହିତ। କୌଣସି ସଂକୀର୍ଣ୍ଣତାରେ ସେ ଆବଦ୍ଧ ହୋଇ ପାରନ୍ତି ନାହିଁ। ସବୁ ସଂକୀର୍ଣ୍ଣତାକୁ ପାର କରି ସେ ବିଶ୍ୱର ଠାକୁର ପାଲଟି ଯାଆନ୍ତି। ସବୁ ସୀମା ଲଙ୍ଘି ସାତ ସମୁଦ୍ର ପାର ହୋଇ ବିଶ୍ୱକୁ ବ୍ୟାପୀ ଯାଆନ୍ତି। ତାଙ୍କର ସଂଜ୍ଞାକୁ ଖୋଜିବା ଏତେ ସହଜ ନୁହେଁ। ସେ ଭାବକୁ ନିକଟ ଅଭାବକୁ ଦୂର। ବିଶ୍ୱ ନିୟନ୍ତା, ଚଉଦଭୁବନର ପାଳନକର୍ତ୍ତା, ଉତ୍କଳର ନେତା କେବଳ ଓଡ଼ିଶାକୁ ହିଁ ନିଜର ବାସଭୂମି ଭାବରେ ଚୟନ କରି ସମଗ୍ର ବିଶ୍ୱକୁ ଦେଖାଇ ଦେଇଛନ୍ତି ଯେ, ଓଡ଼ିଶା ଏକମାତ୍ର ରାଜ୍ୟ ଯାହାର କଳା ସଂସ୍କୃତି ଭାସ୍କର୍ଯ୍ୟ ପାଇଁ ସେ ସମଗ୍ର ବିଶ୍ୱଦରବାରରେ ମଧ ଅଭିନନ୍ଦନୀୟ। ଓଡ଼ିଶା ଭଳି ପବିତ୍ର ଭୂମି ନାହିଁ। ଉତ୍କଳସ୍ୟ ସମୋଦେଶ ଦେଶୋ ନାସ୍ତି ମହୀତଳେ। ପୃଥିବୀ ଇତିହାସରେ ପୃଥିବୀର ମାନଚିତ୍ରରେ ଉତ୍କଳର ସ୍ୱତନ୍ତ୍ର ସ୍ଥାନ ରହିଛି। ଶ୍ରୀଜଗନ୍ନାଥ ହିଁ ସମଗ୍ର ବିଶ୍ୱରେ ଓଡ଼ିଆର ପରିଚୟ। ପ୍ରତିଟି ଓଡ଼ିଆ ଜାତିର ବିଶ୍ୱାସର ବତୀଘର ହେଉନ୍ତି ପ୍ରଭୁ ଜଗନ୍ନାଥ। ସବୁ ସ୍ୱାଭିମାନ, ଆସ୍ଥା, ପ୍ରଗତି, ମୁକ୍ତିର ଆଧାର ହେଉଛନ୍ତି ସେହି ବ୍ରହ୍ମାଣ୍ଡ ବିଶ୍ୱନିୟନ୍ତା ପ୍ରଭୁ ଜଗନ୍ନାଥ। ଏ ଜାତି କେତେ ଦୁଃଖ କଷ୍ଟ ସହିଛି, କେତେ ବଢ଼ି ମରୁଡ଼ି, ବିପନ୍ନକୁ ସାମ୍ନା କରିଛି। ଏ ଜାତି ଉପରେ ଅନେକ ଆକ୍ରୋଶ ହୋଇଛି। କେତେ କେତେ ଆକ୍ରମଣକୁ ସାମ୍ନା କରିଛି। ତଥାପି ହାରିନି। ଏ ଜାତି ଜଗନ୍ନାଥଙ୍କୁ ଧରି ସବୁ ଦୁଃଖକଷ୍ଟ ଯନ୍ତ୍ରଣାକୁ ଅମୃତ କରି ପିଇ ଚାଲିଛି। 'ଏ ଜାତି କେବେ ଭୋକିଲା କି ଦରିଦ୍ର ହୋଇ ପାରେନା। ଯେଉଁ ଜାତି ପଥରରେ ଏତେ ସୁନ୍ଦର ମୂର୍ତ୍ତି ଗଢ଼ି ନିଜ କଳା ଚାତୁର୍ଯ୍ୟର ପରିଚୟ ଦିଏ; ସେ ଜାତି କେବେ ଦରିଦ୍ର ହୋଇପାରେନା'- ଏକଥା କୋଣାର୍କର ସୂର୍ଯ୍ୟ ମନ୍ଦିର ଦେଖି ରବିନ୍ଦ୍ରନାଥ ଟାଗୋର କହିଥିଲେ। 'ଜଗନ୍ନାଥ ହେଉଛନ୍ତି ଏ ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ସଂପଦ। ଆମ ଅସ୍ମିତାର ଆତ୍ମା ପ୍ରଭୁ ଜଗନ୍ନାଥ। ସେ ହିଁ ଆମ ସ୍ଥିତି, ବ୍ୟାପ୍ତି, ଦୀପ୍ତି, ଦ୍ୟୁତିର ସମୀକ୍ଷକ। ପ୍ରତ୍ୟେକଟି ଓଡ଼ିଆଙ୍କର ରକ୍ତ, ଶୀରାପ୍ରଶିରା, ଧମନୀ, ନିଃଶ୍ୱାସପ୍ରଶ୍ୱାସରେ, ଚିନ୍ତାଚେତନାରେ ଯେଉଁଠି ଖୋଜିବ ସେଇଠି ପାଇବ ସେହି ଜୀବନ୍ତ ସର୍ବବ୍ୟାପୀ, ସାର୍ବଜନୀନ ପ୍ରାଣର ଠାକୁର ପ୍ରଭୁ ଜଗନ୍ନାଥଙ୍କୁ। ତାଙ୍କ ବିନା କୌଣସି ପର୍ବପର୍ବାଣୀ ସମ୍ଭବ ନୁହେଁ। ତାଙ୍କର ପ୍ରତ୍ୟେକଟି ଜୀବନଶୈଳୀରେ, ପ୍ରତ୍ୟେକଟି ମାନବୀୟ ଲୀଳାରେ ଆମ ସଂସ୍କୃତିର ମହନୀୟତା ହିଁ ପ୍ରତିଫଳିତ। ସର୍ବଧର୍ମ ସର୍ବସମ୍ପ୍ରଦାୟର ସେ ଉପାସ୍ୟ। ଜାତିରେ ଯିଏ ସବୁଠୁ ନୀଚ ସେ ଭଗବାନଙ୍କର ଅତି ପ୍ରିୟ। ଯାହାର ପ୍ରମାଣ ଆମର ଅଜସ୍ର କାହାଣୀ ଓ ପୁରାଣ କିମ୍ବଦନ୍ତୀରେ ଉଲ୍ଲେଖ ଅଛି। ଇଚ୍ଛାମୟଙ୍କ ଇଚ୍ଛାରେ ପ୍ରତ୍ୟେକଟି ରାତ୍ରି ସମାପ୍ତ ପରେ ସକାଳ ଆସେ। ତାଙ୍କର ଇଚ୍ଛା ବିନା ବୃକ୍ଷରୁ ପତ୍ରଟିଏ ମଧ ଝରି ପଡ଼େନି। ସେଇଥି ପାଇଁ ତ ଉତ୍କଳମଣି ଗୋପବନ୍ଧୁ କହିଥିଲେ 'ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ। ସବୁ ବିଭିନ୍ନତା ଭିତରେ ମଧ ଏ ଓଡ଼ିଆ ଜାତିର ଏକତାର ବଳିଷ୍ଠ ପ୍ରମାଣ ହେଉଛନ୍ତି ପ୍ରଭୁ ଜଗନ୍ନାଥ।

ବିଶ୍ୱଭ୍ରାତୃତ୍ୱ, ଶାନ୍ତି, ମୈତ୍ରୀ, ପ୍ରୀତି ଓ ସଂହତିର ମହାନ ବାର୍ତ୍ତା ଧରି ପ୍ରତିବର୍ଷ ଧରାପୃଷ୍ଠରେ ପାଳନ ହୁଏ ଘୋଷଯାତ୍ରା। ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଭିତ୍ତିରେ ଏ ଜାତିକୁ ଭାଗ କରିବା- ଏ ତ ମାନବକୃତ। ଏହାକୁ ଅତିକ୍ରମ କରି ସଭିଙ୍କୁ ଆପଣାର କରି ପରିବାରବାଦକୁ ଲୋକ ସମ୍ମୁଖକୁ ନେଇ ଦେଖାଇ ଦିଅନ୍ତି ଯେ ସମଗ୍ର ବିଶ୍ୱ ଏକ ପରିବାର। ସେ କେବଳ କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ନୁହଁନ୍ତି ସମଗ୍ର ବିଶ୍ୱର ଆରାଧ୍ୟ ଦେବତା ଓ ଅନ୍ତର୍ଯ୍ୟାମୀ ଠାକୁର। ସମଗ୍ର ପୃଥିବୀରେ ଏଭଳି କୌଣସି ଠାକୁର ନାହାନ୍ତି ଯାହାଙ୍କର ସ୍ମରଣ ଓ ଉଚ୍ଚାରଣ ମାତ୍ରେ ଭାବ ରୂପାନ୍ତରିତ ହୋଇଯାଏ ମହାଭାବରେ। ପ୍ରାଣ ପୁଣି ଉଦ୍‌ବେଳିତ ହୋଇ ଉଠେ। ହୃଦୟରେ ବ୍ୟାକୁଳତା ଭରିଯାଏ। ଆଖିରେ ଆପେ ଆପେ ଅଶ୍ରୁ ଆସି ବୋହିଯାଏ। ପ୍ରଭୁ ନିଜର ଜନ୍ମବେଦୀକୁ ଧାଇଁ ଆସନ୍ତି, ତାଙ୍କ ମାଉସୀମା'ଙ୍କ ହାତରୁ ପୋଡ଼ପିଠା ଖଣ୍ଡେ ଖାଇବାକୁ। ସେ ଯୁଦ୍ଧକ୍ଷେତ୍ର ହେଉ ବା ବିଦ୍ୟାରମ୍ଭ ହେଉ, ସେ ବିବାହ ହେଉ ବା ବ୍ରତ ଘର ହେଉ ସବୁଠି ପ୍ରଭୁଙ୍କୁ ନିମନ୍ତ୍ରଣ ହୋଇଥାଏ ପ୍ରତିଟି ଓଡ଼ିଆଙ୍କର ମୁରବି ଭଳି। ଏକଥା ନିଶ୍ଚିତ ସତ୍ୟ ଯେ ପ୍ରଭୁ ଜଗନ୍ନାଥଙ୍କୁ କୋଳରେ ଧରି ଏ ଓଡ଼ିଶା ମାଟି କେବେ ଦରିଦ୍ର ହୋଇ ପାରେନା। କେବେ ଭୟଙ୍କର ମହାମାରୀର ଆକ୍ରୋଶର ଶୀକାର ହୋଇପାରେନା। ଏଠି ରଜା ପ୍ରଜା ସବୁ ସମାନ। ଏଠି ରଥଯାତ୍ରାରେ ଉତ୍କଳର ଗଜପତି ରାଜା ମଧ ଝାଡୁ ଧରି ଝାଡୁଦାର ବେଶରେ ଛେରା ପହଁରା କରନ୍ତି। ରାଜସିଂହାସନର ମୋହ ଆଉ କ୍ଷମତାର ମୋହ ପୁରୀ ଗଜପତି ରାଜାଙ୍କୁ ଆଦୌ ସ୍ପର୍ଶ କରି ପାରେନି। ରାଜାପ୍ରଜା ଏଠି ସଭିଏଁ ସମାନ। ସେ ପ୍ରଭୁ ପୁଣି ବିଶ୍ୱପ୍ରେମରେ ପାଗଳ। ଭକ୍ତର ଆତୁର ବେଦନାସିକ୍ତ ଭାବକୁ ବୁଝି ପ୍ରତି ମୁହୂର୍ତ୍ତରେ ଦୁଃଖ ମୋଚନ ପାଇଁ ବିପତ୍ତିରୁ ଉଦ୍ଧାର ପାଇଁ ଦୌଡ଼ି ଆସନ୍ତି। ସେ ଆଉ କେହି ନୁହଁନ୍ତି, ମୋ' ପ୍ରଭୁ ଜଗନ୍ନାଥ। ସେ ସାଧାରଣ ମଣିଷକୁ ଚେତାଇ ଦିଅନ୍ତି ପ୍ରତି ମୁହୂର୍ତ୍ତରେ ଯେ, ମଣିଷ ବଡ଼ ନୁହେଁ। ମଣିଷ ପଣିଆ ବଡ଼, ଜାତି ବଡ଼ ନୁହେଁ, ଜଗତ ବଡ଼। ପ୍ରଭୁ ଚାହାନ୍ତି ଆଜିର ସ୍ୱାର୍ଥପର ମଣିଷ ତାର ଆତ୍ମଘାତୀ ଚିନ୍ତାଧାରାକୁ ପରିତ୍ୟାଗ କରି ନିଜର ଦୃଢ଼ ଇଚ୍ଛା, ଶାରୀରିକ ଶକ୍ତିକୁ ପ୍ରୟୋଗ କରି ନିଜ ଭିତରେ ସତ୍ ଚିନ୍ତା, ସତ୍‌ଚେଷ୍ଟା, ସତ୍ କର୍ମ, ସଦ୍‌ଭାବନା ଉଦ୍ରେକ କରି ଆତ୍ମାର ସନ୍ଧାନ କରିବ, ଯାହା ଆଧାତ୍ମିକ ଚେତନାର ମୂଳଭିତ୍ତି ହେବ। ହାତ ନ ଥାଇ ଯିଏ ହାତ ବଢ଼େଇ ନଡ଼ିଆ ନିଏ ଦାସିଆଠୁ, ଗୋଡ଼ ନ ଥାଇ ଯିଏ ଚାଲି ଚାଲି ଆସି ଭକ୍ତ ବଳରାମଙ୍କ ଦ୍ୱାରା ନିର୍ମିତ ହୋଇଥିବା ବାଲି ରଥରେ ବସିଯାଆନ୍ତି, ପୁଣି ପାଟି ନ ଥାଇ ଯିଏ କଥା କହନ୍ତି, ପୁଣି କାନ ନ ଥାଇ ଯିଏ ଲକ୍ଷେ ଯୋଜନର ଗଜ, ମୃଗୁଣୀ, ଦ୍ରୌପଦୀଙ୍କ ବିକଳ ସହି ନ ପାରି କଷ୍ଟ ନିବାରଣ କରନ୍ତି, ନାକ ନଥାଇ ମଲ୍ଲୀ, ହେନା, ଚମ୍ପାର ସୁଗନ୍ଧ ବାରିପାରନ୍ତି, ପାଟି ନ ଥାଇ ଷାଠିଏ ପଉଟି ଖାଦ୍ୟ ଖାଆନ୍ତି; ସେ ଆଉ କେହି ନୁହଁନ୍ତି ସେ ପ୍ରଭୁ ଜଗନ୍ନାଥ ମୋ' କାଳିଆ ସାଆନ୍ତ। ସେଥିପାଇଁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଲେଖିଥିଲେ -

**ପାଦ ନାହିଁ ସେ ଯେ ଗମନ କରଇ**
**କର୍ଣ୍ଣ ନାହିଁ ସବୁ ଶୁଣେ**
**ଚକ୍ଷୁ ନାହିଁ ତା'ର, ତିନିପୁର ଦିଶେ**
**ଜିହ୍ୱା ନାହିଁ ସ୍ୱାଦ ମଣେ।**

ବଡ଼ ମନୁଆ ଠାକୁର ସେ। ଖୋଜନ୍ତି ଖାଲି ଭକ୍ତିଭାବନା, ନିରଳସ ପ୍ରେମ, ଛଳନାହୀନ ଭଲ ପାଇବା। ସେ ପ୍ରେମ ଭୌତିକ ନୁହେଁ, ଚିର ଅମଳିନ ଚିର ଶାଶ୍ୱତ, ଚିର ଜାଗ୍ରତ। ଯୁଗେ ଯୁଗେ ମୋ' ପ୍ରଭୁ ଭକ୍ତର। କେତେବେଳେ ବନ୍ଧୁ ମହାନ୍ତିଙ୍କୁ ଭୋଗଥାଳି ଟେକି ଆନନ୍ଦ ପାଇଛନ୍ତି ତ ପୁଣି କେତେବେଳେ ବିଦୁରର ଶାଗ ଭଜା ଖାଇ ଅପାର ଆନନ୍ଦ ଲାଭ କରିଛନ୍ତି। ସେଦିନ ସୁଦାମାର ଖୁଦଭଜା ପ୍ରଭୁଙ୍କୁ ଲାଗିଥିଲା ଅମୃତ। ଶବରୀର ଅଇଁଠା କୋଳି ପ୍ରଭୁଙ୍କୁ ଦୁର୍ଲଭ। ପ୍ରଭୁ ମହଣ ମହଣ ଘିଅ, ଅମୃତ, ଭୋଗ, ରାଗ, ସୁଗନ୍ଧିତ ପୁଷ୍ପ କିଛି ଲୋଡ଼ନ୍ତି ନାହିଁ। ଖୋଜନ୍ତି ଖାଲି ସ୍ୱଚ୍ଛ, ନିର୍ମଳ, କଳୁଷହୀନ ଛଳନାହୀନ ହୃଦୟଟିଏ। ମାନବୀୟ ଲୀଳା ପୁଣି ରଚନ୍ତି ମୋ' ପ୍ରଭୁ ଜଗନ୍ନାଥ। ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ସାଧାରଣ ଲୋକ ପରି ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ୧୫ ଦିନ ଦିବ୍ୟ ଚେରମୂଳି ଚିକିତ୍ସା ପରେ ସୁସ୍ଥ ହୋଇ ରତ୍ନ ସିଂହାସନରେ ବସି ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି।

ସେ ତ ସ୍ୱୟଂ ଏକ ଇତିହାସ। ତାଙ୍କୁ ଲେଖନୀରେ ପ୍ରକାଶ କରିବା ଏତେ ସହଜ ନୁହେଁ। ସମଗ୍ର ମାନବ ସଭ୍ୟତାକୁ ଧ୍ୱଂସ କରିବା ପାଇଁ ଆଜିର ଆଧୁନିକ ମଣିଷ ଯେଉଁ ଯୁଦ୍ଧଖୋର ମନୋବୃତ୍ତି ଆପଣେଇ ଯୁଦ୍ଧରେ ମାତିଛି, ଏହା ମାନବ ସଭ୍ୟତାକୁ ଧ୍ୱଂସ କରିଦେଇପାରେ। ସମୟ ଆସିଛି ସବୁ ଭେଦଭାବ, ଅହଙ୍କାର ଭୁଲି ସମଗ୍ର ମାନବ ଜାତିକୁ ଭଲ ପାଇବାକୁ ହେବ, ପ୍ରଭୁଙ୍କ ଇଚ୍ଛାକୁ ସମ୍ମାନ ଦେବାକୁ ହେବ। ଏଇଠି ପ୍ରତ୍ୟେକ ଓଡ଼ିଆଙ୍କୁ ଗୋଟିଏ ପ୍ରଶ୍ନ ଆନ୍ଦୋଳିତ କରୁଛି ଯେ, ଏତେ ପ୍ରାକୃତିକ ସମ୍ପଦରେ ଓଡ଼ିଶା ଭରପୁର ଥିବା ବେଳେ ପୁଣି ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିବା ବେଳେ ତଥାପି ଓଡ଼ିଶା ଆଜି ଗରିବ କାହିଁକି ? ଯଦି ଓଡ଼ିଶା ଧନୀ, ତେବେ ଓଡ଼ିଆ ଗରିବ କାହିଁକି ? କାହିଁକି ଆଜି ଓଡ଼ିଶାର ପ୍ରଗତି ପରାହତ ? ବିକାଶର ସୂଚ୍ୟାଙ୍କରେ ଓଡ଼ିଶା ଅନୁନ୍ନତ କାହିଁକି ? ଏ ପ୍ରକାର ହୀନମନ୍ୟତା କାହିଁକି ? ଓଡ଼ିଶାର ସ୍ୱର ପ୍ରଖର ହେଉନି କାହିଁକି ? ହଁ, ପାଠକ ବନ୍ଧୁ; ଆମେ ଚାହିଁଲେ ପ୍ରଭୁ ଜଗନ୍ନାଥଙ୍କୁ ଧରି ପ୍ରତ୍ୟେକଟି ସମସ୍ୟାର ସମାଧାନ କରି ଓଡ଼ିଶାକୁ ପ୍ରଗତି ପଥରେ ନିଶ୍ଚିତ ଆଗେଇ ନେଇ ପାରିବା। ବର୍ଣ୍ଣାଢ୍ୟ ସମୃଦ୍ଧମୟ ଦେଶ ଗଢ଼ିବା ପାଇଁ ଯୁଦ୍ଧଖୋର ମନୋବୃତ୍ତିକୁ ପରିତ୍ୟାଗ କରି ହିଂସାକୁ ତ୍ୟାଗ କରି ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଭାବି ଅହଂକାର ଶୂନ୍ୟ ହୋଇ ଯଦି ଆମେ ସମସ୍ତେ ବିଭିନ୍ନତା ମଧ୍ୟରେ ଏକତାକୁ ବଜାୟ ରଖି ପ୍ରଭୁଙ୍କ ପାଦପଦ୍ମରେ ନିଜକୁ ସମର୍ପଣ କରିବା ଓ ପ୍ରତିଯୋଗିତା ମନୋବୃତ୍ତିକୁ ତ୍ୟାଗ କରି ବିଶ୍ୱ ପ୍ରେମରେ ଉଦ୍‌ବୁଦ୍ଧ ହେବା ତେବେ ତାହାହିଁ ହେବ ଆମ ପ୍ରାଣର ଠାକୁର ପ୍ରଭୁ ଜଗନ୍ନାଥଙ୍କ ପ୍ରତି ପ୍ରକୃତ ପ୍ରେମ ଓ ଭକ୍ତି।

# ଫୁଟବଲ୍ ଜ୍ୱର

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଫିଫା ବିଶ୍ୱକପ୍ ଫୁଟବଲ୍ ୨୦୨୬ ଚାଲିଛି । ଏ ଟୁର୍ଣ୍ଣାମେଣ୍ଟ ହେବାର କିଛିଦିନ ପୂର୍ବରୁ ସାରା ଭାରତରେ ଫୁଟବଲ ଜ୍ୱର ସଂକ୍ରାମକ ବ୍ୟାଧି ଭଳି ମାତିବା ଆରମ୍ଭ କରେ । ଟୁର୍ଣ୍ଣାମେଣ୍ଟ ଯେତେ ଆଗକୁ ଆଗକୁ ବଢୁଥିବ- ଜ୍ୱର ସେତେ ବଢ଼ିବ । ଜୁଲାଇ ୨୦ରେ ଫାଇନାଲ । ସେତେବେଳକୁ ଏ ଜ୍ୱର ଚରମ ସୀମାରେ ପହଞ୍ଚିବ ।

ଯଦିଓ ଭାରତ କେବେ ବି ଫିଫା ବିଶ୍ୱକପ୍‌ରେ ଖେଳିନାହିଁ (୧୯୫୦ ମସିହାରେ ସୁଯୋଗ ମିଳିଥିଲା, କିନ୍ତୁ ଆମେ ତାହାକୁ ପ୍ରତ୍ୟାଖ୍ୟାନ କରିଥିଲୁ), ତଥାପି ଆମେ ଫୁଟବଲ୍‌ର ବଡ଼ ରସିକ । ପଶ୍ଚିମବଙ୍ଗ, କେରଳ, ଗୋଆ ଓ ସିକ୍କିମରେ ଫୁଟବଲ୍‌ର ବିପୁଳ ଲୋକପ୍ରିୟତା ରହିଛି। ଓଡ଼ିଶାରେ ବହୁ ଫୁଟବଲ ପ୍ରେମୀ ଅଛନ୍ତି । ମୋ ଭଳିଆ ଅନେକେ ବି ଅଛନ୍ତି, ଯେଉଁମାନେ କେବଳ ବିଶ୍ୱକପ ବେଳେ ଫୁଟବଲ ପ୍ରେମୀ ହୋଇଯାନ୍ତି, ଅନ୍ୟ ସମୟରେ କ୍ରିକେଟ ପ୍ରେମୀ ହୋଇଥାନ୍ତି । ବିଶ୍ୱକପ୍ ଫୁଟବଲ ଆସିଲେ କୋଲକାତା ଉତ୍ସବମୁଖର ହୋଇଉଠେ। କାନ୍ଥରେ ଚିତ୍ର ଅଙ୍କାଯାଏ। କେରଳ ଓ ଗୋଆର ଅନେକ ସହର ଓ ଛୋଟ ସହରରେ ମଧ ସେହି ଦୃଶ୍ୟ ଦେଖିବାକୁ ମିଳେ। ମୁଁ କେବେ ବିଶ୍ୱକପ୍ ସମୟରେ ସିକ୍କିମରେ ରହିନାହିଁ। କିନ୍ତୁ ସିକ୍କିମବାସୀଙ୍କ ଫୁଟବଲ୍ ପ୍ରେମ ଓ ଏହି ଖେଳ ପ୍ରତି ସେମାନଙ୍କର ପୃଷ୍ଠପୋଷକତା ଦେଖି ମୁଁ ନିଶ୍ଚିତ ଯେ, ସେଠାରେ ମଧ ଏବେ ଉତ୍ସବର ମାହୋଲ୍ ଥିବ। ଅନ୍ୟ ଅନେକ ଜାଗାରେ ବି ଥିବ । ଆମ ସାହିରେ ଅଛି ।

ଫୁଟବଲ୍ ଜ୍ୱରର ପ୍ରଥମ ଲକ୍ଷଣ ହେଉଛି ଜର୍ସି। ହଠାତ୍ ଦେଖିବେ, ପ୍ରତି ଦ୍ୱିତୀୟ ବ୍ୟକ୍ତି ବ୍ରାଜିଲ୍, ଆର୍ଜେଣ୍ଟିନା, ଜର୍ମାନୀ କିମ୍ବା ପର୍ତ୍ତୁଗାଲ୍‌ର ସମର୍ଥକ। ମୋର ପ୍ରିୟ ବନ୍ଧୁ ନବଘନ ପାଖରେ ପାଞ୍ଚଟି ବିଭିନ୍ନ ଦେଶର ଜର୍ସି ଅଛି। କିଏ ଜିତୁଛି, ତାହା ଦେଖି ସେ ନିଜର ଦେଶପ୍ରେମ ବଦଳାଏ । ତା' ଦେଶପ୍ରେମ ସ୍କୋରବୋର୍ଡ ଉପରେ ନିର୍ଭରଶୀଳ। ଲକ୍ଷ୍ୟ କଲେ ଦେଖିବେ, ବିଶ୍ୱକପ ଫୁଟବଲ ଟୁର୍ନାମେଣ୍ଟ ଏକ ଅଦ୍ଭୁତ ସାମାଜିକ ଛନ୍ଦ ସୃଷ୍ଟି କରେ। ଲୋକଙ୍କର ଜୀବନଶୈଳୀ ବଦଳି ଯାଏ, ଶୋଇବାର ସମୟସୂଚୀ ବଦଳିଯାଏ । ଛାତ୍ରଛାତ୍ରୀ, କର୍ମଚାରୀ ଓ ଅବସରପ୍ରାପ୍ତ ମଉସାମାନେ ଅସମ୍ଭବ ସମୟରେ ଟେଲିଭିଜନ୍ ସାମ୍ନାରେ ଏକାଠି ହୁଅନ୍ତି। ପରଦିନ ସକାଳେ ଅଫିସ୍‌ଗୁଡ଼ିକରେ କାମଦାମର ବାରଟା ବାଜିଯାଏ, କିନ୍ତୁ ଅଫ୍‌ସାଇଡ୍ ନିୟମ ବିଷୟରେ ଜ୍ଞାନ ଅସାଧାରଣ ଭାବରେ ବଢ଼ିଯାଏ। ଯେହେତୁ ଭାରତ କେବେ ବି ବିଶ୍ୱକପ ଖେଳିନାହିଁ ଏବଂ ନିକଟ ଭବିଷ୍ୟତରେ ଖେଳିବାର ସଂଭାବନା ନାହିଁ (ଭାରତ ବର୍ତ୍ତମାନ ବିଶ୍ୱର ୨୧୧ ଦେଶ ଭିତରୁ ୧୩୭ ତମ ସ୍ଥାନରେ ଅଛି), ତେଣୁ ଆମେ କୌଣସି ଜାତୀୟ ଆଶା-ଆକାଂକ୍ଷାର ଭାର ବିନା ଫୁଟବଲ୍‌କୁ ଉପଭୋଗ କରୁ । ତା'ପରେ ଯେପରି ହଠାତ୍ ଏହି ଜ୍ୱର ଆସିଥିଲା, ସେହିପରି ହଠାତ୍ ହିଁ ମିଳାଇଯାଏ। ଜର୍ସିଗୁଡ଼ିକ ଅଲମାରୀକୁ ଫେରିଯାଏ, ରାତିଅଧରେ ବାଜୁଥିବା ଆଲାର୍ମ ବନ୍ଦ ହୋଇଯାଏ ଏବଂ ଧ୍ୟାନ ପୁଣି କ୍ରିକେଟ୍‌କୁ ଫେରିଯାଏ। ପରବର୍ତ୍ତୀ ବିଶ୍ୱକପ୍ ପର୍ଯ୍ୟନ୍ତ— ଯେତେବେଳେ ଲକ୍ଷ ଲକ୍ଷ ଆରାମଚେୟାର କୋଚ୍ ପୁଣି ଥରେ ଆବିର୍ଭାବ ହେବେ, ଫୁଟବଲ୍‌କୁ ବଞ୍ଚାଇବା ପାଇଁ ନିଜ ନିଜ ବିଶେଷଜ୍ଞ ପରାମର୍ଶ ସହ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୯୧



ନିତ୍ୟାନନ୍ଦ ପଣ୍ଡା

## ସଞ୍ଜୟଙ୍କର ଶାନ୍ତି ପ୍ରସ୍ତାବ-୧



ରାଜା ବିରାଟଙ୍କ ରାଜ୍ୟର 'ଉପଲବ୍ୟ' ସ୍ଥାନରେ ରହଣି ବେଳେ ପାଣ୍ଡବମାନେ ମିତ୍ରରାଜାଙ୍କ ପାଖକୁ ସଇନସାମନ୍ତ ସହ ପହଞ୍ଚିବାକୁ ଅନୁରୋଧ କରିଥିଲେ । ଏବଂ ମିତ୍ରରାଜାମାନେ ପ୍ରସ୍ତୁତ ହୋଇ ଯଥା ସମୟରେ ପହଞ୍ଚିଲେ । ଦେଖାଗଲା । ଯୁଧିଷ୍ଠିରଙ୍କର ସେନା ବିଶାଳ, ସାତ ବାହିନୀ ବିଶିଷ୍ଟ ।

ଅନ୍ୟପକ୍ଷରେ, ଦୁର୍ଯ୍ୟୋଧନର ସେନା ଆଉରି ବିଶାଳ, ଏଗାର ବାହିନୀ ବିଶିଷ୍ଟ ।

ସେ କାଳରେ ଏକ ବାହିନୀ (ଡ଼ିଭିଜନ୍) ସେନା ବୋଇଲେ ୨୧୮୭୦ ରଥ, ସେହି ସଂଖ୍ୟକ ହାତୀ, ତା'ର ତିନିଗୁଣ ଘୋଡା ଓ ତା'ର ପାଞ୍ଚଗୁଣ ପଦାତିକ ସୈନିକ । ସେ କାଳର ଯୁଦ୍ଧ ରଥ ବର୍ତ୍ତମାନର ସାଞ୍ଜୁଆ ଗାଡ଼ି ସହ ତୁଳନୀୟ ଏବଂ ଯୁଦ୍ଧରେ ବ୍ୟବହୃତ ହାତୀ ବର୍ତ୍ତମାନର ଟ୍ୟାଙ୍କ ସହ ତୁଳନୀୟ ।

ଦ୍ରୁପଦଙ୍କ ବ୍ରାହ୍ମଣ ଦୂତ ହସ୍ତିନାପୁରରେ ପହଞ୍ଚିଲେ ଓ ଧୃତରାଷ୍ଟ୍ରଙ୍କୁ ଦରବାରରେ ସାକ୍ଷାତ କଲେ । ରାଜାଙ୍କୁ ଅଭିବାଦନ ଜଣାଇବା ପରେ ବ୍ରାହ୍ମଣ କହିଲେ, "ମୁଁ ରାଜା ଦ୍ରୁପଦଙ୍କ ରାଜସଭାର ଅନ୍ତର୍ଭୁକ୍ତ ହେଲେ ମଧ୍ୟ ପାଣ୍ଡବମାନଙ୍କ ତରଫରୁ ଦୂତ ଭାବେ ଆସିଛି । ଶାନ୍ତିର ବାର୍ତ୍ତା ନେଇ ଆସିଛି । ନୀତି ନିୟମରେ ରାଜା ବିଶ୍ୱାସ ରଖନ୍ତି ବୋଲି ଦୁନିଆ ଜାଣେ । ରାଜା ଧୃତରାଷ୍ଟ୍ର ଓ ସ୍ୱର୍ଗତ ପଣ୍ଡୁ ରାଜା ବିଚିତ୍ରବିର୍ଯ୍ୟଙ୍କର ଦୁଇପୁଅ । ବର୍ତ୍ତମାନର ନିୟମ ଅନୁସାରେ ଧୃତରାଷ୍ଟ୍ର ଓ ପଣ୍ଡୁଙ୍କର ପୁତ୍ରମାନେ ପୈତୃକ ରାଜ୍ୟର ସମାନ ଅଂଶୀଦାର। କିନ୍ତୁ ପଣ୍ଡୁଙ୍କର ପୁତ୍ରମାନେ ରାଜ୍ୟହରା ହୋଇ ଏଣେତେଣେ ବୁଲୁଛନ୍ତି ଓ ରାଜାଙ୍କ ପୁତ୍ରମାନେ ସମ୍ପୂର୍ଣ୍ଣ ରାଜ୍ୟକୁ ଭୋଗ କରୁଛନ୍ତି । ଏହା ନ୍ୟାୟ ସଙ୍ଗତ ନୁହଁ । ପଣ୍ଡୁ ପୁତ୍ରମାନେ ଶାନ୍ତିରେ ବିଶ୍ୱାସ କରନ୍ତି। ସେମାନେ ଯୁଦ୍ଧ ଚାହାଁନ୍ତି ନାହିଁ । ଯେଉଁ ଯାତନା ଭୋଗ କରିଛନ୍ତି ସେମାନେ ଭୁଲିଯିବେ, ଯଦି ନ୍ୟାୟସଙ୍ଗତ ଭାବେ ସେମାନଙ୍କ କଥା ବିଚାର କରାଯାଏ । ପୂର୍ବରୁ ଏହି ସମ୍ପର୍କିତ ରାଜିନାମା ଫଳରେ ସେମାନେ ଇନ୍ଦ୍ରପ୍ରସ୍ଥ ପାଇଥିଲେ ।"

ବ୍ରାହ୍ମଣ ଦୂତ କଥା ବନ୍ଦ କଲେ ।

**(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ରଥରେ ବିଜେ ଜଗତନାଥ

*ସୁରମା ମିଶ୍ର*



ଆସଲୋ ମିତ ଯିବା ଶ୍ରୀକ୍ଷେତ୍ର
ଦେଖି ଆସିବା ଗୁଣ୍ଡିଚାଯାତ
ରଥେ ବିଜେ ହେବେ ଜଗତନାଥ
ଦେଖି ଦେଲେ ଆଖି ହେବ ପବିତ୍ର ॥

ଅଷ୍ଟାରେ ଦଉଡ଼ି ବନ୍ଧା ହୋଇବ
ଛେଚାକଚା ଖାଇ ପହଣ୍ଡି ହେବ
ମୁଣ୍ଡରେ ଟାହିଆ ଶୋଭା ପାଇବ
ଭକତଙ୍କ ମନ ମୋହି ସେ ନେବ ॥

ବଡ଼ଦାଣ୍ଡେ ଉଭା କଳା ଶ୍ରୀମୁଖ
ସଭିଙ୍କର ସିଏ ହରିବେ ଦୁଃଖ
କଳାକଳା ଚକା ଡୋଳାକୁ ଦେଖି
ଭକ୍ତଙ୍କର ଆଖି ରହିବ ଲାଖି ॥

ହରିବୋଲ ହୁଳହୁଳି ସ୍ୱନରେ
ବଡ଼ଦାଣ୍ଡଟା ତ କମ୍ପି ଉଠେରେ
ବାଜେ ଢୋଲ ଘଣ୍ଟ ଶଙ୍ଖ ମହୁରୀ
ସେ ଶବ୍ଦରେ ମନ ହଜେ ସବୁରି ॥

ଭକ୍ତ ଭଗବାନ ହୁଅନ୍ତି ଭେଟ
ସଭିଙ୍କର ମନ ହୁଏ ଉଚ୍ଚାଟ
ରଥେ ଶୋଭା ପାନ୍ତି କଳାଶ୍ରୀମୁଖ
ଭକ୍ତଙ୍କର ହରି ନିଅନ୍ତି ଦୁଃଖ ॥

ସରଗୁ ଦେବତା ମାନେ ଦେଖନ୍ତି
ଖୁସୀରେ ବିଭୋର ହୋଇଯାଆନ୍ତି
ହାତେ ଧରି ଭକ୍ତ ରଥ ଦଉଡ଼ି
ଆନନ୍ଦ ମନରେ ନିଅନ୍ତି ଭିଡି ॥

ଡାହୁକ ଡାକଇ ରଥ ଉପରେ
ରଥ ଗଡେ ମନ୍ଥର ଗତିରେ
ନବଦିନ ଯାତ୍ରା ସାରି କାଳିଆ
ବାହୁଡ଼ନ୍ତି ଭଗ୍ନୀ ଭାଇ ବଳିଆ ॥

ମାଉସୀର ପୋଡ ପିଠାଟି ଖାଇ
ସଅଳ ଫେରନ୍ତି କଳା କହ୍ନାଇ
ଏକାଦଶୀ ଦିନ ରଥ ଉପରେ
ଦର୍ଶନ ଦିଅନ୍ତି ସୁନା ବେଶରେ ॥

ଦ୍ୱାଦଶୀରେ ଅଧରପଣା ପିଇ
ପାର୍ଶ୍ୱ ଦେବତାଙ୍କୁ ସମର୍ପି ଦେଇ
ନୀତିକାନ୍ତି ସାରି ଜଗତ ସାଇଁ
ଫେରନ୍ତି ସଭିଙ୍କୁ ସାଥିରେ ନେଇ ॥

ମହାଲକ୍ଷ୍ମୀଙ୍କର ମାନ ଭାଙ୍ଗନ୍ତି
ରତ୍ନ ସିଂହାସନେ ଯାଇ ବସନ୍ତି
ରଥଯାତରାରେ ପ୍ରଭୁଙ୍କ ଗାନ
ଏପରି କରନ୍ତି ଭକତ ଜନ ॥

*ବିଏଲ-୩୯, ଭିଏସ୍ଏସ୍ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ମହାପ୍ରଭୁଙ୍କର ଯାତ୍ରା

*କୀର୍ତ୍ତନ ସାହୁ*



ବଡ ଦାଣ୍ଡ ଏବେ ସଜେଇ ହେଇଛି
ପ୍ରଭୁ ଆଗମନ ପାଇଁ
ରଥେ ଚଢ଼ି ଚାରି ଠାକୁର ଆସିବେ
ମନ ଆମ ହାଇଁପାଇଁ ।

ଆଗରେ ଚାଲିବେ ପ୍ରଭୁ ବଳଭଦ୍ର
ତାଳଧ୍ୱଜ ରଥେ ବସି
ମଝିରେ ସୁଭଦ୍ରା ସଙ୍ଗେ ସୁଦର୍ଶନ
ରହିଥିବେ ହସି ହସି ।

ପଛରେ ଆସିବେ କାଳିଆ ସାଆନ୍ତ
ଝଟକୁ ଥିବ ସେ ଶୋଭା
ହରିବୋଲ ହୁଳହୁଳି ଶୁଭୁଥିବ
ଆହା କେଡେ ମନଲୋଭା ।

ରଥରେ ପ୍ରଭୁଙ୍କୁ ଦେଖି ଦେଲେ ଥରେ
ପାପ ସବୁ ଧୋଇଯାଏ
ଭକତିରେ ହାତ ଯୋଡ଼ି ଡାକି ଦେଲେ
ପୂଣ୍ୟ ଫଳ ମିଳିଥାଏ ।

ମାଉସୀ ଘରକୁ ଯାଆନ୍ତି କାଳିଆ
ମନରେ ସରାଗ ନେଇ
ବଡ ଦାଣ୍ଡେ ଲକ୍ଷ ଲକ୍ଷ ଭକତଙ୍କୁ
କେତେ ଯେ ଆନନ୍ଦ ଦେଇ ।

ଏ ସାରା ସଂସାରେ ଏମିତି ଠାକୁର
ଆଉ ତ ଅଛି ବା କିଏ
ଭକତର ମନ କଥା ଜାଣିପାରି
ପୂରଣ କରି ଯେ ଦିଏ ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂର ଭାଷ- ୯୪୩୮୪୧୪୭୦୧*

# ଦେଖିବା ଯାତ ଟାଣିବା ରଥ



*ପ୍ରଫୁଲ୍ଲ କୁମାର ସାହୁ*

ବାଜିଲା କାହାଳୀ ବାଜିଲା ବାଜା
ରଥେ ବିଜେ ହେବେ କାଳିଆ ରାଜା
ଭକତ ଅଛନ୍ତି ଚାହିଁ,
ଗୋଟି ପହଣ୍ଡିରେ ଆସନ୍ତି ଦେଖରେ
ଭଉଣୀ ସାଥିରେ ଭାଇ ।୧।

ବାଇଶି ପାହାଚେ ଝୁଲି ଝୁଲିକା
ଦଇତା ସେବକ ମେଳରେ ଏକା
ଆସନ୍ତି ଜଗତ ସାଇଁ,
ଘଣ୍ଟ ବାଜୁଅଛି ଘଣ୍ଟା ବାଜୁଅଛି
ଝାଞ୍ଜ ବାଜେ ଝାଇଁ ଝାଇଁ ।୨।

ରଥେ ବିଜେ ହେଲେ ଜଗତ ନାଥ
ଖୁସିରେ ଭକତ ଟାଣିବେ ରଥ
ହାତରେ ଦଉଡ଼ି ଧରି,
ସାଥୀ ମେଳେ ଆମେ ଦେଖିବା ସେ ଯାତ
ଆନନ୍ଦରେ ଘୁରି ଘୁରି ।୩।

ହାତେ ଧରି ବେତ ଡାହୁକ ଭାଇ
ଗୀତ ଗାଇ ନିଜେ ବେତ ହଲାଇ
ବାଟ ନେବେ କାଢ଼ି କାଢ଼ି,
ଭକତଙ୍କ ମେଳେ ପୁଣ୍ୟ ବଡ଼ଦାଣ୍ଡେ
ରଥ ଯିବ ଗଡି ଗଡି ।୪।

ଭକତ ଟାଣିଲେ ଗଡିବ ରଥ
ନନ୍ଦିଘୋଷେ ବସି ଶ୍ରୀ ଜଗନ୍ନାଥ
ରଙ୍ଗା ଅଧରରେ ହସି,
ବରଷକେ ଥରେ ବାଣ୍ଟିବେ ପରା ସେ
ଜଗତ ଜନଙ୍କୁ ଖୁସି ।୫।

ଜନମ ବେଦୀ ଯେ ରହିଛି ଚାହିଁ
କୋଳରେ ଧରିବ ଜଗତ ସାଇଁ
ମା' ଗୁଣ୍ଡିଚାଙ୍କ ପାଇଁ,
ହେଉଛି ଏ ଯାତ ଦେଖନ୍ତି ଭକତ
ସାରା ଜଗତରେ ଚାହିଁ ।୬।

*ଯଦୁ-ମାଳତୀ କୃପା ନିବାସ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୯୪୪୩୮୩*



# ଆଜି ଘୋଷଯାତ

*ନୀଳମଣି ଚାନ୍ଦ*

ଆଷାଢ ଶୁକ୍ଳ ଦ୍ୱିତୀୟା ତିଥି ତ
ଯିବା ଆଜି ପୁରୀ ବୁଲି
ବରଷକ ପରେ ଏ ରଥ ଯାତରା
ଯିବାନି ମନରୁ ଭୁଲି ।

ରଥ ନନ୍ଦିଘୋଷ, ତାଳଧ୍ୱଜ ଆଉ
ଦେବଦଳନ ତ ତିନି
ସିଂହଦୁଆରର ଆଗେ ରହିଥିବେ
ଦୂରରୁ ହୁଅଇ ଚିହ୍ନି ।

ପହଣ୍ଡିରେ ଆସି ରଥ ଉପରରେ
ଚାରି ଦିଅଁ ଗଲେ ବସି
ଗଜପତି ରାଜା ଛେରା ପହଁରିବେ
ଦେଖି ହେବେ ଭକ୍ତ ଖୁସି ।

ହରିବୋଲ ହୁଳହୁଳି ପଡୁଥିବ
ଭକତ ଟାଣିବେ ରଥ
ବଡ଼ଦାଣ୍ଡଟିରେ ଶବ୍ଦ ଶୁଭୁଥିବ
ଜୟ ଜୟ ଜଗନ୍ନାଥ ।

ରଥର ଦଉଡ଼ି ଧରି ଟାଣିଦେଲେ
ମଣିବା ନିଜକୁ ଧନ୍ୟ
ଗୁଣ୍ଡିଚା ମନ୍ଦିର ଜନମ ବେଦୀକୁ
ବୁଲିଯିବେ ଦାରୁ ଦିଅଁ ।

ପତିତଜନଙ୍କ ଦରଶନ ପାଇଁ
ସୁଭା ଭଗ୍ନୀ, ବେନି ଭ୍ରାତା
ବରଷକେ ଥରେ କରନ୍ତି ସିଏରେ
ନବଦିନ ଘୋଷଯାତ୍ରା ।

ଘିଡ଼ି ଘିଡ଼ି ଘିଡ଼ି ରଥ ଗଡୁଥାଉ
ଡାହୁକ ଗୀତଟେ ଗାଉ
ଆମ ଘୋଷଯାତ ଜଗତବିଖ୍ୟାତ
ଦେଖି ଆମେ ମଜା ପାଉ ।

*ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ଯିବି ମୁଁ ଘର

*ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ*

ହେ ନନା ଗୋସେଇଁ,
ଦେଖାଇ ଦିଅ ମୋତେ କଳାଠାକୁର
କୁନିକୁନି ପାଦେ ଆସିଛି
ମୁଁ ଧାଇଁ ବହୁତ ଦୂର ।୦।
ଭକତି ଜାଣେନି ପୂଜା ଜାଣି ନାହିଁ
ଚିହ୍ନିଛି କେବଳ କଳାଦିଅଁଙ୍କୁ
ଆଈ ସାଥେ ଆସି ଦେଖି ଯାଇଥିଲି
ବଡ଼ଦେଉଳରେ ତିନି ଦିଅଁଙ୍କୁ
କହିଥିଲା ଆଈ ଡାକିଲେ ଆତୁରେ
ହେବେ ମୋହର ।୧।
ସପନେ ଦେଖିଛି ମୋ କଳାମାଣିମା
ରତନ ବେଦୀରୁ ଆସିବେ ହସି
ଢଳିଢଳି ଯେବେ ଆସୁଥିବେ ସିଏ
ମୋପରି ଭକତ ହୋଇବେ ଖୁସି
ବଡ଼ଦାଣ୍ଡ ପରେ ଦେଖିଲେ ଠାକୁର
ଯିବି ମୁଁ ଘର ।୨।

*କ୍ୱା.ନଂ-ଆଇଭିବି-୫୦/୧,*
*ୟୁନିଟ୍-୩, ଖାରବେଳନଗର*
*ମୋ-୬୩୭୨୯୧୫୪୧୮*



# କୁନି ରଥ ଓ କୁନି ଭକତ

*ଜଗଦୀଶ ସାହୁ*

କୁନି ରଥ ସଜେଇଛି କୁନି ହାତରେ
ପହଣ୍ଡିରେ ଆସ ପ୍ରଭୁ ଯିବା ଯାତରେ
ଚାରମାଳ ଚଢି ଜଗା, ଜଗତଈଶ
ଭାଇ ଭଉଣୀକୁ ଘେନି ରଥରେ ବସ
ରଥ ଗଡିଯିବ ଗାଆଁ ମଝି ଦାଣ୍ଡରେ
ଜୟ ଜଗନ୍ନାଥ ଥିବ ଭକ୍ତ ତୁଣ୍ଡରେ
କୁନାକୁନି ସାଙ୍ଗସାଥି ମିଳିମିଶିକି
ତୁମ ରଥ ଟାଣିନେବୁ ହସିହସିକି
ତୁମେ ବଡ଼ଦିଅଁ ଆମେ ଟିକି ଭକତ
ତୁମ ଆଶିଷରେ ଆମ ମନ ଶକତ
ବାଜୁଥିବ ଖୋଳ ତାଳ ଭଜନ ଗୀତ
ନାଚୁଥିବେ ରାମ, ଦାମ, ପଙ୍କଜ, ପୀତ
ରଥ ପହଞ୍ଚିବ ଯାଇ ଗୁଣ୍ଡିଚା ଘର
କାଳିଆର ରଥଯାତ ଲୀଳା ସୁନ୍ଦର ।

*ସଂଜପଡା, ହିନ୍ଦୋଳ,*
*ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

# ରଥର ଉପରେ ଜଗା ତୁ ଥିବୁରେ



*ହେମନ୍ତ କୁମାର ଗନ୍ତାୟତ*

ପଥରେ ମୁଁ ଚାହୁଁଥିବି
ରଙ୍ଗ ଅଧରରେ ହସୁଣ ଥିବୁରେ
ତୋ' ମୁଖ ମୁଁ ଦେଖୁଥିବି
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....
ପଣ୍ଡା ପଡିଆରି ଦଇତା ତୋହରି
ବୋଲୁଥିବେ ହରିବୋଲ
ବେତକୁ ହଲାଇ ଡାକ ଛାଡୁଥିବ
ଡାହୁକ ନ ମାନି ବୋଲ
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....
ଘଣ୍ଟୁଆରୀ ଘଣ୍ଟା ହଲାଇଣ ଅଣ୍ଟା
ଘଣ୍ଟକୁ ବଜାଉ ଥିବେ
ଭେରୀ ପେଁକାଳି ମର୍ଦ୍ଦଳ କାହାଳୀ
ଜୟ ଧ୍ୱନି କରୁଥିବେ
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....
ଦାଣ୍ଡର ମଝିରେ ଆନନ୍ଦ ମତିରେ
ଦେଖାଇ ବିବିଧ ଠାଣି
ଗୋଟିପୁଅ ନୃତ୍ୟ କରୁଥିବେ କେତେ
ମନକୁ ନେବେ ସେ କିଣି
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....
ରଥ ଦଉଡ଼ିକୁ ମଥାରେ ଲଗାଇ
ଭିଡୁଥିବି ତୋର ଘୋଷ
ଗହ ଗହ ନାଦେ ରଥ ଗଡୁଥିବ
ଏହି ମୋର ଏକ ଆଶ
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....
ଏ ସପନ ମୋର ହେବ କି ସାକାର
ଏକଥା ମନେ ଭାବୁଛି
ଏତିକି କରୁଣା କରିଦେ କାଳିଆ
ହେମନ୍ତ ଅଳି କରୁଛି
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....

*ଦର୍ଶନ ଅଧ୍ୟାପକ, ଆସିକା, ଗଞ୍ଜାମ*



# ଭିଡରେ ଫସିଛି ମାଧିଆ

*ଶୁଭନାରାୟଣ ଶତପଥୀ*

ପୃଥିବୀ ପ୍ରସିଦ୍ଧ ଆମ ରଥଯାତ୍ରା
ହେଉଅଛି ଦେଖ ପୁରୀରେ
ଜଗା ବଳିଆ ଓ ଭଉଣୀ ସୁଭଦ୍ରା
ବିଜେ ରଥେ ବଡ ଦାଣ୍ଡରେ ।

ମାଧିଆ ଯାଇଛି ବୁଲି ରଥଯାତ
ଅଜା ଆଈଙ୍କର ସାଥୀରେ
ଠେଲାପେଲା ହୁଏ ଭକତ ଭିଡରେ
ମୁହଁ ଦେଖାଯାଏ ନାହିଁରେ ।

ଦରଶନ କରି ଚତୁର୍ଦ୍ଧା ମୁରତି
ମାଧିଆ ନାଚୁଛି ଖୁସିରେ
ରଥ ଗଡିବାରୁ ଖସିଗଲା ହାତ
ମାଧିଆ ଫସିଲା ଭିଡରେ ।

ଅଜା ଆଈଙ୍କଠୁ ହୋଇଗଲା ଦୂର
ହଜିଲା ସେ ଭିଡ ଭିତରେ
ବୁଦ୍ଧି ଦିଶେ ନାହିଁ ମାଧିଆକୁ ଆଉ
କଅଣ କରିବ ଏବେରେ ।

ଶିଶୁଙ୍କ ସୁରକ୍ଷା ପାଇଁ ସ୍ୱେଚ୍ଛାସେବ
ଅଛନ୍ତି ସୂଚନା କେନ୍ଦ୍ରରେ
କାନ୍ଦି କାନ୍ଦି ଯାଇ କହିଲା ମାଧିଆ
ହଜିଛି ମୁଁ ଭିଡ ଭିତରେ ।

ସ୍ୱେଚ୍ଛାସେବୀ ହେଳା ନକରି ଟିକିଏ
ଡାକିଦେଲେ ଡାକବାଜିରେ
ଅଜା ଆଈ ଶୁଣି ଆସିଗଲେ ଧାଇଁ
ମାଧିଆ ମିଳିଛି ବୋଲିରେ ।

ହଜିବା ଖୋଜିବା ବାଲାଏ ଏକାଠି
ଆସିଯାଏ ଲୁହ ଆଖିରେ
ଅପାଶୋରା ଅଟେ ଏ ସ୍ମୃତି ଆଜିର
ମାଧିଆ ଫସିଛି ଭିଡରେ ।

ଫେରିଲା ମାଧିଆ ଗାଁକୁ ତାଙ୍କର
କହିଲା ସାଙ୍ଗ ଓ ସାଥୀଙ୍କୁ
ଯୋଗାଯୋଗ କର ବୁଦ୍ଧି ନଦିଶିଲେ
ଶିଶୁଙ୍କ ସୁରକ୍ଷା କର୍ମୀଙ୍କୁ ।

*ବିଜିପୁର, ବ୍ରହ୍ମଗିରି, ପୁରୀ*
*ମୋ-୯୪୩୮୪୩୨୦୨୩*

# ବାଲି ରଥଟିଏ ଗଢିଛି ହେ ପ୍ରଭୁ



*ନଳିନୀ ଦାଶ*

ବାଲି ରଥଟିଏ ଗଢି ମୁଁ ଡାକୁଛି
ଆସ ପ୍ରଭୁ ଜଗନ୍ନାଥ
ତୁମ ଦରଶନ ପାଇବା ପାଇଁକି
ବସିଅଛି ଚାହିଁ ପଥ ।
ତୁଳସୀ ଦୟଣା ତୋଳି ମୁଁ ଆଣିଛି
ସଜ ଫୁଲେ ଗୁନ୍ଥି ମାଳି
ଧୂପ ଦୀପ ଦେଇ ଗିନି ବଜାଉଛି
ମାରୁଅଛି ହାତେ ତାଳି ।
ଫୁଲରେ ସଜେଇ ଭୋଗ ବାଢିଅଛି
ଜାଣେ ନାହିଁ ତୁମ ପୂଜା
ମୁଁ ଶିଶୁ ଅଜ୍ଞାନୀ ଶରଧାରେ ଡାକେ
ଆସହେ କାଳିଆ ରଜା ।
କେତେ ଭକତଙ୍କ ଦୁଃଖ ଶୁଣୁଅଛ
ଥରେ ଡାକ ମୋର ଶୁଣ
ସଞ୍ଜ ସକାଳରେ ନିତି ଗାଉଅଛି
ତୁମ ଭଜନ ଜଣାଣ ।
ବାଲିରଥ ଗଢି ଡାକିଲେ ତୁମକୁ
ଭକ୍ତ ବଳରାମ ଦାସ
ବିଜେ କରିଥିଲ ବାଲିରଥେ ଆସି
ଭକତିରେ ହୋଇ ତୋଷ ।
ଭକ୍ତ ସାଲବେଗ ପିଠା ଦେଇଥିଲେ
ହାତ ବଢେଇକି ନେଲ
ଦାସିଆ ବାଉରୀ ହାତରୁ ନଡ଼ିଆ
କ୍ଷଣକେ ଉଠେଇ ଦେଲ ।
ବନ୍ଧୁ ମହାନ୍ତିଙ୍କ ହାତେ ଭୋଗଥାଳି
ପ୍ରଭୁହେ ଦେଲ ଧରେଇ
ବିଦୂରଙ୍କ ଶାଗ ସୁଦାମାଙ୍କ ଖୁଦ
ସରାଗେ ଖାଇଲ ନେଇ ।
ଟିକି ପିଲା ମୁହିଁ ବୁଦ୍ଧି ଜ୍ଞାନ ନାହିଁ
ବାଲି ରଥେ ଆସି ବସ
ତୁମ ଦରଶନେ ଆଶିଷ ଲଭିବି
ଜଗତେ ଉଡ଼ିବ ଯଶ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*



# ଆଜି ତାର ରଥଯାତ

*ପ୍ରଶାନ୍ତ କୁମାର ଦାଶ*

ବଡଦାଣ୍ଡରେ ଜନ ଗହଳି
ରଥ ଟାଣିବା ପାଇଁ
ଜଗାର ରଥ ଯାତଠୁ ବଳି
କିଛି ସଂସାରେ ନାହିଁ ॥

ଆଖି ଆଗରେ ରୂପଟି ତାର
ସକାଳ ସଂଜେ ଦିଶେ
ଦେଖିଲେ ଥରେ ଏଇ ଆଖିରେ
ଚକା ଆଖିଟି ମିଶେ ॥

କେତେ ଦୂରରୁ ନର ନାରୀଏ
ହେଲେଣି ଆସି ରୁଣ୍ଡ
ବେଳକୁ ବେଳ ଲାଗେ ଗହଳ
ଉଛୁଳେ ବଡଦାଣ୍ଡ ॥

ରତନବେଦୀ ଛାଡି କାଳିଆ
ଭାଇ ଭଉଣୀ ନେଇ
ଯିବ ଖୁସୀରେ ଗୁଣ୍ଡିଚା ଘର
ଅତିଥି ଦେବ ହେଇ ॥

ନାଉରି ସିଏ ଭବ ସାଗରୁ
କରିଦେବତ ପାରି
ତା ଘୋଷ ଯାତ ଦେଖିବା ପାଇଁ
ଡାକେ ସେ ହାତ ଠାରି ॥

କଳାମାଣିକ ଭାବ ବଣିକ
ଖଇବ ପୋଡ ପିଠା
ଶେଷରେ ଯିବ ତାର ଦେଉଳ
ଖାଇ ବଢ଼ିଆ ମିଠା ॥

ଘରଣୀଙ୍କର ରାଗ ରୁଷାକୁ
ଶାନ୍ତ କରିବ ସାଇଁ
ତାପରି ଦିଅଁ ଧରା ଧାମରେ
କିଏ ବା ଅଛି କାହିଁ ॥

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୭୮୮୨୨୧୯୦*

# ଝୁଲି ଝୁଲି ଆସେ କାଳିଆ ସୁନା

*ଦୀନବନ୍ଧୁ ପୋଇ*

ଝୁଲି ଝୁଲି ଆସେ କାଳିଆ ସୁନା
ସାଥେ ନେଇ ଭାଇ ଭଉଣୀ ଅନା
ବରଷକେ ଥରେ ଆସୁଛି ସିନା
ଦେଖିବାକୁ କିଏ ନାହିଁରେ ମନା ।
ରଥ ପଥ ଏଠି ସଜେଇ ହୋଇ
ଚାହିଁଛନ୍ତି ଜଗା ବାଟ ଅନେଇ
ବସିବେ ରଥରେ ଜଗତ ସାଇଁ
ଭକତେ ଟାଣିବେ ଆନନ୍ଦ ହୋଇ ।
ଡାହୁକ ଡ଼ାକରେ ଭକତେ ମାତି
ଦେଖି ନାଚୁଛନ୍ତି ସେ କଳାହାତୀ
ନାହିଁ ଏଠି ପରା ଜାତି ଅଜାତି
ସବୁରି ମନରେ କାଳିଆ ପ୍ରୀତି ।
ନଅ ଦିନ ପାଇଁ ଯାତରା ତାର
କାଟିବାକୁ ଯାଏ ମାଉସୀ ଘର
ଭୁଲି ପାରେ ନାହିଁ ତାର ଆଦର
ପୋଡ଼ପିଠା ଲାଗି ମନଟି ତାର ।
ଭକତ ପ୍ରେମରେ କାଳିଆ ବାଇ
ଆଶିଷ ଦେବାକୁ ଆସେ ଆଗେଇ
କି ଭାବେ ନେଇକି ଭଉଣୀ ଭାଇ
ଏମିତି ରହିବା ଦିଏ ଶିଖେଇ ।

*ଗୋରଡ଼ାପାଳ, କରମୁଳ, ଢେଙ୍କାନାଳ*
*ଦୂରଭାଷ- ୯୯୩୮୮୦୨୪୧୨*





# କୁନି ରଥଟିଏ କରିଛି ଠାକୁରେ

*ନିରଞ୍ଜନ ସାହୁ*

କୁନି ରଥଟିଏ କରିଛି ଠାକୁରେ
ମୋହରି ରଥକୁ ଆସିବ
ତୁମେ ଆସିଗଲେ ମୋହରି ରଥଟା
ତୁଳସୀ ତୁଳସୀ ବାସିବ ।
ତୁମକୁ ରଥରେ ବସାଇ ଠାକୁରେ
ଭକତିରେ ମୁହିଁ ଟାଣିବି
ତୁମ ପାଶେ ଭୋଗରାଗ କରିବାକୁ
ଫଳମୂଳ ମୁହିଁ ଆଣିବି ।
ମୋ ଗାଆଁ ଦାଣ୍ଡରେ ତୁମ ରହୁବର
ଘିଡ଼ିଘିଡ଼ି ହୋଇ ଗଡିବ
ରଥ ଗଡୁଗଡୁ ହରିବୋଲ ସାଥେ
ହୁଳହୁଳି ପୁଣି ପଡ଼ିବ ।
ସାଙ୍ଗସାଥିମାନେ ଘଣ୍ଟ ପିଟୁଥିବେ
ଢାଉଁ ଢାଉଁ ହୋଇ ବାଜିବ
ସାଙ୍ଗଙ୍କ ଭିତରୁ ଜଣେ ସାଙ୍ଗପିଲା
ରଥରେ ଡାହୁକ ସାଜିବ ।
ଆମ ଗାଁ ପଣ୍ଡିତେ ମନ୍ତ୍ର ପଢୁଥିବେ
ହାତ ଯୋଡୁଥିବେ ସମସ୍ତେ
ଛେରାପହଁରାଟି କରିବେ ଗୁରୁଜୀ
ସଭିଏଁ କହିବେ ନମସ୍ତେ ।
ପୋଡ଼ପିଠା ଭୋଗ ଲାଗି କରାଇବି
ଶ୍ରଦ୍ଧାରେ ଗ୍ରହଣ କରିବ
ବାଟସାରା ସଭିଙ୍କର ଦୁଃଖ ବୁଝି
ସମସ୍ତ ସଙ୍କଟ ହରିବ ।
ଗୁଣ୍ଡିଚା ମନ୍ଦିରେ ରଥ ଅଟକିବ
ସେ ମନ୍ଦିରେ ବିଜେ ହୋଇବ
ତୁମ ମନଲାଖି ଖାଇବା ଦରବ
ଗୁଣ୍ଡିଚା ରାଣୀ ଯେ ଖୋଇବ ।
ବାହୁଡ଼ା ତିଥିରେ ବାହୁଡ଼ି ଆସିବ
ମୋ କୁନି ରଥରେ ବସିବ
ଘିଡ଼ିଘିଡ଼ି ହୋଇ ରଥ ଗଡୁଥିଲେ
ମୋ ଗାଆଁ ଦାଣ୍ଡଟା ହସିବ ।

*ନିହଲ ପ୍ରସାଦ, ଗଁଡିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ଭକତ ହାତେ ରଥ ଦଉଡ଼ି

*ମହେନ୍ଦ୍ର କୁମାର ଘଡ଼େଇ*



କଅଁଳ ଖରା ନରମ ପାଗ
ବରଷା ଫୁଲ ବୁଣି
ଆଷାଢ଼ର ଏ ପହିଲି ମେଘ
ନେଉଛି ମନ କିଣି ।
ଡୋରି ଲଗାଇ ଡାକିଛି ଜଗା
ଘୋଷ ଯାତରା ପାଇଁ
ରତନ ବେଦୀ ଛାଡ଼ି ଆସଇ
ବଡ଼ଦାଣ୍ଡକୁ ସାଇଁ ।
ରାଇଜ ଭାଷା ବେଶେ ଏକତା
ଆଣିବା ଅଛୁ ଶୁଣି
ତିନି ରଥରେ ଚତୁର୍ଦ୍ଧାମୂର୍ତ୍ତି
ମନକୁ ନିଏ କିଣି ।
ଭକତ ହାତେ ରଥ ଦଉଡ଼ି
ଗଡ଼େ ଘିଗିଡ଼ି ଘାଇଁ
ଜନସାଗର କାଟି ଆଗକୁ
ଯାଏ ତା' ଇଚ୍ଛା ନେଇ ।
ଶରଧା ବାଲି ଉଛୁଳି ପଡ଼େ
ଦେଖି କେ' ଯାଏ ଗଡ଼ି
ଭକତି ଭାବେ ପାପ ଧୋଇବା
ପାଇଁ ଛାଡ଼ଇ ରଡ଼ି ।
ଗୁଣ୍ଡିଚା ରାଣୀ ରହିଛି ଚାହିଁ
ପାଛୋଟି ନେବାପାଇଁ
ନଅ ଦିନର ରହଣି ବଳେ
ଧନ୍ୟ ମଣିବ ସେଇ ।
ଏମିତି ଦିଅଁ ଏମିତି ନୀତି
ଯାତରା କାହିଁ ଅଛି
ମଣିଷ ଦୁଃଖ ବୁଝିବା ପାଇଁ
ନେଇଛି ଲୀଳା ବାଛି ।
ସୁନା ଖଡ଼ିକାରେ ରାଜା ପହଁରେ
ଜଗତ ଦେଖୁଥାଇ
ପହିଲି ଦେଖା ଶଙ୍କରାଚାର୍ଯ୍ୟ
ରଥରେ କରୁଥାଇ ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ,*
*ମୋ-୯୪୩୭୭୪୦୫୬୬*

# ଆଇସିସିର ବଡ଼ ନିଷ୍ପତ୍ତି : ବଦଳିଲା ଓଡିଆଇ ଓ ଟି୨୦ ବିଶ୍ୱକପ୍ ଫର୍ମାଟ୍

**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପୁରୁଷ ଟି୨୦ ବିଶ୍ୱକପ୍ ଏବଂ ଓଡିଆଇ ବିଶ୍ୱକପରେ ବଡ଼ ପରିବର୍ତ୍ତନ ଘୋଷଣା କରିଛି। ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ୨୦୨୮ ପୂର୍ବ ଅପେକ୍ଷା ଅଧିକ ଚ୍ୟାଲେଞ୍ଜିଂ ଏବଂ ରୋମାଞ୍ଚକର ହେବାକୁ ଯାଉଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ସେମିଫାଇନାଲ ପୂର୍ବରୁ ଦୁଇଟି ଅତିରିକ୍ତ ଏଲିମିନେଟର ମ୍ୟାଚ୍ ଯୋଡ଼ି ଟୁର୍ଣ୍ଣାମେଣ୍ଟ ଫର୍ମାଟରେ ଏକ ବଡ଼ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି। ଏହାର ଅର୍ଥ ହେଉଛି ଶେଷ ଚାରିଟିରେ ସ୍ଥାନ ସୁରକ୍ଷିତ କରିବା ଏବେ ପୂର୍ବ ଅପେକ୍ଷା ଅଧିକ କଷ୍ଟକର ହେବ ଏବଂ ପ୍ରତ୍ୟେକ ମ୍ୟାଚ୍‌ର ଗୁରୁତ୍ୱ ବୃଦ୍ଧି ପାଇବ।

ଆଇସିସି ଏଡିନବର୍ଗରେ ହୋଇଥିବା ଏହାର ବାର୍ଷିକ ବୈଠକ ପରେ ନୂତନ ଫର୍ମାଟ୍ ଘୋଷଣା କରିଛି। ୨୦୨୮ ମସିହା ଅକ୍ଟୋବର-ନଭେମ୍ବରରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ଦ୍ୱାରା ସହ-ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ପୂର୍ବ ପରି କୋଡ଼ିଏଟି ଦଳ ଅଂଶଗ୍ରହଣ କରିବେ, ଯେଉଁଥିରେ ମୋଟ ୫୫ଟି ମ୍ୟାଚ୍ ଖେଳାଯିବ। ଯଦିଓ ମ୍ୟାଚ୍ ସଂଖ୍ୟା ଅପରିବର୍ତ୍ତିତ ରହିଛି, ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟର ଗଠନକୁ ପୁନଃନିର୍ମାଣ କରାଯାଇଛି।

ନୂତନ ଫର୍ମାଟ୍ ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଏବେ ଚାରିଟି ବଦଳରେ ପାଞ୍ଚଟି ଗ୍ରୁପ୍ ରହିବ, ପ୍ରତ୍ୟେକ ଗୋଷ୍ଠୀରେ ଚାରିଟି ଦଳ ରହିବେ। ପୂର୍ବରୁ, ଟୁର୍ଣ୍ଣାମେଣ୍ଟରେ ପାଞ୍ଚଟି ଦଳର ଚାରିଟି ଗୋଷ୍ଠୀ ଥିଲା। ପ୍ରତ୍ୟେକ ଗୋଷ୍ଠୀର ଶ୍ରେଷ୍ଠ ଦୁଇଟି ଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଯିବେ। ପରବର୍ତ୍ତୀ ସମୟରେ, ମୋଟ ୧୦ଟି ଦଳ 'ସୁପର ୧୦' ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିବେ, ଯେଉଁଠାରେ



ସେମାନଙ୍କୁ ପାଞ୍ଚଟି ଦଳର ଦୁଇଟି ଗୋଷ୍ଠୀରେ ବିଭକ୍ତ କରାଯିବ।

ନକ୍‌ଆଉଟ୍ ପର୍ଯ୍ୟାୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ଦୁଇଟି ସୁପର ୧୦ ଗୋଷ୍ଠୀର ପ୍ରତ୍ୟେକରୁ ଶ୍ରେଷ୍ଠ ଦଳ ସିଧାସଳଖ ସେମିଫାଇନାଲ୍‌କୁ ଯିବା ବେଳେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଥିବା ଦଳଗୁଡ଼ିକ କ୍ରସ୍‌ଓଭର ଏଲିମିନେଟର୍ ମ୍ୟାଚ୍ ଖେଳିବେ। କେବଳ ଏହି ଦୁଇଟି ମ୍ୟାଚର ବିଜେତାମାନେ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିବେ। ଏହିପରି, ଟି୨୦ ବିଶ୍ୱକପ୍‌ରେ ପ୍ରଥମ ଥର ପାଇଁ, ସେମିଫାଇନାଲ୍ ପୂର୍ବରୁ ଦୁଇଟି ଅତିରିକ୍ତ ନକଆଉଟ୍ ମ୍ୟାଚ୍ ଖେଳାଯିବ।

ଆଇସିସି କହିଛି ଯେ ଭାରତ ଏବଂ ଶ୍ରୀଲଙ୍କାରେ ଅନୁଷ୍ଠିତ ୨୦୨୬ ଟି୨୦ ବିଶ୍ୱକପ୍ ସମୟରେ ଉଦୀୟମାନ ଦଳଗୁଡ଼ିକର ପ୍ରଭାବଶାଳୀ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ବୋର୍ଡ ବିଶ୍ୱାସ କରେ ଯେ ନୂତନ ଫର୍ମାଟ୍ ସହଯୋଗୀ ଏବଂ ଉଦୀୟମାନ ଦଳଗୁଡ଼ିକୁ ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିବା ପାଇଁ ଅଧିକ ସୁଯୋଗ ପ୍ରଦାନ କରିବ। ଏହା ସହିତ, ଏହା ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ର ଗୁରୁତ୍ୱ ବୃଦ୍ଧି କରିବ ଏବଂ ଟୁର୍ଣ୍ଣାମେଣ୍ଟର ଫଳାଫଳ ଉପରେ କୌଣସି ପ୍ରଭାବ ନଥିବା ଖେଳ ସଂଖ୍ୟା ହ୍ରାସ କରିବ।

ଏପର୍ଯ୍ୟନ୍ତ ୧୨ଟି ଦଳ ୨୦୨୮ ଟି୨୦ ବିଶ୍ୱକପ୍ ପାଇଁ ସେମାନଙ୍କର ସ୍ଥାନ ସୁରକ୍ଷିତ କରିସାରିଛନ୍ତି। ଆୟୋଜକ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ସିଧାସଳଖ ପ୍ରବେଶ ପାଇଛନ୍ତି। ଏହି ସମୟରେ, ଇଂଲଣ୍ଡ, ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ୍ ଏବଂ ଜିମ୍ବାୱେ ୨୦୨୬ ଟି୨୦ ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିବା ଆଧାରରେ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଫଗାନିସ୍ତାନ, ବାଂଲାଦେଶ ଏବଂ ଆୟର୍ଲାଣ୍ଡ ଟି୨୦ଆଇ ର୍‍ୟାଙ୍କିଙ୍ଗ ଆଧାରରେ ଟୁର୍ଣ୍ଣାମେଣ୍ଟରେ ସେମାନଙ୍କର ସ୍ଥାନ ହାସଲ କରିଛନ୍ତି।

ବାକି ଆଠଟି ଦଳ ୧୬-ଦଳୀୟ ବିଶ୍ୱସ୍ତରୀୟ ଯୋଗ୍ୟତା ଅର୍ଜନ ମାଧ୍ୟମରେ ନିର୍ଣ୍ଣୟ କରାଯିବ। ତଥାପି, ଏହି ପ୍ରସ୍ତାବ ନଭେମ୍ବରରେ ଓଡଉ ବୋର୍ଡରୁ ଚୂଡ଼ାନ୍ତ ଅନୁମୋଦନ ଅପେକ୍ଷାରେ ଅଛି। କାନାଡ଼ା, ଇଟାଲି, ନାମିବିଆ, ନେପାଳ, ନେଦରଲ୍ୟାଣ୍ଡ, ଓମାନ, ସଂଯୁକ୍ତ ଆରବ ଏମିରେଟ୍ସ (ଟଇର) ଏବଂ ଆମେରିକା ଭଳି ଦଳ ଏହି ଯୋଗ୍ୟତା ଅର୍ଜନରେ ଅଂଶଗ୍ରହଣ କରିବେ। ଏଗୁଡ଼ିକ ବ୍ୟତୀତ, ଦଳଗୁଡ଼ିକ ବିଭିନ୍ନ ଆଞ୍ଚଳିକ ଯୋଗ୍ୟତା ଅର୍ଜନ ମାଧ୍ୟମରେ ପ୍ରତିଯୋଗିତାକୁ ମଧ୍ୟ ଯିବେ। ଆଇସିସି ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ସ୍କଟଲାଣ୍ଡ – ଯିଏ ବାଂଲାଦେଶର ଶେଷ ମୁହୂର୍ତ୍ତରେ ବଦଳ ଭାବରେ ୨୦୨୬ ଟି୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିଲା - ଏଥର ବିଶ୍ୱସ୍ତରୀୟ ଯୋଗ୍ୟତା ଅର୍ଜନରେ ସିଧାସଳଖ ପ୍ରବେଶ ପାଇବ ନାହିଁ।

# ଏଜବାଷ୍ଟନରେ ଟିମ୍ ଇଣ୍ଡିଆ ମ୍ୟାଚ୍ ଦେଖିଲେ ଧୋନି, କାନରେ ପିନ୍ଧିଥିଲେ ଅଜବ ମେସିନ୍



**ନୂଆଦିଲ୍ଲୀ**

ବର୍ମିଂହାମର ଏଜବାଷ୍ଟନ୍ ଷ୍ଟାଡିୟମ୍‌ରେ ମଙ୍ଗଳବାର ଇଂଲଣ୍ଡ ଓ ଭାରତ ମଧ୍ୟରେ ପ୍ରଥମ ଦିନିକିଆ ଖେଳାଯାଇଥିଲା। ଷ୍ଟାଣ୍ଡରେ ଏକ ମୁହଁ ଦେଖାଯାଇଥିଲା ଯାହା ପଡ଼ିଆରେ ଖେଳୁଥିବା ଖେଳାଳିଙ୍କ ଅପେକ୍ଷା ଅଧିକ ଚର୍ଚ୍ଚାରେ ରହିଥିଲା। ଭାରତର ପୂର୍ବତନ ସଫଳ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ହାଇଭୋଲ୍ଟେଜ ମ୍ୟାଚ୍ ଉପଭୋଗ କରିବାକୁ ଏଜବାଷ୍ଟନରେ ପହଞ୍ଚିଥିଲେ। କ୍ୟାମେରା ଷ୍ଟାଣ୍ଡ ଆଡକୁ ବୁଲିବା ମାତ୍ରେ ଏବଂ ସ୍କ୍ରିନରେ ଧୋନିଙ୍କ ଫଟୋ ଦେଖାଯିବା ମାତ୍ରେ ପ୍ରଶଂସକମାନେ ଖୁସି ହୋଇଯାଇଥିଲେ। ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ ଷ୍ଟାଡିୟମରେ ବସି ମ୍ୟାଚ୍ ଦେଖିବା ସହ ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଧୋନିଙ୍କୁ ପାଖରେ ପାଇ ଦର୍ଶକମାନେ ବେଶ୍ ଉତ୍ସାହିତ ହୋଇପଡ଼ିଥିଲେ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଧୋନି ଏକ ଅଜବ ମେସିନ୍ କାନରେ ଲଗାଇଥିଲେ। ମାହିଙ୍କ କାନରେ ଥିବା ଏକ ଛୋଟ ରହସ୍ୟମୟ ଡିଭାଇସ୍ ସମସ୍ତଙ୍କୁ ଚକିତ କରିଥିଲା। ଏମଏସ ଧୋନି ତାଙ୍କ କାନରେ ଯେଉଁ ଡିଭାଇସ୍ ବ୍ୟବହାର କରିଥିଲେ ତାହା ଏକ କ୍ଷୁଦ୍ର ଷ୍ଟାଡିୟମ ରେଡିଓ ରିସିଭର୍। ଏହି ଛୋଟ ଡିଭାଇସ୍ ଷ୍ଟାଡିୟମ ଭିତରେ ଥିବା ପ୍ରଶଂସକମାନଙ୍କୁ ମ୍ୟାଚ୍ ଦେଖିବା ସମୟରେ ଲାଇଭ୍ ବଲ୍-ବାଇ-ବଲ୍ କମେଣ୍ଟ୍ରି ଶୁଣିବାକୁ ଅନୁମତି ଦିଏ। ଏହା ଇଂଲଣ୍ଡର କ୍ରିକେଟ୍ ପଡ଼ିଆରେ ଏକ ଦୀର୍ଘକାଳୀନ ଏବଂ ଲୋକପ୍ରିୟ ପାରମ୍ପରିକ ବୈଶିଷ୍ଟ୍ୟ, ଯେଉଁଠାରେ ପଡ଼ିଆରେ ରେଡିଓ କମେଣ୍ଟ୍ରି ଶୁଣିବାର ଏକ ଦୀର୍ଘ ପରମ୍ପରା ରହିଛି। ପ୍ରସାରକମାନେ ଏହି ଡିଭାଇସରେ ଲାଇଭ୍ ଅଡିଓ ପ୍ରସାରଣ କରନ୍ତି, ଯାହାକୁ ପ୍ରଶଂସକମାନେ ଏହି ଛୋଟ ରିସିଭର୍ ମାଧ୍ୟମରେ ସହଜରେ ଶୁଣିପାରିବେ।

# ଇଂଲଣ୍ଡରେ ନମ୍ବର-୧ ଭାରତୀୟ ବୋଲର ହେଲେ ଯଶପ୍ରୀତ ବୁମ୍‌ରା

**ନୂଆଦିଲ୍ଲୀ**

ବ୍ୟାକ୍ ଟୁ ବ୍ୟାକ୍ ଟି-ଟ୍ୱେଣ୍ଟି ସିରିଜ ହାରିବା ପରେ ବିଜୟ ଟ୍ରାକ୍‌କୁ ଫେରିଛି ଟିମ୍ ଇଣ୍ଡିଆ। ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ପ୍ରଥମ ଦିନିକିଆକୁ ୬ ୱିକେଟରେ ଜିତିଛି। ୯୬୮ ଦିନ ପରେ ଦିନିକିଆ କ୍ରିକେଟକୁ ଫେରିଥିବା ଯଶପ୍ରୀତ୍ ବୁମ୍‌ରା ଆସୁ ଆସୁ ଇତିହାସ ରଚିଛନ୍ତି। ଇଂଲଣ୍ଡ ବିପକ୍ଷରେ ବର୍ମିଂହାମ ପ୍ରଥମ ଦିନିକିଆରେ ଇତିହାସ ସୃଷ୍ଟି କରିଛନ୍ତି। ସେ ୧୫୦ ଦିନିକିଆ ୱିକେଟ ହାସଲ କରିଥିଲେ। ସବୁଠାରୁ କମ୍ ବୋଲରେ ଏହି ମାଇଲଖୁଣ୍ଟ ଛୁଇଁବାରେ ଭାରତର ତୃତୀୟ ବୋଲର ହୋଇଥିଲେ। ସେ ଇଂଲଣ୍ଡ ମାଟିରେ ଭାରତ ପାଇଁ ଦିନିକିଆ ୱିକେଟ ନେବାରେ ମଧ୍ୟ ସଫଳ ହୋଇଥିଲେ। ବୁମ୍‌ରା ଇଂଲଣ୍ଡରେ ୩୧ଟି ଦିନିକିଆ ୱିକେଟ ହାସଲ କରି ରେକର୍ଡ ସ୍ଥାପନ



କରିଛନ୍ତି।

ଭାରତ-ଇଂଲଣ୍ଡ ପ୍ରଥମ ଦିନିକିଆର ୧୩.୧ ଓଭରରେ ବୁମ୍‌ରାଙ୍କ ପ୍ରଥମ ବଲରେ ହ୍ୟାରୀ ବ୍ରୁକ୍ ଆଉଟ୍ ହୋଇଥିଲେ। ବୁମ୍‌ରା ଅଫ୍ ଷ୍ଟମ୍ପ ବାହାରେ ଏକ ସର୍ଟ ଅଫ୍ ଲେନ୍ଥ ଡେଲିଭରୀ କରିଥିଲେ, ଯେଉଁଥିରେ ଅତିରିକ୍ତ ବାଉନ୍ସ ଏବଂ ଅଫ୍ ବାହାରେ ଗତି ଥିଲା। ବ୍ରୁକ୍ ବଲକୁ ଥାର୍ଡମ୍ୟାନ୍ ଆଡ଼କୁ ଗାଇଡ୍ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ବାହାର ଲାଇନକୁ ନେଇଯାଇଥିଲେ। ପ୍ରଥମ ସ୍ଲିପ୍‌ରେ ଠିଆ ହୋଇଥିବା ରୋହିତ ଶର୍ମା ଏକ ସହଜ କ୍ୟାଚ୍ ଧରିଥିଲେ। ଦୀର୍ଘ ଦିନ ପରେ କମ୍‌ବ୍ୟାକ୍ କରିଥିବା ବୁମ୍‌ରା ପ୍ରମାଣ କରିଛନ୍ତି ଯେ, ତାଙ୍କ ଗତି ଏବଂ ତୀକ୍ଷ୍ଣତା ହ୍ରାସ ହୋଇନାହିଁ। ବୁମ୍‌ରା ଇଂଲଣ୍ଡରେ ଦିନିକିଆରେ ତାଙ୍କର ପ୍ରାଧାନ୍ୟ ବିସ୍ତାର କରି ରଖିଛନ୍ତି। ସେ ଇଂଲଣ୍ଡ ମାଟିରେ ଭାରତ ପାଇଁ ସର୍ବାଧିକ ୱିକେଟ୍ ନେଇଥିବା ତାଲିକାରେ ଶୀର୍ଷ ସ୍ଥାନରେ ରହିଛନ୍ତି।

ଇଂଲଣ୍ଡରେ ଭାରତ ପାଇଁ ସର୍ବାଧିକ ଦିନିକିଆ ୱିକେଟ୍ : ଯଶପ୍ରୀତ ବୁମ୍‌ରା- ୩୧ଟି ୱିକେଟ୍, ରବିନ୍ଦ୍ର ଜାଡ଼େଜା- ୩୦ ୱିକେଟ୍, ଭୁବନେଶ୍ୱର କୁମାର- ୨୮ଟି ୱିକେଟ୍, ମଦନ ଲାଲ- ୨୭ଟି ୱିକେଟ୍, ମହମ୍ମଦ ସାମି- ୨୬ଟି ୱିକେଟ୍।

ଭାରତ ପାଇଁ କମ୍ ବଲରେ ୧୫୦ ଦିନିକିଆ ୱିକେଟ୍ : ମହମ୍ମଦ ଶାମି- ୪୦୭୦ ବଲ୍, କୁଳଦୀପ ଯାଦବ- ୪୫୧୩ ବଲ୍, ଯଶପ୍ରୀତ ବୁମ୍‌ରା-୪୬୦୫ ବଲ୍, ଅଜିତ୍ ଅଗରକର- ୫୦୨୭ ବଲ୍, ଇର୍ଫାନ ପଠାନ୍- ୫୧୩୧ ବଲ୍।

ଡବଲ୍ ଉପହାର : ବୁମ୍‌ରାଙ୍କ ପାଇଁ ଏହି ମ୍ୟାଚ୍ କେବଳ ଏକ ପ୍ରତ୍ୟାବର୍ତ୍ତନ ନୁହେଁ, ବରଂ ରେକର୍ଡ ବୁକ୍‌ରେ ନିଜ ନାମକୁ ଆହୁରି ମଜଭୁତ୍ କରିବାର ଏକ ସୁଯୋଗ ମଧ୍ୟ ଥିଲା। ୯୬୮ ଦିନ ପରେ ଦିନିକିଆ ଫର୍ମାଟକୁ ଫେରି ସେ ପ୍ରମାଣ କରିଛନ୍ତି ଯେ, ତାଙ୍କୁ କାହିଁକି ଭାରତର ସବୁଠାରୁ ଶକ୍ତିଶାଳୀ ବୋଲିଂ ଆକ୍ରମଣ ବୋଲି କୁହାଯାଏ। ଆଘାତରୁ ଫେରିବା, ଏକ ଲମ୍ବା ଅପେକ୍ଷା। କିନ୍ତୁ ପଡ଼ିଆରେ ପ୍ରବେଶ କରିବା ପରେ ସେ ସେହି ପୁରୁଣା ବୁମ୍‌ରା ଥିଲେ। ସଠିକ୍ ବିପଦଜ୍ଜନକ ଏକ ରେକର୍ଡ ବ୍ରେକର ବୁମ୍‌ରା ଥିଲେ।

# ବିଶ୍ୱକପ୍ ଇତିହାସରେ ସବୁଠୁ ମହଙ୍ଗା : ୩ ବିଲିୟନ ଡଲାରର ଫ୍ରାନ୍ସ-ସ୍ପେନ ସେମି ଫାଇନାଲ

**ନୂଆଦିଲ୍ଲୀ**

ଫ୍ରାନ୍ସ-ସ୍ପେନ ସେମି ଫାଇନାଲ ବିଶ୍ୱକପ୍ ଇତିହାସରେ ସବୁଠୁ ମହଙ୍ଗା ମ୍ୟାଚ୍ ବୋଲି କୁହାଯାଉଛି। ଏହି ମ୍ୟାଚର ମାର୍କେଟ୍ ଭାଲ୍ୟୁ ୩ ବିଲିୟନ ଡଲାର ଆକଳନ କରାଯାଇଛି। ଫ୍ରାନ୍ସର ମାର୍କେଟ ଭାଲ୍ୟୁ ୧.୭୮ ବିଲିୟନ ଏବଂ ସ୍ପେନର ୧.୪୩ ବିଲିୟନ ରହିଛି। ଉଭୟ ଦଳରେ ୪ ଜଣ ସବୁଠୁ ମହଙ୍ଗା ଖେଳାଳି ରହିଛନ୍ତି। ଚଳିତ ବିଶ୍ୱକପ୍‌ରେ ସବୁଠୁ ମହଙ୍ଗା ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ସ୍ପେନର ଲାମିନ ୟମାଲ ଓ ସ୍ପେନର କିଲିଆନ ଏମ୍ବାପେ। ୟମାଲଙ୍କ ଭାଲ୍ୟୁ ୨୩୪ ମିଲିୟନ ଡଲାର ଏବଂ ଏମ୍ବାପେଙ୍କର ୨୧୦ ମିଲିୟନ ଡଲାର ରହିଛି। ଫ୍ରାନ୍ସର ମାଇକଲ ଓଲିସେ ଏବଂ ସ୍ପେନର ପେଡ୍ରି ଗୋଞ୍ଜାଲେଜଙ୍କ ଭାଲ୍ୟୁ ୧୭୫ ମିଲିୟନ ଡଲାର ଲେଖାଏଁ ରହିଛି। ସ୍ପେନର ୟମାଲ ଯଦିଓ ଟୁର୍ଣ୍ଣାମେଣ୍ଟରେ ସବୁଠୁ ଦାମୀ ଖେଳାଳି କିନ୍ତୁ ଯଦି ଫ୍ରାନ୍ସର ୱିଙ୍ଗର ଓ ଷ୍ଟ୍ରାଇକରଙ୍କ ମିଳିତ ବଜାର ମୂଲ୍ୟ ଆକଳନ କରାଯାଏ ତେବେ ତାହା ୮୭୭ ମିଲିୟନ ଡଲାର ଅତିକ୍ରମ କରିବ।



# ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନ୍ ପକ୍ଷରୁ ଜିଲ୍ଲା ବ୍ୟାଡ଼ମିଣ୍ଟନ ଚ୍ୟାମ୍ପିଅନସିପ୍–୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟା ରଞ୍ଜନ ଜୟପୁରିଆ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ, ଓକିଲ ସଂଘ ସଭାପତି ଗିରିଧାରୀ ବିଭାର, ଗୋବର୍ଦ୍ଧନ ସୁନା, ଡ. ସରୋଜ କୁମାର ପଣ୍ଡା, ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ନୂଆପଡ଼ା ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନର ଉପସଭାପତି ପ୍ରସନ୍ନ ମାହାନା, ସମ୍ପାଦକ ସୁଦୀପ୍ତ ବିଶୋଇଙ୍କ ସମେତ ସାମ୍ବାଦିକ କୁନୁ କରୁଆ, ପ୍ରଭଞ୍ଜନ ସେଠୀ, ଅକ୍ଷୟ ପାଢ଼ୀ, ଦୂର୍ବା ଖମାରୀ, ରିତେଶ ବାବୁ ଏବଂ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଓ କ୍ରୀଡ଼ାପ୍ରେମୀ ମାନେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାର ସିନିୟର୍ ବର୍ଗରେ ତୁଷାର ନିଆଲ ଏଣ୍ଡ ରୁଦ୍ର ସାହୁ ଚାମ୍ପିଅନ ହୋଇଛନ୍ତି। ସେହିଭଳି ସିଙ୍ଗିଲ ବିଭାଗରେ ଅଣ୍ଡର–୧୩ରେ ସାଇ ଆଦିତ୍ୟ, ଅଣ୍ଡର–୧୫ରେ ମୁକେଶ ମିଶ୍ର, ଅଣ୍ଡର–୧୭ ଓ ୧୯–ରେ ଶ୍ରେୟସ ନାଏକ ଚାମ୍ପିଅନ ହୋଇଛନ୍ତି। ଡବଲସ ବିଭାଗରେ ଅଣ୍ଡର-୧୫ରେ ମୁକେଶ ମିଶ୍ର ଏଣ୍ଡ ସାଇ ଆଦିତ୍ୟ, ଅଣ୍ଡର -୧୭ରେ ଶ୍ରେୟସ ନାଏକ ଏଣ୍ଡ ପାର୍ଟନର, ଅଣ୍ଡର-୧୯ରେ ତୁଷାର ଓ ମୋହିତ ଜୈନ ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଚାମ୍ପିଅନ ଓ ରନର୍ସଅପ୍ ହୋଇଥିବା ଖେଳାଳିମାନଙ୍କୁ ଅତିଥିମାନଙ୍କ କରକମଳରେ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାର ଉଦୀୟମାନ ବ୍ୟାଡ଼ମିଣ୍ଟନ ପ୍ରତିଭାମାନଙ୍କୁ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହ ରାଜ୍ୟ ଓ ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତାକୁ ଶୌରଭ କୁମାର ପଣ୍ଡା, ତାପସ କୁମାର ପତି ଓ ଶାଶ୍ୱତ କୁମାର ବେହେରା ରେଫରି ଭାବେ ଖେଳକୁ ପରିଚାଳନା କରିଥିଲେ।

# ଆଇସିସି ଦିନିକିଆ ର୍‍ୟାଙ୍କିଂ : ନମ୍ବର-୧ର ନିକଟତର ଅଧିନାୟକ ଗିଲ୍

**ନୂଆଦିଲ୍ଲୀ**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ ଅର୍ଥାତ୍ ଆଇସିସି ସଦ୍ୟତମ ର୍‍ୟାଙ୍କିଂ ଜାରି କରିଛି। ଏହି ସଦ୍ୟତମ ଦିନିକିଆ ରାଙ୍କିଂରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଫାଇଦା ମିଳିଛି ଏବଂ ସେ ପ୍ରଥମ ସ୍ଥାନର ବହୁତ ନିକଟରେ ପହଞ୍ଚି ଯାଇଛନ୍ତି। ଏହା ସୂଚାଏ ଯେ ଆଗାମୀ ସମୟରେ ଗିଲ୍ ନମ୍ବର-୧ ଦିନିକିଆ ବ୍ୟାଟ୍ସମ୍ୟାନ୍ ମଧ୍ୟ ହୋଇପାରନ୍ତି। ଅନ୍ୟପଟେ ଟିମ୍ ଇଣ୍ଡିଆର ଦୁଇ ସୁପରଷ୍ଟାର୍ ଖେଳାଳି ରୋହିତ ଶର୍ମା ଏବଂ ବିରାଟ କୋହଲି ନିଜ ନିଜ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛନ୍ତି।

ଆଇସିସିର ନୂଆ ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଂରେ ନ୍ୟୁଜିଲାଣ୍ଡର ବ୍ୟାଟ୍ସମ୍ୟାନ୍ ଡେରିଲ୍ ମିଚେଲ୍ ନମ୍ବର-୧ ସ୍ଥାନରେ ବଜାୟ ରହିଛନ୍ତି। ଯଦିଓ ବର୍ତ୍ତମାନ ତାଙ୍କର ଏହି ଆସନ ପ୍ରତି ବିପଦ ଦେଖାଦେଇଛି। ଦ୍ୱିତୀୟ ସ୍ଥାନରେ ଥିବା ଶୁବମନ ଗିଲ୍ ଖୁବ୍ ଶୀଘ୍ର ପ୍ରଥମ ସ୍ଥାନ ଅକ୍ତିଆର କରିପାରନ୍ତି। ବର୍ତ୍ତମାନ ମିଚେଲଙ୍କ ଖାତାରେ ମୋଟ ୮୧୪ ରେଟିଂ ପଏଣ୍ଟ ରହିଥିବା ବେଳେ ଗିଲଙ୍କ ପାଖରେ ୮୦୩ ରେଟିଂ ପଏଣ୍ଟ ହୋଇଯାଇଛି। ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଚମତ୍କାର ବ୍ୟାଟିଂ କରିବାର ଲାଭ ଗିଲ୍‌ଙ୍କୁ ର୍‍ୟାଙ୍କିଂରେ ମିଳିଛି।

ଗିଲ୍ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ୭୫ଟି ବଲ୍‌ରୁ ୮୦ ରନ୍‌ର ଏକ ଚମତ୍କାର ପାଳି ଖେଳିଥିଲେ। ଯେଉଁଥିରେ ସେ ୧୧ଟି ଚୌକା ଏବଂ ଗୋଟିଏ ବିଶାଳ ଛକା ମାରିଥିଲେ। ଶୁବମନଙ୍କ ଏହି ଇନିଂସ ପରେ ସେ ର୍‍ୟାଙ୍କିଂରେ ୧୨ ରେଟିଂ ପଏଣ୍ଟ ଆଗକୁ ବଢ଼ିଛନ୍ତି। ଏହି ମ୍ୟାଚ୍ ପୂର୍ବରୁ ତାଙ୍କ ପାଖରେ ୭୯୧ ରେଟିଂ ପଏଣ୍ଟ ଥିବା ବେଳେ ମିଚେଲ୍‌ଙ୍କର ୮୧୫ ରେଟିଂ ପଏଣ୍ଟ ଥିଲା। କିନ୍ତୁ ସଦ୍ୟତମ ର୍‍ୟାଙ୍କିଂରେ ବର୍ତ୍ତମାନ ଦୁଇ ଜଣଙ୍କ ମଧ୍ୟରେ ମାତ୍ର ୧୧ ପଏଣ୍ଟର ବ୍ୟବଧାନ ରହିଯାଇଛି। ଯାହାକୁ ଗିଲ୍ ଖୁବ୍ ଶୀଘ୍ର ନିଜ ଚମତ୍କାର ବ୍ୟାଟିଂ ବଳରେ ପାର କରିପାରନ୍ତି।

ଟପ୍-୫ ରେ ଅଛନ୍ତି ରୋହିତ-ବିରାଟ : ସଦ୍ୟତମ ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଂରେ ତିନି ଜଣ ଭାରତୀୟ ଟପ୍-୫ରେ ନିଜ ସ୍ଥାନ ବଜାୟ ରଖିଛନ୍ତି। ଗିଲ୍ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ବିରାଟ କୋହଲି ଏବଂ ରୋହିତ ଶର୍ମା ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ରୋହିତ ଏବଂ



କୋହଲି ବ୍ୟାଟ୍‌ରେ କିଛି ଖାସ୍ ପ୍ରଦର୍ଶନ କରିପାରି ନଥିଲେ ମଧ୍ୟ ସେମାନେ ନିଜ ନିଜର ରାଙ୍କିଂ ବଜାୟ ରଖିବାରେ ସଫଳ ହୋଇଛନ୍ତି। ବିରାଟଙ୍କ ଖାତାରେ ୭୫୭ ରେଟିଂ ପଏଣ୍ଟ ରହିଥିବା ବେଳେ ରୋହିତଙ୍କ ପାଖରେ ୭୪୪ ରେଟିଂ ପଏଣ୍ଟ ରହିଛି। ଯଦିଓ ଟପ୍-୫ରେ ନିଜ ସ୍ଥାନ ବଜାୟ ରଖିବା ପାଇଁ ଉଭୟଙ୍କୁ ବାକି ଥିବା ଦୁଇଟି ମ୍ୟାଚ୍ ମଧ୍ୟରୁ ଅତିକମ୍‌ରେ ଗୋଟିଏ ବଡ଼ ଇନିଂସ ଖେଳିବାକୁ ହେବ।

ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚରେ ଅକ୍ଷର ପଟେଲ୍ ୫୨ଟି ବଲ୍‌ରୁ ୫୭ ରନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ୨୫୯ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ଭାରତ ପାଇଁ ତାଙ୍କର ଏହି ରନ୍ ଅତି ମୂଲ୍ୟବାନ ସାବ୍ୟସ୍ତ ହୋଇଥିଲା। ବ୍ୟାଟ୍‌ରେ କମାଲ କରିବା ପୂର୍ବରୁ ସେ ବୋଲିଂରେ ମଧ୍ୟ ୯.୫ ଓଭରରେ ୬୨ ରନ୍ ଦେଇ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହି ଚମତ୍କାର ପ୍ରଦର୍ଶନ ବଳରେ ସେ ଆଇସିସି ଦିନିକିଆ ଅଲରାଉଣ୍ଡର ର୍‍ୟାଙ୍କିଂରେ ୩ଟି ସ୍ଥାନ ଉପରକୁ ଉଠି ୯ମ ସ୍ଥାନ ହାସଲ କରିଛନ୍ତି।

# ବାଲେଶ୍ୱରରେ ଲୋକାର୍ପିତ ହେଲା ପ୍ରଧାନମନ୍ତ୍ରୀ ଆଦ୍ୟାଶା କେନ୍ଦ୍ର



**ବାଲେଶ୍ୱର, ନ୍ୟୁଜ୍**

ବହୁ ଅପେକ୍ଷାର ଅନ୍ତ ଘଟାଇ ବାଲେଶ୍ୱର ଫକୀରମୋହନ ମେଡିକାଲ୍ କଲେଜ ପରିସରରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଦ୍ୱାରା ପ୍ରଧାନମନ୍ତ୍ରୀ ଆଦ୍ୟାଶା କେନ୍ଦ୍ର ଲୋକାର୍ପିତ ହୋଇଛି। ଦୀର୍ଘ ଦିନଧରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯେଉଁ ପ୍ରଚେଷ୍ଟା ଚଳାଇଥିଲେ ତାହା ଆଜି ସଫଳ ହୋଇଛି। ବାଲେଶ୍ୱର ଫକୀରମୋହନ ମେଡିକାଲ୍ କଲେଜ ପରିସରରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ସାଂସଦ ଶ୍ରୀ ଷଡଙ୍ଗୀଙ୍କ ସମେତ ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା, ସୋର ବିଧାୟକ ମାଧବ ଧଡା, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ସମେତ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ ଜିଲ୍ଲାପାଳ ଶିବ ମାଲବିୟ, ମେଡିକାଲ୍ କଲେଜ୍ ଡିନ୍ ଜ୍ଞାନେନ୍ଦ୍ର ବେହେରା, ସିଭିଲ ସୋସାଇଟୀ ସଦସ୍ୟ ଈଶ୍ୱର ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଫିତା କାଟି ସାଂସଦ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ପରେ ମେଡିକାଲ୍ କଲେଜ ଅଡିଟୋରିଅମ ହଲ୍‌ରେ ଆୟୋଜିତ ବିଶାଳ ସଭାରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଏ କେନ୍ଦ୍ର କେବଳ ବାଲେଶ୍ୱର ନୁହେଁ ବରଂ ପଡ଼ୋଶୀ ଜିଲ୍ଲା ଭଦ୍ରକ, ମୟୂରଭଞ୍ଜ ତଥା ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ହଜାର ହଜାର ଦିବ୍ୟାଙ୍ଗ ଜନଙ୍କ ପାଇଁ ବହୁତ୍ ସହାୟକ ହେବ। ଏହି କେନ୍ଦ୍ରରେ ଦିବ୍ୟାଙ୍ଗ ଜନଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସମ୍ପୂର୍ଣ୍ଣ ନିଶୁଳ୍କରେ ହୁଇଲ ଚେୟାର, ଟ୍ରାଇ ସାଇକେଲ, ଆଶାବାଡ଼ି, ୮୦%ରୁ ଅଧିକ ଦିବ୍ୟାଙ୍ଗତା ଥିବା ବ୍ୟକ୍ତିଙ୍କ ପାଇଁ ମୋଟର ଚାଳିତ ଟ୍ରାଇ ସାଇକେଲ, ସ୍ମାର୍ଟ କେନ୍, ସ୍ମାର୍ଟ ଫୋନ୍, ବେଲ୍ ସ୍ଲେଟ, ବେଲ୍ କିଟ୍, ଡିଜିଟାଲ ଶ୍ରବଣ ଯନ୍ତ୍ର, କମୋଡ ଚେୟାର ଇତ୍ୟାଦି ମିଳିପାରିବ ଓ ହାତ କିମ୍ବା ଗୋଡ କଟିଯାଇଥିବା ଦିବ୍ୟାଙ୍ଗ ଜନଙ୍କୁ ମାପ ନେଇ ଉନ୍ନତ ମାନର କୃତ୍ରିମ ଅଙ୍ଗ ପ୍ରସ୍ତୁତ କରି ସମ୍ପୂର୍ଣ୍ଣ ନିଶୁଳ୍କରେ ପ୍ରଦାନ ମଧ୍ୟ କରାଯିବ। ମଞ୍ଚାସୀନ ସମସ୍ତ ଅତିଥିମାନେ ସାଂସଦଙ୍କ ପ୍ରଚେଷ୍ଟାକୁ ଭୂୟସୀ ପ୍ରଶଂସା କରିଥିଲ। କାର୍ଯ୍ୟକ୍ରମ ଶେଷରେ ୨୫୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଜନଙ୍କୁ ନିଃଶୁଳ୍କ ଆବଶ୍ୟକୀୟ ଉପକରଣ ବଣ୍ଟନ କରାଯାଇଥିଲା। ଶେଷରେ ମେଡିକାଲ୍ କଲେଜ ପ୍ରଶାସକ ମନୋରମା ଭୂୟାଁ ଧନ୍ୟବାଦ୍ ଦେଇଥିଲେ।

# ପଦ ଛାଡ଼ିଲେ ଫ୍ରାନ୍ସ ପ୍ରଶିକ୍ଷକ ଡେସ୍‌ଚାମ୍ପ୍ସ : ଜିଡାନେ ନେବେ ଦାୟିତ୍ୱ

**ଡାଲାସ**

ଚଳିତ ଫିଫା ବିଶ୍ୱକପ୍ ସେମିଫାଇନାଲ୍‌ରେ ସ୍ପେନ୍‌ଠୁ ହାରି ଫ୍ରାନ୍ସ ବିଦାୟ ନେବା ପରେ ଏହାର ପ୍ରଶିକ୍ଷକ ଡିଡିଅର ଡେସ୍‌ଚାମ୍ପ୍ସ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ୫୭ ବର୍ଷୀୟ ଡେସ୍ ଚାମ୍ପ୍ସ ଖେଳାଳି ଭାବେ ୧୯୯୮ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ଥିଲେ। ତାଙ୍କ ତତ୍ତ୍ୱାବଧାନରେ ଫ୍ରାନ୍ସ ଲଗାତାର ୨୦୧୮ ଓ ୨୦୨୨ରେ ଫାଇନାଲ୍‌ରେ ପହଞ୍ଚିଥିଲା। ୨୦୧୮ରେ ବି ଦଳ ବିଜେତା ହୋଇଥିଲା। ତାଙ୍କ ପ୍ରଶିକ୍ଷଣ ଦଳ ୧୮୪ ମ୍ୟାଚ୍ ଖେଳି ୧୨୦ଟିରେ ବିଜୟୀ ହୋଇଥିଲା ବେଳେ ୩୫ଟି ଡ୍ର ରଖିଥିଲା। କେବଳ ୨୯ଟିରେ ପରାଜୟର ସାମ୍ନା କରିଥିଲା। ଫଳରେ ବିଜୟ ପ୍ରତିଶତ ୬୫.୨ ରହିଥିଲା। ତାଙ୍କର ବିଦାୟ ପରେ ୧୯୯୮ ବିଶ୍ୱକପ୍ ବିଜେତା ଓ ୨୦୦୬ ଉପବିଜେତା ଫ୍ରାନ୍ସ ଦଳର ପ୍ରମୁଖ ଖେଳାଳି ଜିନାଡିନ୍ ଜିଡାନ ଏହି ଦାୟିତ୍ୱ ସମ୍ଭାଳିବାର ସମ୍ଭାବନା ରହିଛି।



୨୦୦୬ରେ ଅବସର ନେବାର ୪ ବର୍ଷ ପରେ ପ୍ରଶିକ୍ଷକ ଦାୟିତ୍ୱକୁ ଆସିଥିଲେ। ଏହାର ୬ ବର୍ଷ ପରେ ଜିଡାନ ୨୦୧୬ରେ ରିଅଲ୍ ମାଡ୍ରିଡ୍‌ର ପ୍ରଶିକ୍ଷକ ହୋଇଥିଲେ। ନିଜର ପ୍ରଥମ ୩ ବର୍ଷର କାର୍ଯ୍ୟକାଳ ଭିତରେ ରିଅଲ୍ ମାଡ୍ରିଡ୍ ହ୍ୟାଟ୍ରିକ୍ ୟୁଫା ଚାମ୍ପିଅନ୍‌ସିପ୍ ବିଜେତା ହେବା ସହ ୫ ୟୁରୋପୀୟ ଟ୍ରଫି ଜିତିଥିଲା। ଏହାପରେ ସେ ମାଡ୍ରିଡ୍ ଛାଡ଼ିଥିଲେ। ପୁଣି ଥରେ ୨୦୧୮ରେ ଏହି ଦଳର ଦାୟିତ୍ୱ ନେଲେ। ୨୦୨୧ ମେ' ୨୭ରେ ସେ ରିଅଲ୍ ମାଡ୍ରିଡ୍ ଛାଡ଼ିବା ପୂର୍ବରୁ ଏହି ଦଳ ୧୧ଟି ବରିଷ୍ଠ ବର୍ଗ ଟ୍ରଫି ଜିତିଥିଲା। ୨୦୨୨ ବିଶ୍ୱକପ୍ ପରେ ତାଙ୍କୁ ମୁଖ୍ୟ ପ୍ରଶିକ୍ଷକ କରିବାକୁ ଆମେରିକା ପ୍ରସ୍ତାବ ଦେଇଥିଲା। ହେଲେ ସେ ଏହାକୁ ଗ୍ରହଣ କରି ନଥିଲେ।

# ଭବ୍ୟ ହେବ ଫିଫା ବିଶ୍ୱକପ୍ ଉଦ୍‌ଯାପନୀ ସମାରୋହ

## ମଞ୍ଚରେ ନଜର ଆସିବେ ଟମ୍ କ୍ରୁଜ୍‌ଙ୍କ ସମେତ ମେଗା ଷ୍ଟାର

**ନୂଆଦିଲ୍ଲୀ**

ଫିଫା ବିଶ୍ୱକପ୍ ୨୦୨୬ର ଉଦ୍‌ଯାପନୀ ସମାରୋହ କେବଳ ପଡ଼ିଆ ମଧ୍ୟରେ ସୀମିତ ନରହି, ଏକ ଭବ୍ୟ ସାଂସ୍କୃତିକ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ସହିତ ସ୍ମରଣୀୟ ହେବାକୁ ଯାଉଛି। ନ୍ୟୁଜର୍ସିର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ଉଦ୍‌ଯାପନୀ ସମାରୋହରେ ହଲିଉଡ୍ ଷ୍ଟାର୍ ଟମ୍ କ୍ରୁଜ୍, ବ୍ରିଟିଶ୍ ଗାୟକ ରବି ୱିଲିୟମ୍ସ, ଇଟାଲୀର ପ୍ରସିଦ୍ଧ ଗାୟିକା ଲୌରା ପାଉସିନି ଏବଂ ଲୋକପ୍ରିୟ ଇଣ୍ଟରନେଟ୍ ଷ୍ଟାର୍ ଆଇଶୋସ୍ପିଡଙ୍କ ସମେତ ଅନେକ ବୈଶ୍ୱିକ ବ୍ୟକ୍ତିତ୍ୱ ଭାଗ ନେବେ।

ଫିଫା ନିଜ ବୟାନରେ କହିଛି ଯେ ଚଳିତ ଉଦ୍‌ଯାପନୀ ସମାରୋହରେ ତିନିଟି ଆୟୋଜକ ଦେଶ ଆମେରିକା, କାନାଡ଼ା ଓ ମେକ୍ସିକୋ ସହିତ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ସମସ୍ତ ୪୮ଟି ଦଳର ସ୍ମରଣୀୟ ଯାତ୍ରାକୁ ସେଲିବ୍ରେଟ୍ କରାଯିବ। ଏହା ବିଶ୍ୱକପ୍ ଇତିହାସର ସବୁଠାରୁ ବଡ଼ ଟୁର୍ଣ୍ଣାମେଣ୍ଟ ଥିଲା। ଯେଉଁଥିରେ ପ୍ରଥମ ଥର ପାଇଁ ୪୮ଟି ଦଳ ଅଂଶଗ୍ରହଣ କରିଥିଲେ।

ଫାଇନାଲ୍ ମୁକାବିଲା ପୂର୍ବରୁ ଏମି, ଗ୍ରାମୀ, ଓସ୍କାର ଏବଂ ଟୋନି ପୁରସ୍କାର ବିଜେତା ଜେନିଫର୍ ହଡସନ୍ ଆମେରିକାର ଜାତୀୟ ସଙ୍ଗୀତ







ପରିବେଷଣ କରିବେ। ତାଙ୍କର ଏହି ପ୍ରଦର୍ଶନକୁ ସମାରୋହର ମୁଖ୍ୟ ଆକର୍ଷଣ ବୋଲି ମାନାଯାଉଛି।

ଫିଫା ବିଶ୍ୱକପ୍ ୨୦୨୬ର ମୁଖ୍ୟ ପରିଚାଳନା ଅଧିକାରୀ ହେଇମୋ ଶିରଗି କହିଛନ୍ତି ଯେ ଉଦ୍‌ଘାଟନୀ ସମାରୋହର ଭାବନାକୁ ଆଗକୁ ବଢ଼ାଇ ଏହି ଉଦ୍‌ଯାପନୀ ସମାରୋହରେ ସଙ୍ଗୀତ, ସଂସ୍କୃତି ଏବଂ ଫୁଟବଲର ଏକ ଅନନ୍ୟ ସଙ୍ଗମ ଦେଖିବାକୁ ମିଳିବ। ସେ କହିଛନ୍ତି, 'ଉଦ୍‌ଯାପନୀ ସମାରୋହ ଜରିଆରେ ଫିଫା ବିଶ୍ୱକପ୍ ୨୦୨୬ର ସଫରକୁ ସେଲିବ୍ରେଟ୍ କରାଯିବ। ଏହାପରେ ସେହି ବହୁ ପ୍ରତୀକ୍ଷିତ ମହାମୁକାବିଲା ଆରମ୍ଭ ହେବ, ଯାହା ଏହି ଐତିହାସିକ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ କିଏ ହେବ ତାହା ସ୍ଥିର କରିବ।'

ଆମେରିକା, କାନାଡ଼ା ଓ ମେକ୍ସିକୋର ଆୟୋଜନରେ ଅନୁଷ୍ଠିତ ଫିଫା ବିଶ୍ୱକପ୍ ୨୦୨୬ ଅନେକ ଦୃଷ୍ଟିରୁ ଐତିହାସିକ ରହିଛି। ୪୮ଟି ଦଳ ଏବଂ ୧୬ଟି ସହରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ବିଶ୍ୱକପ୍‌ର ପରିସରକୁ ଏକ ନୂଆ ଉଚ୍ଚତାକୁ ନେଇଯାଇଛି। ବର୍ତ୍ତମାନ ଫାଇନାଲ୍ ମୁକାବିଲା ପୂର୍ବରୁ ହେବାକୁ ଥିବା ଉଦ୍‌ଯାପନୀ ସମାରୋହ ଏହି ଐତିହାସିକ ଆୟୋଜନକୁ ଏକ ସ୍ମରଣୀୟ ବିଦାୟ ଦେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ।

ଫିଫା ବିଶ୍ୱକପ୍ ୨୦୨୬ର ଭବ୍ୟ ଉଦ୍‌ଯାପନୀ ସମାରୋହ ଆସନ୍ତା ରବିବାର ୧୯ ଜୁଲାଇ ୨୦୨୬ ଦିନ ନ୍ୟୁୟର୍କର ନ୍ୟୁ ଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭାରତୀୟ ଦର୍ଶକଙ୍କ ପାଇଁ ଏହାର ସିଧାପ୍ରସାରଣ ରାତି ୧୧:୦୦ ମିନିଟ୍‌ରୁ ଆରମ୍ଭ ହେବ। ଏହା ବହୁ ପ୍ରତୀକ୍ଷିତ ଫାଇନାଲ୍ ମ୍ୟାଚ୍ (ରାତି ୧୨:୩୦ ମିନିଟ୍) ଆରମ୍ଭ ହେବାର ଠିକ୍ ୯୦ ମିନିଟ୍ ପୂର୍ବରୁ ପ୍ରସାରିତ ହେବ।

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୬ ଜୁଲାଇ ୨୦୨୬ ଗୁରୁବାର





## ପ୍ରକଳ୍ପ 'ପ୍ରେରଣା'ର ଶୁଭ ଉଦ୍ଘାଟନ : ସ୍ୱତନ୍ତ୍ର ଆବଶ୍ୟକତା ସମ୍ପନ୍ନ ଶିଶୁମାନଙ୍କ ପାଇଁ ସମାବେଶ

# ସମ୍ମାନ ଓ ସଶକ୍ତିକରଣ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**



ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ପକ୍ଷରୁ ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ସେବା ଏନଜିଓର ସହଯୋଗରେ 'ପ୍ରକଳ୍ପ ପ୍ରେରଣା' ନାମକ ଏକ ସମନ୍ୱିତ ପୁନର୍ବାସ ଓ ବୃତ୍ତିମୂଳକ ପ୍ରଶିକ୍ଷଣ କେନ୍ଦ୍ରର ଶୁଭାରମ୍ଭ କରାଯାଉଛି। ଏହି ପ୍ରକଳ୍ପଟି ସ୍ୱତନ୍ତ୍ର ଆବଶ୍ୟକତା ସମ୍ପନ୍ନ ଶିଶୁମାନଙ୍କ ପାଇଁ ଉତ୍ସର୍ଗୀକୃତ। ଏହା ମାଧ୍ୟମରେ ଏକ ସମାବେଶୀ, ସମ୍ବେଦନଶୀଳ ଓ ସହାନୁଭୂତିଶୀଳ ସମାଜ ଗଠନ ପ୍ରତି ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ତାହାର ଦୃଢ଼ ପ୍ରତିବଦ୍ଧତାକୁ ପୁନଃ ବ୍ୟକ୍ତ କରୁଛି, ଯେଉଁଠାରେ ପ୍ରତ୍ୟେକ ଶିଶୁ ଶିକ୍ଷା, ବିକାଶ ଓ ଉନ୍ନତି ପାଇଁ ସମାନ ସୁଯୋଗ ପାଇବେ। ଏହି ଉଦ୍ଘାଟନୀ ସମାରୋହରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗର ଉପସଚିବ ତଥା ଦୃଷ୍ଟି ବାଧିତ ହୋଇ ପ୍ରଥମ ଓଏଏସ୍ ଅଧିକାରୀ ସନ୍ନ୍ୟାସୀ ବେହେରା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହିବେ। ଏହା ସହିତ ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ଜଗନ୍ନାଥ ପ୍ରସାଦ ନାୟକ, ମାନବ ସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ଗ୍ରୁପ୍ ସିଏସ୍ଆର୍ ମୁଖ୍ୟ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ଶ୍ରୀ ଲିମିଟେଡ୍ ଅଭିଜିତ ରାଜୁ, କ୍ଲଷ୍ଟର ସିଏସ୍ଆର ସମ୍ବଲପୁରର ଶ୍ରୀ ଶିବ ମହାପାତ୍ର, ସିଏସଆର୍ ମୁଖ୍ୟ ଶ୍ରୀଯୁକ୍ତ ରବି ନିୱାସ, ଉପପ୍ରବନ୍ଧକ ମନୋରଂଜନ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୌରି ଚନ୍ଦ୍ର ପାଣି, ବ୍ଲକ ଶିକ୍ଷା ଅଧିକାରୀ ସପ୍ତର୍ଶି ମହାପାତ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ମହେନ୍ଦ୍ର ବାଗ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋନିକା ବହିଧର ଓ ବରିଷ୍ଠ ନାଗରିକ ମଞ୍ଚ, ସମ୍ବଲପୁର ସଭାପତି ଅନ୍ତର୍ଯ୍ୟାମୀ ପାଣି, ସେବା ଏନଜିଓ ର ସମ୍ପାଦକ ଅମରେନ୍ଦ୍ର ଦାସ ଓ ସିଏସ୍ଆର୍ ଟିମ୍‌ର ସଦସ୍ୟବୃନ୍ଦ ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଓ ହିତାଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ। ପ୍ରକଳ୍ପ 'ପ୍ରେରଣା' ମାଧ୍ୟମରେ ସ୍ୱତନ୍ତ୍ର ଆବଶ୍ୟକତା ସମ୍ପନ୍ନ ଶିଶୁମାନଙ୍କୁ ବିଶେଷଜ୍ଞ ପୁନର୍ବାସ ସେବା, ବିଭିନ୍ନ ଥେରାପି, ବୃତ୍ତିମୂଳକ ପ୍ରଶିକ୍ଷଣ ଏବଂ ସମନ୍ୱିତ ସହାୟତା ପ୍ରଦାନ କରାଯିବ। ଏହା ଦ୍ୱାରା ସେମାନେ ନିଜର କ୍ଷମତାର ବିକାଶ କରିବା, ଆତ୍ମବିଶ୍ୱାସ ବୃଦ୍ଧି କରିବା ଏବଂ ଅଧିକ ସ୍ୱାବଲମ୍ବୀ ଓ ସମ୍ମାନଜନକ ଜୀବନଯାପନ କରିବାରେ ସକ୍ଷମ ହେବେ। ଏହି ପଦକ୍ଷେପ ମାଧ୍ୟମରେ ଆଦିତ୍ୟ ଆଲୁମିନିୟମ, ଲାପଙ୍ଗା ଏକ ସମାବେଶୀ ସମାଜ ଗଠନ ପ୍ରତି ନିଜର ଅଙ୍ଗୀକାରକୁ ଆହୁରି ସୁଦୃଢ଼ କରୁଛି, ଯେଉଁଠାରେ ପ୍ରତ୍ୟେକ ଶିଶୁ ଶିକ୍ଷା, ବିକାଶ ଓ ସଫଳତାର ସମାନ ସୁଯୋଗ ପାଇବେ।

# ରାଜ୍ୟ ସ୍କାଉଟ୍ ଓ ଗାଇଡ୍ ତରଫରୁ ରଥଯାତ୍ରା ଜାତୀୟ ସେବା ଶିବିର

**ପୁରୀ, ନ୍ୟୁଜ ବ୍ୟୁରୋ**




ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ସଂସ୍ଥା ଆନୁକୂଲ୍ୟରେ ଜାତୀୟ ରଥଯାତ୍ରା ସେବା ଶିବିର ତା୧୪.୭.୨୦୨୬ ରିଖ ଠାରୁ ତା୧୮.୭.୨୦୨୬ ରିଖ ପର୍ଯ୍ୟନ୍ତ ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଆୟୋଜିତ ହେଉଅଛି। ଏହି ଶିବିରରେ ସେବା ଯୋଗାଇଦେବା ପାଇଁ ଉତରପ୍ରଦେଶ, ତେଲେଙ୍ଗାନା, ଜାମୁକାଶ୍ମିର, କର୍ଣ୍ଣାଟକ, ଝାରଖଣ୍ଡ, ରାଜସ୍ଥାନ, ନର୍ଦ୍ଦନ ରେଲୱେ, ନର୍ଥ ସେଣ୍ଟ୍ରାଲ ରେଲୱେ, ସାଉଥ ସେଂଟ୍ରାଲ୍ ରେଲୱେ, ସାଉଥ ଇଷ୍ଟର୍ଣ୍ଣ ରେଲୱେ, ପଶ୍ଚିମବଙ୍ଗ, ଇଷ୍ଟ ସେଂଟ୍ରାଲ ରେଲୱେ, ଛତିଶଗଡ, ଇଷ୍ଟର୍ଣ୍ଣ ରେଲୱେ, ହରିୟାନା, ଓଡିଶା ଆଦି ରାଜ୍ୟରୁ ୬୭୦ ଜଣ ରୋଭର, ରେଞ୍ଜର, ରୋଭର ଲିଡର, ରେଞ୍ଜର ଲିଡର, ସ୍କାଉଟ, ଗାଇଡ, ସ୍କାଉଟ ମାଷ୍ଟର, ଗାଇଡ କ୍ୟାପଟେନ ଯୋଗଦେଇଛନ୍ତି।

ପୁରୀର ଟାଉନ୍ ହଲ୍ ପରିସରରେ ଓଡ଼ିଶାର ରାଜ୍ୟପାଳ ଏବଂ ମୁଖ୍ୟ ପୃଷ୍ଠପୋଷକ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଡଃ. ହରିବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନୀତ ଅତିଥିଭାବେ ଡଃ. ମୁକେଶ ମହାଲିଙ୍ଗ, ମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସଂସଦୀୟ ମନ୍ତ୍ରଣାଳୟ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଡଃ କାଳିପ୍ରସାଦ ମିଶ୍ର ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍, ଗଣେଶ ଚନ୍ଦ୍ର ପାତ୍ର, ଅବସରପ୍ରାପ୍ତ ଆଇଏଏସ ତଥା ଇଣ୍ଡିଆନ ରେଡକ୍ରସ୍ ସୋସାଇଟି, ଓଡିଶା ସମ୍ପାଦକ ତଥା ସେଣ୍ଟ ଜୋନ୍ ଆମ୍ବୁଲାନ୍ସର ଭାରାପ୍ରାପ୍ତ ସଂପାଦକ, ପଦ୍ମଶ୍ରୀ ମିସ୍ ସାବରମତୀ, ଇଣ୍ଡିଆନ ରେଡକ୍ରସ୍ ସୋସାଇଟି, ଓଡ଼ିଶା ଶାଖାର ଉପସଭାପତି ଏବଂ ସୁଧାଂଶୁ ଷଡ଼ଙ୍ଗୀ, ଆଇପିଏସ୍ ମହାନିର୍ଦ୍ଦେଶକ, ଅଗ୍ନିଶମ ଏବଂ ଜରୁରୀକାଳୀନ, ହୋମଗାର୍ଡ ଏବଂ ନିର୍ଦ୍ଦେଶକ ସିଭିଲ ଡିଫେନ୍ସ ପ୍ରମୁଖ ଯୋଗଦାନ କରି ରଥଯାତ୍ରାରେ ସେବା କାର୍ଯ୍ୟ ଯୋଗାଇ ଦେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀଗୁଣ୍ଡିଚା ଦିନ ରୋଭର, ରେଞ୍ଜର, ସ୍କାଉଟ୍ ଓ ଗାଇଡ୍‌ମାନେ ଭିନ୍ନ ଭିନ୍ନ ଦଳରେ ବିଭକ୍ତ ହୋଇ ସହରର ବିଭିନ୍ନ ଜାଗାରେ ଯାନବାହାନ ନିୟନ୍ତ୍ରଣ, ଶ୍ରଦ୍ଧାଳୁମାନଙ୍କୁ ପାନୀୟ ଜଳ ବଣ୍ଟନ, ଜଳସିଞ୍ଚନ, ପ୍ରାଥମିକ ଚିକିତ୍ସା ପ୍ରଦାନ, ଆହତ ହେଉଥିବା ଭକ୍ତମାନଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା, ସ୍ୱଚ୍ଛ ଭାରତ ଅଭିଯାନ ଆଦି ବିଭିନ୍ନ ସେବା ଯୋଗାଇ ଦେବେ ବୋଲି ମୁଖ୍ୟଅତିଥି ନିଜ ବକ୍ତବ୍ୟରେ କହିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶୃଙ୍ଖଳିତ-ସୁରକ୍ଷିତ ରଥଯାତ୍ରା ...

ହୋଇଛି। ସେହିପରି ୩ଟାରୁ ୪ଟା ମଧ୍ୟରେ ଚାରମାଳ ଫିଟିବା, ଘୋଡ଼ା ଓ ସାରଥି ଲାଗିବା କାର୍ଯ୍ୟ ପରେ ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବ। ଏଥର ରଥଯାତ୍ରାକୁ ଶୃଙ୍ଖଳିତ ଓ ଅଘଟଣମୁକ୍ତ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆଙ୍କ ସୂଚନା ଅନୁସାରେ, ରଥଯାତ୍ରାରେ ୧୩ ହଜାରରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ମୁତୟନ ହୋଇଥିବା ବେଳେ ୨୩ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ପୋଲିସ ପରିଚାଳନା ଭାର ଦିଆଯାଇଛି। ସମୁଦ୍ର ପଥରେ ମେରାଇନ ପୋଲିସ ଏବଂ କୋଷ୍ଟ ଗାର୍ଡଙ୍କୁ ଦାୟିତ୍ୱ ଦିଆଯାଇଛି। ଓଡ଼ିଶା ପୋଲିସ ସହିତ ବିଏସଏଫ, ସିଆରପିଏଫ, ଏନ୍ଏସ୍‌ଜି, ରାପିଡ୍ ଆକ୍ସନ ଫୋର୍ସ, ଓଡ଼ିଶା ପୋଲିସର ଏସଟିୟୁ କମାଣ୍ଡୋ, ଡଗ ସ୍କ୍ୱାର୍ଡ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ମଧ୍ୟ ସୁରକ୍ଷା ଦାୟିତ୍ୱରେ ମୁତୟନ ହୋଇଛନ୍ତି। ସେହିପରି ଆକାଶ ମାର୍ଗରୁ ଡ୍ରୋନ୍ ଦ୍ୱାରା ସମ୍ପୂର୍ଣ୍ଣ ପୁରୀ ସହର ଉପରେ ନଜର ରଖିବ ପୋଲିସ। ରଥଯାତ୍ରାରେ ୪୭୦ଟି ଏଆଇ ସିସିଟିଭି କ୍ୟାମେରା ଦ୍ୱାରା ସମ୍ପୂର୍ଣ୍ଣ ପୁରୀ ସହର ଏବଂ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଉପରେ କଡ଼ା ନଜର ରଖାଯିବ।

## ଡିଜିଟାଲ ହୁଣ୍ଡି ସମର୍ପଣରେ...

ମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଓ ସ୍ୱଚ୍ଛତାର ସହ ଦାନ କରିବାର ସୁବିଧା ପ୍ରଦାନ କରୁଛି। ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାରା ବିଶ୍ୱର ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ସହ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ ଏହି ବ୍ୟବସ୍ଥା ଜରିଆରେ ସଂଗୃହିତ ଦାନ ଅର୍ଥ ଶ୍ରୀମନ୍ଦିରର ବିକାଶ ଓ ରକ୍ଷଣାବେକ୍ଷଣ ପାଇଁ ବିନିଯୋଗ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଡିଜିଟାଲ ହୁଣ୍ଡି - ସମର୍ପଣ' କେବଳ ଏକ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ସଂସ୍କାର ନୁହେଁ, ଏହା ହେଉଛି ସାରା ବିଶ୍ୱରେ ରହୁଥିବା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଭକ୍ତି ଓ ସମର୍ପଣ ଭାବକୁ ଶ୍ରୀମନ୍ଦିର ସହ ଯୋଡ଼ିବାର ଏକ ପବିତ୍ର ତଥା ସ୍ୱଚ୍ଛ ସେତୁ। ଆଗାମୀ ଦିନରେ ମହାପ୍ରଭୁଙ୍କ ପରମ୍ପରାର ସୁରକ୍ଷା ଓ ଶ୍ରୀମନ୍ଦିରର ସର୍ବାଙ୍ଗୀନ ବିକାଶରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି। ଏହି ବ୍ୟବସ୍ଥା ଅଧିକ ସହଜ, ସ୍ୱଚ୍ଛ ଓ ସମୟ ଉପଯୋଗୀ ହୋଇଥିବାରୁ ଏହା ଦ୍ୱାରା ଦେଶ-ବିଦେଶରେ ଥିବା ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀ ଏବେ ଘରେ ରହି ମଧ୍ୟ ମହାପ୍ରଭୁଙ୍କ ଚରଣରେ ସେବା ଅର୍ପଣ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ସୁନ୍ଦର ପ୍ରଯୁକ୍ତିବିଦ୍ୟା ଭିତ୍ତିକ ସଂସ୍କାର ପାଇଁ ଏକ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ୍ ସହିତ ମୋବାଇଲ୍ ଆପ୍ ମଧ୍ୟ ବିକଶିତ କରାଯାଇଛି। ଶ୍ରଦ୍ଧାଳୁମାନେ ନିଜ ମୋବାଇଲ୍ ନମ୍ବର ଏବଂ ଓଟିପି ମାଧ୍ୟମରେ ସହଜରେ ଲଗ୍-ଇନ୍ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିପାରିବେ। ଦାନ ପ୍ରକ୍ରିୟାକୁ ସରଳ କରିବା ପାଇଁ ଏଥିରେ ୟୁପିଆଇ, ଇଣ୍ଟରନେଟ୍ ବ୍ୟାଙ୍କିଂ, ଡେବିଟ୍ ଓ କ୍ରେଡିଟ୍ କାର୍ଡ ସମେତ ହ୍ୱାଟସ୍-ଆପ୍ ମାଧ୍ୟମରେ ମଧ୍ୟ ପେମେଣ୍ଟ କରିବାର ସୁବିଧା ପ୍ରଦାନ କରାଯାଇଛି ଏବଂ ଦାନ ପ୍ରକ୍ରିୟା ସଫଳ ହେବା ପରେ ଭକ୍ତମାନେ ତୁରନ୍ତ ନିଜର ଡିଜିଟାଲ ରସିଦ୍ ମଧ୍ୟ ଡାଉନ୍ ଲୋଡ୍ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନା ଯୋଗ୍ୟଯେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥାରେ ଦାନ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଆର୍ଥିକ ସୀମା ରଖାଯାଇ ନାହିଁ। ଭକ୍ତମାନେ ନିଜ ସାମର୍ଥ୍ୟ ଅନୁଯାୟୀ ମାତ୍ର ୧ ଟଙ୍କାରୁ ଆରମ୍ଭ କରି ଯେତେ ଚାହିଁବେ ସେତେ ଅର୍ଥ ମହାପ୍ରଭୁଙ୍କ ଚରଣରେ ସମର୍ପଣ କରିପାରିବେ। ଏହାଛଡ଼ା, ଶ୍ରୀମନ୍ଦିରର 'ମରାମତି ଓ ନବୀକରଣ' ଏବଂ 'କର୍ପସ' ପାଣ୍ଠିକୁ ଦାନ କରୁଥିବା ଶ୍ରଦ୍ଧାଳୁମାନେ ନିଜର ପ୍ୟାନ୍ ବିବରଣୀ ପ୍ରଦାନ କରି ଆୟକର ରିହାତିର ସୁବିଧା ମଧ୍ୟ ପାଇପାରିବେ। ଏହି ମୋବାଇଲ୍ ଆପ୍ କେବଳ ଦାନ କରିବାରେ ସୀମିତ ନରହି ଭକ୍ତମାନଙ୍କ ପାଇଁ ଏକ ସୁନ୍ଦର ଡିଜିଟାଲ ସହଯୋଗୀ ଭାବେ କାର୍ଯ୍ୟ କରିବ। ଏହି ଆପ୍ ମାଧ୍ୟମରେ ଭକ୍ତମାନେ ମନ୍ଦିରର ସାଧାରଣ ସୂଚନା, ଦୈନନ୍ଦିନ ନୀତିକାନ୍ତିର ଘୋଷଣା, ସଦ୍ୟତମ ଅପଡେଟ୍ ସହ ପୁରୀ ଆସୁଥିବା ଯାତ୍ରୀଙ୍କ ରହିବା ପାଇଁ 'ଭକ୍ତ ନିବାସ' ରୁମ୍ ବୁକିଂ ଭଳି ଗୁରୁତ୍ୱପୂର୍ଣ୍ଣ ସୁବିଧା ମଧ୍ୟ ପାଇପାରିବେ। ଏହି ଲୋକାର୍ପଣ ସମାରୋହରେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ରେଳ ପ୍ରକଳ୍ପକୁ କେନ୍ଦ୍ର...

ସୃଷ୍ଟି କରିବ। ଏହି ପ୍ରକଳ୍ପ ଓଡ଼ିଶା ଏବଂ ଝାଡ଼ଖଣ୍ଡର ୪ଟି ପ୍ରମୁଖ ଜିଲ୍ଲାକୁ ସଂଯୋଗ କରିବ। ଏହା ଦ୍ୱାରା ପ୍ରାୟ ୧,୫୨୬ଟି ଗ୍ରାମର ୧୪ ଲକ୍ଷ ଜନସଂଖ୍ୟା ସିଧାସଳଖ ଉପକୃତ ହେବେ। ଏହି କ୍ଷମତା ବୃଦ୍ଧି ଫଳରେ ଲଳିତଗିରି ବୌଦ୍ଧ କମ୍ପ୍ଲେକ୍ସ, ଶ୍ରୀ ବଳଦେବଜୀଉ ମନ୍ଦିର ଏବଂ ମେଘାହାତୁବୁରୁ ପାହାଡ଼ ସମେତ ଅନେକ ପର୍ଯ୍ୟଟନ ସ୍ଥଳୀକୁ ଯାତାୟାତ ସୁଗମ ହେବ। ଏହି ରେଳପଥଗୁଡ଼ିକ କୋଇଲା, ଲୁହାପଥର, ଡୋଲୋମାଇଟ୍, ଚୂନପଥର ଏବଂ ଜିପସମ୍ ଭଳି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ପରିବହନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ବାର୍ଷିକ ଅତିରିକ୍ତ ୪୪ ମିଲିୟନ ଟନ ମାଲ ପରିବହନ ସମ୍ଭବ ହେବ। ଏହି ପ୍ରକଳ୍ପ ଦ୍ୱାରା ପରିବେଶକୁ ମିଳିବାକୁ ଥିବା ଲାଭ ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଏହି ଉନ୍ନତ ରେଳ ଭିତ୍ତିଭୂମି ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ, ପ୍ରାୟ ୬ କୋଟି ଲିଟର ତୈଳ ଆମଦାନୀ ସଞ୍ଚୟ କରିବ ଏବଂ ଅଙ୍ଗାରକାମ୍ଳ ନିର୍ଗମନକୁ ୨୯ କୋଟି କିଲୋଗ୍ରାମ କମ୍ କରିବ। ଏହି ନିର୍ଗମନ ହ୍ରାସ ଏକ କୋଟି ଗଛ ଲଗାଇବା ଦ୍ୱାରା ମିଳୁଥିବା ଲାଭ ସହିତ ସମାନ। ସେ କହିଛନ୍ତି ଯେ ଏହି ପ୍ରକଳ୍ପଗୁଡ଼ିକ ଭାରତର ପରିବହନ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଯୋଗଦାନ ଦେବ ଏବଂ ରେଳଭିତ୍ତିକ ମାଲ୍ ପରିବହନର ବ୍ୟବହାର ବଢ଼ାଇ ଦେଶର ଆର୍ଥିକ ଅଭିବୃଦ୍ଧି, ଆଞ୍ଚଳିକ ବିକାଶ ଏବଂ ଜଳବାୟୁ ଲକ୍ଷ୍ୟକୁ ସମର୍ଥନ କରିବ।

## ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ...

ନିଷ୍ପତ୍ତି ରେଳ କ୍ଷମତା ଓ ଲଜିଷ୍ଟିକ୍ସକୁ ମଜଭୁତ କରିବ। ସମଗ୍ର ଅଞ୍ଚଳରେ ଶିଳ୍ପ ଓ ବନ୍ଦର-ପରିଚାଳିତ ଉନ୍ନୟନକୁ ତ୍ୱରାନ୍ୱିତ କରିବ। ଏନେଇ ସେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ୨୦୨୪ ଅଗଷ୍ଟରେ ଚିଠି ଲେଖିଥିଲେ। ବହୁଦିନର ପ୍ରତୀକ୍ଷିତ ପ୍ରକଳ୍ପକୁ ଅନୁମୋଦନ ପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ। ଏହା କେନ୍ଦ୍ରାପଡ଼ା ଓ ଉପକୂଳ ଓଡ଼ିଶା ସହ ଅଧିକ ଅଞ୍ଚଳକୁ ଲାଭ ପହଞ୍ଚାଇବ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ସିବିଏସଇ ଅନ୍-ସ୍କ୍ରିନ୍ ମାର୍କିଂ...

ପଦକ୍ଷେପ ନିଆଯାଇଛି ସେନେଇ ସୂଚନା ତଲବ କରାଯାଇଥିବା ବେଳେ କେନ୍ଦ୍ର ସରକାରଙ୍କ ସହଯୋଗ ମଧ୍ୟ ଲୋଡ଼ାଯାଇଛି। ଉଲ୍ଲେଖଯୋଗ୍ୟ, ସିବିଏସଇ ର ଅନ୍-ସ୍କ୍ରିନ୍ ମାର୍କିଂ ବ୍ୟବସ୍ଥାରେ ପରୀକ୍ଷାର ଉତ୍ତରଖାତାଗୁଡ଼ିକୁ ସ୍କାନ୍ କରି ଡିଜିଟାଲ୍ ମାଧ୍ୟମରେ ମୂଲ୍ୟାଙ୍କନ କରାଯାଏ। ଏଥିରେ ଶିକ୍ଷକମାନେ ପାରମ୍ପରିକ କାଗଜ ଉତ୍ତରଖାତା ପରିବର୍ତ୍ତେ କମ୍ପ୍ୟୁଟର ସ୍କ୍ରିନରେ ଉତ୍ତରପତ୍ର ଯାଞ୍ଚ କରି ମାର୍କ ପ୍ରଦାନ କରନ୍ତି। ଏହି ବ୍ୟବସ୍ଥାକୁ ନେଇ ଉଠିଥିବା ଅଭିଯୋଗ ଉପରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଏହି ପ୍ରସଙ୍ଗ ପୁଣିଥରେ ଚର୍ଚ୍ଚାକୁ ଆସିଛି।

## ବୌଦ୍ଧ ଐତିହ୍ୟ-ଆଧ୍ୟାତ୍ମିକ...

ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅଭିଭାଷଣ ରଖି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶାର ବୌଦ୍ଧ ଐତିହ୍ୟ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ସାଂସ୍କୃତିକ ସମ୍ପଦ ଏବଂ ଏହାର ପର୍ଯ୍ୟଟନ ସମ୍ଭାବନାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସେ ଉଲ୍ଲେଖ କରିଛନ୍ତି ଯେ ଏହି ମିଳିତ ସହଯୋଗ ସାରା ବିଶ୍ୱର ପର୍ଯ୍ୟଟକମାନଙ୍କ ପାଇଁ ପ୍ରକୃତ ଆଧ୍ୟାତ୍ମିକ ଅନୁଭୂତି ସୃଷ୍ଟି କରିବା ସହିତ ଏହି ଚିରନ୍ତନ ସଂସ୍କୃତିର ସଂରକ୍ଷଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ବୌଦ୍ଧ ତୀର୍ଥଯାତ୍ରା ଏବଂ ସାଂସ୍କୃତିକ ପର୍ଯ୍ୟଟନ ପାଇଁ ଓଡ଼ିଶାକୁ ଏକ ପ୍ରମୁଖ ଅନ୍ତର୍ଜାତୀୟ ଗନ୍ତବ୍ୟ ସ୍ଥଳ ଭାବେ ଗଢ଼ି ତୋଳିବାରେ ଏହି ସହଭାଗିଦାରୀ ସହାୟକ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଓଡ଼ିଶାର ବୌଦ୍ଧ ପରମ୍ପରା ଇତିହାସ, ଦର୍ଶନ ଏବଂ ଜୀବନ୍ତ ସଂସ୍କୃତିର ଏକ ଅନନ୍ୟ ସମନ୍ୱୟ। ସେ କହିଛନ୍ତି ଯେ ଏହି ଭାଗିଦାରୀ କେବଳ ମୂଲ୍ୟବାନ ଐତିହ୍ୟର ସଂରକ୍ଷଣ କରିବାରେ ସାହାଯ୍ୟ କରିବ ନାହିଁ, ବରଂ ଆଗାମୀ ପିଢ଼ି ପାଇଁ ଓଡ଼ିଶାର ସମୃଦ୍ଧ ବୌଦ୍ଧ ସଂସ୍କୃତି ସହିତ ଗବେଷଣା, ସାଂସ୍କୃତିକ ଆଦାନପ୍ରଦାନ ଏବଂ ଜନସାଧାରଣଙ୍କ ଗଭୀର ସମ୍ପୃକ୍ତିକୁ ମଧ୍ୟ ପ୍ରୋତ୍ସାହିତ କରିବ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଆନୁଷ୍ଠାନିକ ସହଯୋଗ ମାଧ୍ୟମରେ ଓଡ଼ିଶାର ବୌଦ୍ଧ ଐତିହ୍ୟକୁ ସୁଦୃଢ଼ କରିବା ପାଇଁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିବାରୁ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି। ସେ ମତ ଦେଇଛନ୍ତି ଯେ ଏହି ସହଭାଗିଦାରୀ ଐତିହ୍ୟ ସଂରକ୍ଷଣ, ସାଂସ୍କୃତିକ ସୁରକ୍ଷା ଏବଂ ସ୍ଥାୟୀ ପର୍ଯ୍ୟଟନ ପ୍ରତି ସରକାରଙ୍କ ସମନ୍ୱିତ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ଏହି ବୁଝାମଣାପତ୍ର, ଆଧ୍ୟାତ୍ମିକ ଶିକ୍ଷା କାର୍ଯ୍ୟକ୍ରମ, ବୌଦ୍ଧ ସନ୍ନ୍ୟାସୀ ଆଶ୍ରମ ଜୀବନଶୈଳୀର ଅନୁଭୂତି ଏବଂ ତୀର୍ଥଯାତ୍ରା କାର୍ଯ୍ୟକ୍ରମ ସମେତ ପ୍ରକୃତ ଆଧ୍ୟାତ୍ମିକ ଏବଂ ଅନୁଭୂତିପୂର୍ଣ୍ଣ ପର୍ଯ୍ୟଟନ କାର୍ଯ୍ୟକ୍ରମଗୁଡ଼ିକର ବିକାଶ ପାଇଁ ସହଯୋଗର ଏକ ବ୍ୟାପକ ରୂପରେଖ ସ୍ଥାପନ କରୁଛି। ଏହା ସହିତ ଅନ୍ତର୍ଜାତୀୟ ସମ୍ମିଳନୀ, ଗବେଷଣା, ଶିକ୍ଷାଗତ ସହଯୋଗ ଏବଂ ଜ୍ଞାନର ଆଦାନପ୍ରଦାନ ମାଧ୍ୟମରେ ବୌଦ୍ଧ ଶିକ୍ଷା ଓ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ଏଥିରେ ଲକ୍ଷ୍ୟ ରଖାଯାଇଛି। ଏଥିସହ, ଐତିହ୍ୟ ସଂରକ୍ଷଣ, ପର୍ଯ୍ୟଟକଙ୍କ ଉତ୍ତମ ଅନୁଭୂତି ଏବଂ ସ୍ଥାୟୀ ପର୍ଯ୍ୟଟନ ଉପରେ ବିଶେଷ ଗୁରୁତ୍ୱ ଦେଇ ରତ୍ନଗିରି-ଉଦୟଗିରି-ଲଳିତଗିରି-ଜିରାଙ୍ଗ ବୌଦ୍ଧ ସର୍କିଟକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ, ତୀର୍ଥଯାତ୍ରା ଏବଂ ସାଂସ୍କୃତିକ ଗନ୍ତବ୍ୟ ସ୍ଥଳ ଭାବରେ ସମନ୍ୱିତ ବିକାଶ କରିବାକୁ ଏହା ସହାୟତା ପ୍ରଦାନ କରୁଛି।

## ଲଘୁଚାପ ପ୍ରଭାବରେ...

ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହିତ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ସୂଚନା ଦେଇଛନ୍ତି ଆଇଏମଡି ଭୁବନେଶ୍ୱର ନିର୍ଦ୍ଦେଶିକା ମନୋରମା ମହାନ୍ତି।

## ରଥଯାତ୍ରା ପାଇଁ ପୂର୍ବତଟ ରେଳପଥର ବ୍ୟାପକ ପ୍ରସ୍ତୁତି

# ଚାଲିବ ସ୍ୱତନ୍ତ୍ର ଟ୍ରେନ୍, ପୁରୀ ଷ୍ଟେସନରେ ବ୍ୟାପକ ସୁବିଧା ଓ କଡ଼ା ସୁରକ୍ଷା ବ୍ୟବସ୍ଥା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ସମୟରେ ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଯାତ୍ରାକୁ ସୁଗମ, ସୁରକ୍ଷିତ ଓ ଶୃଙ୍ଖଳିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସ୍ୱତନ୍ତ୍ର ଟ୍ରେନ ସେବାଠାରୁ ଆରମ୍ଭ କରି ଯାତ୍ରୀ ସୁବିଧା, ଭିଡ଼ ପରିଚାଳନା, କଡ଼ା ସୁରକ୍ଷା, ୨୪ ଘଣ୍ଟିଆ ନିରୀକ୍ଷଣ ଓ ପୁରୀ ଷ୍ଟେସନର ଭିତ୍ତିଭୂମିର ଉନ୍ନତି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ରଥଯାତ୍ରା ସମୟରେ ଯାତ୍ରୀଙ୍କ ଅତ୍ୟଧିକ ଚାହିଦାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ମହାରାଷ୍ଟ୍ରର ପ୍ରମୁଖ ସ୍ଥାନକୁ ସଂଯୋଗ କରୁଥିବା ଅନେକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଯିବ। ଏହି ଟ୍ରେନଗୁଡ଼ିକ ରାଉରକେଲା, ବୀରମିତ୍ରପୁର, ବାଙ୍ଗିରିପୋଷି, ଜୁନାଗଡ଼ ରୋଡ୍, ବଡ଼ାମ୍ବାହାଡ଼, ବୌଦ୍ଧ, ଜଗଦଲପୁର, ବାଲେଶ୍ୱର, ଅନୁଗୋଳ, ଗୁଣୁପୁର, ରାୟଗଡ଼ା, ପାରାଦୀପ, ଭଦ୍ରକ, କେନ୍ଦୁଝର, ଦଶପଲ୍ଲା, ଖୋର୍ଦ୍ଧା ରୋଡ୍, ସମ୍ବଲପୁର, ତାଳଚେର, କଟକ, ବ୍ରହ୍ମପୁର, ଢେଙ୍କାନାଳ, ବଡ଼ବିଲ, ପଲାସା, ବିଶାଖାପାଟଣା, ଗୋନ୍ଦିଆ ଓ ସାନ୍ତରାଗାଛି ପରି ପ୍ରମୁଖ ଷ୍ଟେସନରୁ ଚଳାଚଳ କରିବ। ଏହାବ୍ୟତୀତ ଯାତ୍ରୀଙ୍କ ଭିଡ଼ ଓ ଚାହିଦାକୁ ନିରନ୍ତର ସମୀକ୍ଷା କରାଯିବ। ଆବଶ୍ୟକ ପଡ଼ିଲେ ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଯିବ।

ପୁରୀ ରେଳ ଷ୍ଟେସନରେ ଭିଡ଼ ପରିଚାଳନା ପାଇଁ ପ୍ରାୟ ୩୦ ହଜାର ଯାତ୍ରୀଙ୍କ କ୍ଷମତା ବିଶିଷ୍ଟ ସ୍ୱତନ୍ତ୍ର ଅପେକ୍ଷା ସ୍ଥଳ ଓ ମେଳା ସେଡ୍ ନିର୍ମାଣ କରାଯାଇଛି। ଏଥିରେ ଆବଦ୍ଧ ବସିବା ବ୍ୟବସ୍ଥା, ଏୟାର କୁଲିଂ ସୁବିଧା ସହିତ ଜର୍ମାନ ହ୍ୟାଙ୍ଗର ସେଡ୍ ଓ ଛାଇଯୁକ୍ତ ପ୍ରତୀକ୍ଷା ସ୍ଥାନ ରହିଛି।

ଯାତ୍ରୀଙ୍କ ସୁବିଧା ପାଇଁ ୧୨୯ଟି ମଡ୍ୟୁଲାର ଶୌଚାଳୟ, ୬୮ଟି ଗାଧୁଆ ଘର, ୬୫ଟି ପାନୀୟ ଜଳ ବୁଥ୍, ୧୦ଟି ଥଣ୍ଡା ପାନୀୟ ଜଳ ବୁଥ୍ ଓ ୱାଇ-ଫାଇ ସୁବିଧା କରାଯାଇଛି। ଆମ୍ବୁଲାନ୍ସ ସହ ୩ଟି ଚିକିତ୍ସା ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିବ। ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରାୟ ୩.୫ ଲକ୍ଷ ଶ୍ରଦ୍ଧାଳୁଙ୍କୁ ମାଗଣା ଖାଦ୍ୟ ବଣ୍ଟନ କରାଯିବ। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ବ୍ୟାଟେରୀ ଚାଳିତ ଗାଡ଼ି ଓ ସ୍ୱତନ୍ତ୍ର ହ୍ୱିଲଚେୟାର ବ୍ୟବସ୍ଥା ରହିଛି। ଟିକେଟ ବ୍ୟବସ୍ଥାକୁ ସହଜ କରିବା ପାଇଁ ୪୦ଟି ବୁକିଂ କାଉଣ୍ଟର, ୧୨ଟି ଅଟୋମେଟିକ ଟିକେଟ ଭେଣ୍ଡିଂ ମେସିନ୍, ୩୨ଟି ମୋବାଇଲ ଅନରିଜର୍ଭଡ୍ ଟିକେଟିଂ ସିଷ୍ଟମ୍ ମେସିନ୍ ଓ ୨୧ଟି ଷ୍ଟେସନରେ ଅତିରିକ୍ତ ଟିକେଟ କାଉଣ୍ଟର ଖୋଲାଯାଇଛି।

ସୁରକ୍ଷା ପାଇଁ ୭୫୮ ଜଣ ଆରପିଏଫ୍, ୧,୫୦୦ ଜଣ ଜିଆରପି ଓ ୧୦୦ ଜଣ ସିଭିଲ ଡିଫେନ୍ସ, ସ୍କାଉଟ୍ସ ଓ ଗାଇଡ୍ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ଏହା ସହ ୨୫୦ଟି ସିସିଟିଭି କ୍ୟାମେରା, ୪ଟି ଡ୍ରୋନ, ୧୦ଟି ସ୍ନିଫର କୁକୁର ଓ ୩ଟି ଅଗ୍ନିଶମ ଗାଡ଼ି ମୁତୟନ କରାଯାଇଛି।

ଟ୍ରେନ ପରିଚାଳନା, ଯାତ୍ରୀଙ୍କ ଚଳାଚଳ ଓ ସୁରକ୍ଷା ଉପରେ ୨୪ ଘଣ୍ଟା ନଜର ରଖିବା ପାଇଁ ସ୍ୱତନ୍ତ୍ର 'ୱାର୍ ରୁମ୍' ସ୍ଥାପନ କରାଯାଇଛି। ବରିଷ୍ଠ ରେଳ ଅଧିକାରୀମାନେ ସିସିଟିଭି ଓ ଡ୍ରୋନ ସର୍ଭେଲାନ୍ସ ମାଧ୍ୟମରେ ପରିସ୍ଥିତିର ତଦାରଖ କରିବେ ଓ ଜରୁରୀ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବେ।

ଷ୍ଟେସନର ସ୍ୱଚ୍ଛତା ପାଇଁ ୪୩୦ ଜଣ ସ୍ୱଚ୍ଛତା କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନେ ସ୍ୱେରେଜ୍ ସକ୍ସନ୍ ଗାଡ଼ି, ଆବର୍ଜନା ନିଷ୍କାସନ ଗାଡ଼ି, ଇଣ୍ଡଷ୍ଟ୍ରିଆଲ୍ ଭ୍ୟାକ୍ୟୁମ କ୍ଲିନର ଓ ଜେଟ୍ କ୍ଲିନିଂ ମେସିନ୍ ବ୍ୟବହାର କରିବେ। ଯାତ୍ରୀଙ୍କୁ ଟ୍ରେନ ସମ୍ବନ୍ଧୀୟ ସୂଚନା ପ୍ରଦାନ ପାଇଁ ୧୫ଟି ଏଲଇଡି ଭିଡିଓ ୱାଲ୍, ୬୦ଟି ପବ୍ଲିକ୍ ଆନାଉନ୍ସମେଣ୍ଟ ସ୍ପିକର ଓ ଜିପିଏସ୍ ଘଣ୍ଟା ସ୍ଥାପନ କରାଯାଇଛି। ରଥଯାତ୍ରା ପୂର୍ବରୁ ପୁରୀ ରେଳ ଷ୍ଟେସନରେ ନୂତନ ଟର୍ମିନାଲ ବିଲ୍ଡିଂର ଗ୍ରାଉଣ୍ଡ ଫ୍ଲୋର ମାଧ୍ୟମରେ ଯାତ୍ରୀ ଚଳାଚଳରେ ସୁଧାର, ଟୁରିଷ୍ଟ କମ୍ପ୍ଲେକ୍ସରେ ଦୁଇଟି ଅତିରିକ୍ତ ମହଲା, ସୁସଂଗଠିତ ହୋଲ୍ଡିଂ ଏରିଆ ଓ ଷ୍ଟେସନ ଆପ୍ରୋଚ୍ ରୋଡ୍‌ରୁ ପ୍ରବେଶ ବ୍ୟବସ୍ଥାରେ ଉନ୍ନତି କରାଯାଇଛି। ପୂର୍ବତଟ ରେଳପଥ ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁଙ୍କୁ ଟ୍ରେନର ପାଦାନୀ, ବଫର କିମ୍ବା ଛାତ ଉପରେ ଯାତ୍ରା ନ କରିବାକୁ ଅନୁରୋଧ କରାଯାଇଛି। ଅଜଣା ବ୍ୟକ୍ତିଙ୍କଠାରୁ ଖାଦ୍ୟ କିମ୍ବା ପାନୀୟ ଗ୍ରହଣ ନ କରିବା, ସନ୍ଦିଗ୍ଧ ବ୍ୟାଗେଜ୍ ଦେଖିଲେ ତୁରନ୍ତ ରେଳ କର୍ମଚାରୀ କିମ୍ବା ସୁରକ୍ଷା କର୍ମୀଙ୍କୁ ସୂଚନା ଦେବା ଏବଂ ଯାତ୍ରା ପୂର୍ବରୁ ଅଫିସିଆଲ୍ ରେଳ ଚ୍ୟାନେଲ ମାଧ୍ୟମରେ ଟ୍ରେନ ସମୟସୂଚୀ ଓ ରିଜର୍ଭେସନ ସ୍ଥିତି ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

# ଜେଏସଡବ୍ଲ୍ୟୁ ଗ୍ରୁପର ବ୍ରାଣ୍ଡ ମୂଲ୍ୟ ୫୫% ବୃଦ୍ଧି ସହ ଭାରତର ସବୁଠାରୁ ଦ୍ରୁତ ଗତିରେ ବଢ଼ୁଥିବା କଂଗ୍ଲୋମରେଟ ବ୍ରାଣ୍ଡ ମାନ୍ୟତା ହାସଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ଅଗ୍ରଣୀ ବ୍ୟବସାୟିକ ଗ୍ରୁପ ମଧ୍ୟରୁ ଅନ୍ୟତମ ଜେଏସଡବ୍ଲ୍ୟୁ ଗ୍ରୁପ୍ 'ବ୍ରାଣ୍ଡ୍ ଫାଇନାନ୍ସ ଇଣ୍ଡିଆ ୧୦୦ ୨୦୨୬' ରିପୋର୍ଟରେ ଭାରତର ସବୁଠାରୁ ଦ୍ରୁତ ଗତିରେ ବଢ଼ୁଥିବା ବହୁମୁଖୀ ବ୍ୟବସାୟିକ ଗୋଷ୍ଠୀ (କଂଗଲୋମରେଟ୍) ବ୍ରାଣ୍ଡ ଭାବରେ ମାନ୍ୟତା ପାଇଛି। ଗ୍ରୁପର ବ୍ରାଣ୍ଡ୍ ମୂଲ୍ୟ ବାର୍ଷିକ ଆଧାରରେ ୫୫% ବୃଦ୍ଧି ପାଇ ୨.୩ ବିଲିୟନ ଆମେରିକୀୟ ଡଲାରରେ ପହଂଚିଛି। ବିଶ୍ୱର ଅଗ୍ରଣୀ ବ୍ରାଣ୍ଡ୍ ମୂଲ୍ୟାଙ୍କନ ପରାମର୍ଶଦାତା ସଂସ୍ଥା 'ବ୍ରାଣ୍ଡ୍ ଫାଇନାନ୍ସ' ଦ୍ୱାରା ପ୍ରକାଶିତ ଏହି ମାନ୍ୟତା, କ୍ଷମତା ସଂପ୍ରସାରଣ, ମୂଲ୍ୟଯୁକ୍ତ ଉତ୍ପାଦ ଓ ସ୍ଥାୟିତ୍ୱ କୈନ୍ଦ୍ରିକ ବିନିଯୋଗ ମାଧ୍ୟମରେ ଏହି ଗ୍ରୁପ୍ର ବଜାର ସ୍ଥିତି ଲଗାତାର ଭାବେ ସୁଦୃଢ଼ ହେଉଥିବାକୁ ଏହି ମାନ୍ୟତା ପ୍ରତିଫଳିତ କରୁଛି। ଏହି ମାନ୍ୟତା ଏପରି ଏକ ବର୍ଷରେ ମିଳିଛି ଯେତେବେଳେ ଭାରତର ବ୍ରାଣ୍ଡେଡ୍ ଅର୍ଥନୀତି ଉଲ୍ଲେଖନୀୟ ଦୃଢ଼ତା ପ୍ରଦର୍ଶନ କରିଛି। 'ବ୍ରାଣ୍ଡ୍ ଫାଇନାନ୍ସ ଇଣ୍ଡିଆ ୧୦୦ ୨୦୨୬' ରିପୋର୍ଟ ଅନୁଯାୟୀ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଡିଜିଟାଲ୍ ରୂପାନ୍ତରଣ, ଭିତ୍ତିଭୂମି, ଉତ୍ପାଦନ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ନବସୃଜନ କ୍ଷେତ୍ରରେ କ୍ରମାଗତ ବିନିଯୋଗ ଦ୍ୱାରା ଭାରତର ଶୀର୍ଷ ୧୦୦ଟି ବ୍ରାଣ୍ଡର ମିଳିତ ବ୍ରାଣ୍ଡ୍ ମୂଲ୍ୟ ବାର୍ଷିକ ୭% ବୃଦ୍ଧି ପାଇ ରେକର୍ଡ ୨୫୨.୮ ବିଲିୟନ ଆମେରିକୀୟ ଡଲାରରେ ପହଂଚିଛି। ଏହି ପରିପ୍ରେକ୍ଷୀରେ ଦେଶର ବୃହତ ବ୍ୟବସାୟିକ ଗ୍ରୁପ ବିଶିଷ୍ଟ ବ୍ରାଣ୍ଡଗୁଡ଼ିକ ମଧ୍ୟରେ ଜେଏସଡବ୍ଲ୍ୟୁ ଗ୍ରୁପ୍ର ୫୫% ବୃଦ୍ଧି ସବୁଠାରୁ ଦ୍ରୁତତମ ତଥା ଆଖିଦୃଶିଆ ହୋଇଛି। 'ବ୍ରାଣ୍ଡ୍ ଫାଇନାନ୍ସ ଇଣ୍ଡିଆ ୧୦୦ ୨୦୨୬' ରିପୋର୍ଟ ଭାରତର ଶୀର୍ଷ ୧୦୦ଟି ସବୁଠାରୁ ମୂଲ୍ୟବାନ ଓ ଶକ୍ତିଶାଳୀ ବ୍ରାଣ୍ଡଗୁଡ଼ିକୁ ମାନ୍ୟତା ପ୍ରଦାନ କରୁଛି, ଏବଂ ଏଥିରେ ବ୍ୟାଙ୍କିଂ, ଆଇଟି ସେବା, ଆତିଥେୟତା ଓ ଅନ୍ୟାନ୍ୟ ଶିଳ୍ପକୁ ନେଇ ଗଠିତ ଦଶଟି ଉପ-କ୍ଷେତ୍ର ର୍‍ୟାଙ୍କିଂ ମଧ୍ୟ ରହିଛି। ବ୍ରାଣ୍ଡ୍ ମୂଲ୍ୟକୁ ସେହି ଶୁଦ୍ଧ ଆର୍ଥିକ ଲାଭ ଭାବରେ ବୁଝାଯାଏ ଯାହା ଜଣେ ବ୍ରାଣ୍ଡ୍ ମାଲିକ ଖୋଲା ବଜାରରେ ବ୍ରାଣ୍ଡକୁ ଲାଇସେନ୍ସ ଦେଇ ହାସଲ କରିପାରିବେ ଏବଂ ବ୍ରାଣ୍ଡ୍ ଶକ୍ତି ଏହାର ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ଅଦୃଶ୍ୟ ମାପଦଣ୍ଡଗୁଡ଼ିକ ଉପରେ ଏକ ବ୍ରାଣ୍ଡର କାର୍ଯ୍ୟଦକ୍ଷତାର ପ୍ରଭାବକୁ ମାପିଥାଏ।

# ଏମ୍ସ ଭୁବନେଶ୍ୱର ୧୪ତମ ପ୍ରତିଷ୍ଠା ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏମ୍ସ ଭୁବନେଶ୍ୱର ଏହାର ୧୪ତମ ପ୍ରତିଷ୍ଠା ଦିବସ ବୁଧବାର ପାଳନ କରିଛି। ଏହି ଅବସରରେ ଏମ୍ସ ନାଗପୁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ପ୍ରଶାନ୍ତ ପି. ଯୋଶୀ ମୁଖ୍ୟ ଅତିଥି ଏବଂ ଏମ୍ସ ଭୋପାଳ ଅଧକ୍ଷ ତଥା ଏମ୍ସ ଭୁବନେଶ୍ୱରର ପ୍ରଥମ ନିର୍ଦ୍ଦେଶକ ଡ. ଅଶୋକ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମାବେଶକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଡ. ଯୋଶୀ ଏକ ତୁଳନାତ୍ମକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ସମଗ୍ର ଭାରତର ଏକ ପ୍ରମୁଖ ଉତ୍କର୍ଷ କେନ୍ଦ୍ର ଭାବେ ଏମ୍ସ ଭୁବନେଶ୍ୱରର ଦ୍ରୁତ ରୂପାନ୍ତରକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦେଶର ଅନ୍ୟ ପ୍ରତିଷ୍ଠାନଗୁଡ଼ିକ ପାଇଁ ଏକ ମାନଦଣ୍ଡ ସ୍ଥାପନ କରିଛି, ଯାହାର ସଫଳତା ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ସମର୍ପିତ ଦଳଗତ କାର୍ଯ୍ୟ ଏବଂ ଗୁଣାତ୍ମକ ରୋଗୀ ସେବା ପ୍ରତି ଅଟଳ ପ୍ରତିବଦ୍ଧତାକୁ ଶ୍ରେୟ ଦେଇଛି। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ଅବସରରେ ସମ୍ପୂର୍ଣ୍ଣ ଏମ୍ସ ପରିବାରକୁ ଅଭିନନ୍ଦନ ଜଣାଇଥିଲେ। ସମ୍ମାନିତ ଅତିଥି ଡ. ଅଶୋକ କୁମାର ମହାପାତ୍ର ପ୍ରତିଷ୍ଠାନର ଉଲ୍ଲେଖନୀୟ ଯାତ୍ରା ଏବଂ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ବର୍ଷ ବର୍ଷ ଧରି ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ପ୍ରଶଂସା କରିବା ସହିତ, ଏହି ଉତ୍କର୍ଷତାକୁ ବଜାୟ ରଖିବା ପାଇଁ ନିରନ୍ତର କଠିନ ପରିଶ୍ରମ, ନବସୃଜନ ଏବଂ ସମର୍ପଣ ମନୋଭାବର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଉତ୍ସବରେ ଡିନ୍ (ଏକାଡେମିକ୍) ଡ. ଦିଲ୍ଲୀପ କୁମାର ପରିଡ଼ା, ମେଡିକାଲ୍ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ, ଡିନ୍ (ପରୀକ୍ଷା) ଡ. ମନସ୍ୱିନୀ ମଙ୍ଗରାଜ, ଡିନ୍ (ଗବେଷଣା) ଡ. ବୈଜୟନ୍ତୀମାଳା ମିଶ୍ର ଏବଂ ଡିଡିଏ ଲେଫ୍ଟନାଂଟ କର୍ଣ୍ଣେଲ ଅଭିଜିତ ସରକାର ପ୍ରମୁଖ ମଞ୍ଚାସୀନ ଥିଲେ। ୧୪ତମ ପ୍ରତିଷ୍ଠା ଦିବସ ଅବସରରେ ପୂର୍ବାହ୍ନରେ, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ବିଶିଷ୍ଟ ବ୍ୟକ୍ତିମାନେ ଭାରତରତ୍ନ, ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. MSM-SITC-PNEU-SBP-9-26

**କାର୍ଯ୍ୟର ନାମ :** କୋଚିଙ୍ଗ୍ ଡିପୋ, ସମ୍ବଲପୁରର ସମନ୍ୱିତ ପିଟ୍ ଲାଇନ୍‌ଗୁଡ଼ିକ ଠାରେ ନିଉମେଟିକ୍ (Pneumatic) ଉପକରଣଗୁଡ଼ିକର ବ୍ୟବହାରକୁ ସରଳ କରିବା ପାଇଁ ପେନୁମେଟିକ୍ ପାଇପ୍ ଲାଇନ୍‌ର ଯୋଗାଣ, ସଂସ୍ଥାପନ ଏବଂ ପ୍ରଚଳନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹ 31,99,900.82, EMD: ₹64,000.00, କାର୍ଯ୍ୟ ଶେଷ ହେବା ଅବଧି : 03 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ :** 31.07.2026, ସମୟ : 15.00 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦିଆଯାଇଥିବ ଏବଂ ଠିକ୍ ସମୟରେ ମିଳିଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଂଜିନିୟର (EnHM)/ସମ୍ବଲପୁର

PR-299/R/26-27

# ରଥଯାତ୍ରା ଲାଗି ନିଶା କାରବାରରେ କଟକଣା

**ପୁରୀ, ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ପାଇଁ ଚଳଚଞ୍ଚଳ ହେଲାଣି ଶ୍ରୀକ୍ଷେତ୍ର । ଶ୍ରୀଗୁଣ୍ଡିଚା ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ପୁରୀରେ ଲାଗିବ ଖଚାଖଚ୍ ଭିଡ଼। କଡ଼ା ନଜରରେ ରହିବ ସହର । ଏପରିକି ସହର ତଳି ଅଞ୍ଚଳ ବି ସୁରକ୍ଷା ବଳୟ ଭିତରେ ରହିବ । ତେଣୁ ରଥଯାତ୍ରା ଗହଳିକୁ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ମଦ ଦୋକାନ ବନ୍ଦ ଲାଗି ନିର୍ଦ୍ଦେଶ ଜାରି କରାଯାଇଛି । ରଥଯାତ୍ରା ଅବସରରେ ସହରର ସମେତ ସଦର ଉପକଣ୍ଠରେ ସମସ୍ତ ବିଦେଶୀ, ଦେଶୀ ମଦ ଦୋକାନ ଓ ବାର୍ ପାଖାପାଖି ୪ ଦିନ ବନ୍ଦ ରହିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ । ଅବକାରୀ ଅଧୀକ୍ଷକ ଶ୍ରୀ ସାମଲଙ୍କ ସୂଚନା ଅନୁସାରେ, ସହର ଓ ଉପକଣ୍ଠରେ ଥିବା ୨୫ଟି ଠିପି ବନ୍ଦ ଓ ଠିପି ଖୋଲା ଏବଂ ୬ରୁ ଊର୍ଦ୍ଧ୍ୱ ଭାଙ୍ଗ ଦୋକାନ ବନ୍ଦ ରହିବ । ରଥଯାତ୍ରା ପୂର୍ବଦିନ ଅର୍ଥାତ୍ ୧୫ ତାରିଖ ଅପରାହ୍ଣ ୪ଟାରୁ ୧୬ ତାରିଖ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନି ରଥ ପହଞ୍ଚିବା ପର୍ଯ୍ୟନ୍ତ ସମସ୍ତ ଦୋକାନ ବନ୍ଦ ରହିବ । ସେହିଭଳି ବାହୁଡ଼ା ଯାତ୍ରା ପୂର୍ବଦିନ ଅର୍ଥାତ୍ ୨୩ ତାରିଖ ଅପରାହ୍ଣ ୪ଟାରୁ ୨୪ତାରିଖ ବାହୁଡ଼ା ଯାତ୍ରା ଓ ୨୫ ତାରିଖ ସୁନାବେଶ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସମସ୍ତ ମଦ ଦୋକାନ ଓ ବାର୍ ବନ୍ଦ ରହିବ । ଏହି କଟକଣା ସହର ନିକଟବର୍ତ୍ତୀ ଚନ୍ଦନପୁର, ଜାନକାଦେଇପୁର ଓ ବଳିଆପଣ୍ଡା ରୟାଲ ପ୍ୟାଲେସ ରେଷ୍ଟୋରାଁ ଏବଂ ତୋଷାଳି ସ୍ୟାଣ୍ଡ ପର୍ଯ୍ୟନ୍ତ ଲାଗୁ ହେବ ବୋଲି ଶ୍ରୀ ସାମଲ ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ ଏହି ୪ ଦିନ ସହ ରଥଯାତ୍ରା ସମୟରେ ମୋଟା ଅଙ୍କର କାରବାର କରିବାକୁ ଚୋରା ବେପାରୀମାନେ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ସହରର ପେଣ୍ଟକଟା, ଅଠରନଳା, ସ୍ୱର୍ଗଦ୍ୱାର, ତାଳବଣିଆ ଓ ବଡ଼ଦାଣ୍ଡ ନିକଟ କିଛି ଗଳିକନ୍ଦିରେ ବିଦେଶୀ ମଦ କାରବାର ଜାରି ରହିଛି। ନିକଟରେ ରହିଥିବା ସରକାରୀ ମଦ ଦୋକାନରୁ ବିପୁଳ ପରିମାଣରୁ ମଦ କିଣି ନିଜ ନିଜର ସୁରକ୍ଷିତ ସ୍ଥାନରେ ଗଚ୍ଛିତ ରଖିଥିବା ନେଇ ବିଶେଷ ସୂତ୍ରର ସୂଚନା ମିଳିଛି ।

ଭୁବନେଶ୍ୱର, ୧୬ ଜୁଲାଇ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ କରିବ ଆଇସିଆର : ଏନ୍‌ଏଚ୍‌ରେ ଗାଡ଼ି ଗଣିବ କ୍ୟାମେରା

**ପୁରୀ ୧୫/୦୭ ନ୍ୟୁଜ ବ୍ୟୁରୋ**

ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ । ହଜାର ହଜାର ସଂଖ୍ୟାର ଗାଡ଼ି ପୁରୀ ଆସିବ। ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ମୋବିଲିଟି ପ୍ଲାନ୍ ପ୍ରସ୍ତୁତ ହୋଇଛି । ଟ୍ରାଫିକ ପରିଚାଳନା ସହ ଭିଡ଼ ନିୟନ୍ତ୍ରଣକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଚଳିତବର୍ଷ ଭିଡ଼କୁ ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ୍ ରୁମ୍ (ଆଇସିଆର) ଜରିଆରେ ପରିଚାଳନା କରାଯିବ । ରଥଯାତ୍ରା ଭିଡ଼ରେ ଟ୍ରାଫିକ ପରିଚାଳନା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳର ସହାୟତା ନିଆଯାଇଛି। ଏଥିସହ ଏକ ହ୍ୱାଟ୍‌ସ ଆପ୍ ଚାଟ୍‌ବଟ୍ ଖୋଲାଯାଇଛି । ଏଥିରେ ଏକ କ୍ୟୁଆର ସ୍କାନର ରହିଛି। ଏହି ସ୍କାନରକୁ ବିଭିନ୍ନ ସ୍ଥାନରେ ଲଗାଯିବ। ଏହି ସ୍କାନରକୁ ଶ୍ରଦ୍ଧାଳୁମାନେ ମୋବାଇଲରେ ସ୍କାନ୍ କରିବା ଦ୍ୱାରା କେଉଁ ପାର୍ଶ୍ୱର୍ରେ ସୁବିଧାରେ ଯାଇ ସିଧାସଳଖ ପାର୍କିଂରେ ପହଞ୍ଚିବେ ସେ ସମ୍ପର୍କରେ ଅବଗତ ହୋଇପାରିବେ ।







# କିଟ୍ ଛାତ୍ରୀ 'ଇଣ୍ଡିଆନ୍ ଆଇଡଲ୍' ୨୦୨୬

## ଗ୍ରାଣ୍ଡ ଫିନାଲିଷ୍ଟ ଜ୍ୟୋତିର୍ମୟୀଙ୍କ ହୋମ୍‌କମିଂ ସେଲିବ୍ରେସନ୍



**ଭୁବନେଶ୍ୱର, ୧୫।୭ ନ୍ୟୁଜ ବ୍ୟୁରୋ**

ସୋନି ଟିଭିର ଲୋକପ୍ରିୟ ରିଆଲିଟି ଶୋ 'ଇଣ୍ଡିଆନ୍ ଆଇଡଲ୍' ସିଜନ୍ ୧୬ର ଗ୍ରାଣ୍ଡ ଫିନାଲେରେ ପହଞ୍ଚିଥିବା କିଟ୍ ଛାତ୍ରୀ ତଥା ଓଡ଼ିଆ କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକଙ୍କ ହୋମ୍ କମିଂ ସେଲିବ୍ରେସନ୍ ଅବସରରେ ତାଙ୍କୁ କିଟ୍ ଓ କିସ୍ ପକ୍ଷରୁ ବୁଧବାର ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ଜ୍ୟୋତିର୍ମୟୀ ଆଜି ସକାଳେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯିବା ସହ ତାଙ୍କ ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା।
ଅପରାହ୍ଣରେ ନିଜ ଶିକ୍ଷାନୁଷ୍ଠାନ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ନିମନ୍ତେ ବ୍ୟାପକ ଆୟୋଜନ କରାଯାଇଥିଲା। ସେ କିଟ୍ କ୍ୟାମ୍ପସରେ ପହଞ୍ଚିବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ତାଙ୍କୁ ସ୍ୱାଗତ କରିବା ସହ କିଟ୍‌ର ଶତାଧିକ କର୍ମଚାରୀ ଓ ଛାତ୍ରଛାତ୍ରୀ ତାଙ୍କୁ ପାରମ୍ପରିକ ନୃତ୍ୟ ଓ ସଂଗୀତ ମଧ୍ୟରେ ଅଭିନନ୍ଦନ ଜଣାଇଥିଲେ। ସେ କିଟ୍‌ର ବିଭିନ୍ନ କ୍ୟାମ୍ପସ ପରିଦର୍ଶନ କରିବା ପରେ କିସ୍ ଶ୍ରୀବାଣୀକ୍ଷେତ୍ରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ। ପରେ କିସ୍ କ୍ୟାମ୍ପସରେ କିସ୍ ଛାତ୍ରଛାତ୍ରୀ ଜନଜାତି ନୃତ୍ୟଗୀତରେ ଜ୍ୟୋତିର୍ମୟୀଙ୍କୁ ସ୍ୱାଗତ କରିଥିଲେ। ସେଠାରେ ସେ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ସଂଗୀତ ପରିବେଷଣ କରି ସେମାନଙ୍କୁ ଉତ୍ସାହିତ କରିଥିଲେ।
ପରେ କିଟ୍ ଅଡିଟୋରିୟମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶୋକ ପତି, ଅଭିନେତା ଦେବାଶିଷ ପାତ୍ର, ପୁପିନ୍ଦର ସିଂହ, କଣ୍ଠଶିଳ୍ପୀ ସ୍ୱୟଂ ପାଢ଼ୀ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ଜ୍ୟୋତିର୍ମୟୀ ଓ ତାଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।
ଏହି ଅବସରରେ ଡ. ସାମନ୍ତ କହିଲେ, ଜ୍ୟୋତିର୍ମୟୀଙ୍କ ଉପରେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ସହ ସମସ୍ତ ଓଡ଼ିଆଙ୍କ ଶୁଭେଚ୍ଛା ରହିଛି। ଜ୍ୟୋତିର୍ମୟୀ ନିଶ୍ଚିତ ଭାବେ ଇଣ୍ଡିଆନ୍ ଆଇଡଲ୍ ଟାଇଟଲ୍ ହାସଲ କରିବେ ବୋଲି ସେ ଆଶାପୋଷଣ କରିଥିଲେ। ସୂଚନାଯୋଗ୍ୟ, ଜ୍ୟୋତିର୍ମୟୀ ପ୍ରଥମ ଓଡ଼ିଆ କଣ୍ଠଶିଳ୍ପୀ ଭାବେ ଏଭଳି ଜାତୀୟସ୍ତରୀୟ କାର୍ଯ୍ୟକ୍ରମର ଗ୍ରାଣ୍ଡ ଫିନାଲେରେ ପହଞ୍ଚି ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି। ଏହା ଓଡ଼ିଶା ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଇଣ୍ଡିଆନ୍ ଆଇଡଲର ଗ୍ରାଣ୍ଡ ଫିନାଲେ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ସେ ପ୍ରଥମ ଓଡ଼ିଆ ପ୍ରତିଯୋଗୀ।



**ପୁରୀ : ରଥଯାତ୍ରା ପୂର୍ବରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରଥଯାତ୍ରା ପାଇଁ ଗୁରୁତତ୍ୱପୂର୍ଣ୍ଣ ଆଲୋଚନା ଶଙ୍କରାଚାର୍ଯ୍ୟଙ୍କ ସହ ମୁଖ୍ୟମନ୍ତ୍ରୀ କରିଥିଲେ। ରଥଯାତ୍ରା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶକୁ ମାନିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଛନ୍ତି ଶଙ୍କରାଚାର୍ଯ୍ୟ । (ଫଟୋ : ସମ୍ବାଦ କଳିକା)**







# ବିଧାନସଭାର କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହେଲେ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୧୫।୭ ନ୍ୟୁଜ ବ୍ୟୁରୋ**

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଭୁବନେଶ୍ୱର ଶାଖା ପକ୍ଷରୁ ଯୁବ ଭାରତୀୟ ସଂସଦ କାର୍ଯ୍ୟକ୍ରମ ଅଧିନରେ ଓଡ଼ିଶା ବିଧାନସଭାର କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରିବା ପାଇଁ ଶିକ୍ଷା ପରିଦର୍ଶନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ୮ଟି ବିଦ୍ୟାଳୟର ନବମରୁ ଦ୍ୱାଦଶ ଶ୍ରେଣୀର ପ୍ରାୟ ୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ଓଡ଼ିଶା ବିଧାନସଭାର ଏକ ଗୌରବମୟ ଐତିହ୍ୟ ଓ ପରମ୍ପରା ରହିଛି । ବିଧାନସଭା ହେଉଛି ଗଣତନ୍ତ୍ରର ମନ୍ଦିର । ଏହାର ଗରିମା ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ । ଛାତ୍ରଛାତ୍ରୀମାନେ ସେମାନଙ୍କର ପାଠ୍ୟକ୍ରମରେ ବିଧାନସଭା ଓ ସଂସଦର କାର୍ଯ୍ୟ, ଧାରା ଓ ପରିସର ସମ୍ପର୍କିତ ଜ୍ଞାନ ଆହରଣ କରୁଥିଲେ ମଧ୍ୟ ଏଭଳି ଶିକ୍ଷାବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନେ ବିଧାନସଭାର କାର୍ଯ୍ୟଧାରା ସମ୍ପର୍କରେ ବିଷଦ ଭାବେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିପାରିବେ।

